

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୨୫ ଡିସେମ୍ବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 25 DECEMBER 2020

Vol.No. 30 ■ No. 327 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ବହୁ ଅପେକ୍ଷାର ଅବସାନ ଘଟାଇ ପ୍ରକାଶ ପାଇଛି ପୂଜାସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ସହରାଂଚଳ ବିକାଶରେ ଓଡିଶା ହେବ ରୋଲ ମଡେଲ : ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର,୨୪।୧୨ (ନି.ପ୍ର): ରାଜ୍ୟର ପ୍ରଥମ ଟାଉନ ପ୍ଲାନିଂ ଯୋଜନାରେ ଆଜି ଭୁବନେଶ୍ୱର ଉପକଣ୍ଠର ୪ଟି ଗାଁ ସହଜପୁର, ନାରଗୋଦା, ସିଜୁପୁଟ ଓ ପାଇକରାପୁରର ଗ୍ରାମବାସୀମାନଙ୍କୁ ବିକଶିତ ଅଂଚଳର ଜମିପଟ୍ଟା ଆବଂଟନ କରାଯାଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଭିଡିଓ କନ୍‌ଫରେନସିଂ ଜରିଆରେ ପଟ୍ଟା ଆବଂଟନ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସହରାଂଚଳ ବିକାଶରେ ନାଗରିକ ଓ ଗୋଷ୍ଠୀଗତ ଭାଗିଦାରୀ ଏକ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ରହିଛି । ଲୋକଙ୍କ ସହଯୋଗରେ ସହରାଂଚଳରେ ଏହିଭଳି ଯୋଜନାବଦ୍ଧ ବିକାଶ କାର୍ଯ୍ୟକ୍ରମ ଜରିଆରେ ଓଡିଶାକୁ ଦେଶର ରୋଲମଡେଲ କରିବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ ବୋଲି ସେ କହିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଭୁବନେଶ୍ୱର କେବଳ ରାଜ୍ୟ ନୁହେଁ, ସାରା ଦେଶର ଏକ ଆକର୍ଷଣୀୟ ସହର । ଏହାର ଲୋକସଂଖ୍ୟା ଓ ପରିସୀମା କ୍ରମାଗତଭାବେ ବୃଦ୍ଧି ପାଉଛି । ଏ ଦୃଷ୍ଟିରୁ ଏହାର ସାମଗ୍ରିକ ବିକାଶ ପାଇଁ ଭୁବନେଶ୍ୱର

▶▶ପୃଷ୍ଠା ୭

### ରାଉରକେଲାରେ ହେବ ଦେଶର ବୃହତମ ହକି ଷ୍ଟାଡିୟମ୍

ଭୁବନେଶ୍ୱର,୨୪।୧୨ (ନି.ପ୍ର): ୨୦୨୩ ରେ ଓଡିଶାରେ ପୁଣିଥରେ ପୁରୁଷ ହକି ବିଶ୍ୱକପ୍ ଆୟୋଜିତ ହେବାକୁ ଯାଉଛି। ଏହା ପୂର୍ବରୁ ସୁନ୍ଦରଗଡ ଜିଲ୍ଲାର ରାଉରକେଲା ସହରରେ ଏକ ନୂତନ ଆନ୍ତର୍ଜାତୀୟ ହକି ଷ୍ଟାଡିୟମ୍ ନିର୍ମାଣ କରାଯିବ ବୋଲି ଗୁରୁବାର ଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ୨୦ ହଜାରରୁ ଅଧିକ ଦର୍ଶକ ବସିବା ପାଇଁ ବ୍ୟବସ୍ଥା ଥିବା ଏହି ଷ୍ଟାଡିୟମ୍ ହେବ ଭାରତର ବୃହତମ ହକି ଷ୍ଟାଡିୟମ୍। ରାଉରକେଲାର 'ବିଜୁ ପଟ୍ଟନାୟକ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି' ପରିସରରେ ୧୫ ଏକର ଜମିରେ ଏହି ଷ୍ଟାଡିୟମ୍ ନିର୍ମାଣ କରାଯିବ। ଏଥିରେ ସମସ୍ତ ପ୍ରକାର ଆଧୁନିକ ସୁବିଧା ରହିବ।

▶▶ପୃଷ୍ଠା ୭





ପବିତ୍ର ବଡ଼ଦିନ ପର୍ବ ହେଉଛି ଶାନ୍ତି, ମୈତ୍ରୀ ଓ ମାନବତାବାଦର ପର୍ବ । ଏ ଅବସରରେ ମୁଁ ଓଡ଼ିଶାର ସମସ୍ତଙ୍କୁ ବିଶେଷତଃ ଖ୍ରୀଷ୍ଟିଆନ୍ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଆନ୍ତରିକ ଅଭିନନ୍ଦନ ଜଣାଇବା ସହ ସମସ୍ତଙ୍କର ଶ୍ରୀ, ଶାନ୍ତି ଓ ସମୃଦ୍ଧି କାମନା କରୁଛି ।

(ଗଣେଶୀ ଲାଲ)
ମାନ୍ୟବର ରାଜ୍ୟପାଳ, ଓଡ଼ିଶା

OIPR : 15001/13/0109/2021


### ନୟାଗଡରେ ପହଂଚିଲା "ପରୀକୁ ନ୍ୟାୟ ପାଇଁ ପଦଯାତ୍ରା"

## ପରୀ ଓ ୫ ହଜାର ନିଖୋଜ ଶିଶୁଙ୍କ ପାଇଁ ଗାଁ ଗାଁରେ ଆନ୍ଦୋଳନ କରିବ ବିଜେପି: ସମୀର ମହାନ୍ତି

ଭୁବନେଶ୍ୱର,୨୪।୧୨ (ନି.ପ୍ର): ନୟାଗଡ ଯଦୁପୁରର କୁନି ପରି ସମେତ ଓଡିଶାର ନିଖୋଜ ୫ ହଜାର ପିଲାଙ୍କୁ ଖୋଜିବା ଦାବି ନେଇ ବିଜେପି ପକ୍ଷରୁ ଚାଲିଥିବା ପଦଯାତ୍ରା ଆଜି ନୟାଗଡରେ ଶେଷ ହୋଇଛି । ତେବେ ଏହି ପ୍ରତିବାଦ ଆଗାମୀ ଦିନରେ ଗାଁ ଗାଁରେ ହେବ । ଯେଉଁ ପର୍ଯ୍ୟନ୍ତ ରାଜ୍ୟସରକାର ପରୀ ସମେତ ୫ ହଜାର ନିଖୋଜ ଶିଶୁଙ୍କ ପରିବାରକୁ ନ୍ୟାୟ ଦେଇପାରିନାହାଁନ୍ତି ସେ ଯାଏଁ ବିଜେପି ସ୍ଥିର ଭାବେ ବସିପାରିବ ନାହିଁ ବୋଲି ବିଜେପି ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି କହିଛନ୍ତି । ଏ ଅପାରଗ ସରକାର ବିରୁଦ୍ଧରେ ଜନଜାଗରଣ କରିବା ପାଇଁ ବିଜେପି ଗାଁ ଗାଁରେ



ବୁଲି ପ୍ରତିବାଦ କରିବ ବୋଲି ଶ୍ରୀ ମହାନ୍ତି କହିଛନ୍ତି । ରାଜ୍ୟ ସରକାର ପରୀର ପରିବାରକୁ ନ୍ୟାୟ ଦେବା ବଦଳରେ ତାଙ୍କ ଦଳର ନେତା ବାବୁଲି ନାଏକ ଓ ତାଙ୍କ ମନ୍ତ୍ରୀ ଅରୁଣ ସାହୁଙ୍କୁ ସୁରକ୍ଷା ଦେବାରେ ଲାଗିଛନ୍ତି । ସେପଟେ ଘଟଣାର ତଦନ୍ତ ଦାୟିତ୍ୱ ଦେଇଥିବା ଆଇପିଏସ ଅରୁଣ ବୋଥ୍ରା ଏବେ ସରକାରଙ୍କୁ ସୁରକ୍ଷା ଦେବାକୁ ଯାଇ ଲିପାପୋତା କାମରେ ଲାଗିଛନ୍ତି । ପରିବାର ଲୋକେ ବାରମ୍ବାର ଏହି ଘଟଣାରେ ମନ୍ତ୍ରୀ ଅରୁଣ ସାହୁଙ୍କ ସଂପୃକ୍ତି ଅଭିଯୋଗ ଆଣିଥିବାବେଳେ

▶▶ପୃଷ୍ଠା ୭

### ପାଠକ ବାପା ଓ ପୁଅଙ୍କ ଜାମିନ ଆବେଦନ ଖାରଜ

ଭୁବନେଶ୍ୱର,୨୪।୧୨ (ନି.ପ୍ର): ଭୁବନେଶ୍ୱର ସ୍କାଏ କିଙ୍ଗ ୬୫ ଲକ୍ଷ ଟଙ୍କା ଠକେଇ ମାମଲାରେ ଆଇଏଫଏସ ଅଧିକାରୀ ଅଭୟକାନ୍ତ ପାଠକ ତାଙ୍କ ପୁଅଙ୍କ ଜାମିନ ଆବେଦନକୁ କୋର୍ଟ ଖାରଜ କରିଛନ୍ତି । ମିଳିଥିବା ସୂଚନା ଅନୁସାରେ, ଏଡିଜେ-୩ କୋର୍ଟ ସେମାନଙ୍କର ଜାମିନ ଆବେଦନ ଖାରଜ କରିଛନ୍ତି ।

### ବ୍ରିଟେନ ଫେରନ୍ତା ଯୁବକଙ୍କ ନମୁନା ପରୀକ୍ଷା ଲାଗି ଏନଆଇଭିକୁ ଗଲା

ଭୁବନେଶ୍ୱର,୨୪।୧୨ (ନି.ପ୍ର): ବ୍ରିଟେନ ଫେରନ୍ତା ଯୁବକଙ୍କ ନମୁନା ପରୀକ୍ଷା ଲାଗି ପୁନେର ଏନଆଇଭି ଯାଇଛି। ସେଠାରେ ଜିନମ ସିକ୍ୟୁଏନ୍ସ ପରେ ନୂଆ ଷ୍ଟ୍ରେନ କି ନୁହେଁ ଜଣାପଡ଼ିବ ।

▶▶ପୃଷ୍ଠା ୭





ପବିତ୍ର ବଡ଼ଦିନ ଉପଲକ୍ଷେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଉଛି ଏବଂ ଏକ ସମୃଦ୍ଧ ଓଡ଼ିଶା ଗଠନରେ ସମସ୍ତଙ୍କ ସହଯୋଗ କାମନା କରୁଛି ।

ରାଜ୍ୟର କୋଭିଡ ପରିସ୍ଥିତିରେ ଅନେକ ପରିମାଣରେ ଉନ୍ନତି ଆସିଲେ ମଧ୍ୟ ସତର୍କ ନରହିଲେ ବିପଦ ବଢ଼ିବାର ସମ୍ଭାବନା ରହିଛି । ତେଣୁ କୋଭିଡ ନିୟମାବଳୀର ଅନୁପାଳନ ସହିତ ସମସ୍ତ କାର୍ଯ୍ୟକ୍ରମ କରିବା ପାଇଁ ମୁଁ ସମସ୍ତଙ୍କୁ ଅନୁରୋଧ କରୁଛି ।

(ନବୀନ ପଟ୍ଟନାୟକ)
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR : 15001/13/0109/2021


### ରାଜ୍ୟର ୧୧ଟି ସହରରେ ତାପମାତ୍ରା ୧୦ ଡିଗ୍ରୀ ତଳେ

ଭୁବନେଶ୍ୱର,୨୪।୧୨ (ନି.ପ୍ର): ଗୁରୁବାର ଦିନ ରାଜ୍ୟର ୧୧ଟି ସହରରେ ତାପମାତ୍ରା ୧୦ ଡିଗ୍ରି ତଳେ ଥିବା ନେଇ ସୂଚନା ମିଳିଛି। ଫୁଲବାଣୀରେ ସବୁଠାରୁ କମ ତାପମାତ୍ରା ୪.୫ ଡିଗ୍ରି ଥିବାର ସୂଚନା ମିଳିଛି। ମିଳିଥିବା ସୂଚନା ଅନୁସାରେ ରାଜ୍ୟର ଅନ୍ୟ ଯେଉଁ ସ୍ଥାନରେ ତାପମାତ୍ରା ୧୦ ଡିଗ୍ରି ତଳେ ରହିଛି, ସେଥିମଧ୍ୟରେ ଅନୁଗୁଳରେ ୬ ଡିଗ୍ରି, ଦାରିଙ୍ଗବାଡିରେ ୮ ଡିଗ୍ରି, ଭବାନୀପାଟଣାରେ ୮.୨ ଡିଗ୍ରି, କୋରାପୁଟରେ ୮.୬ ଡିଗ୍ରି, ଝାରସୁଗୁଡ଼ାରେ ୮.୮ ଡିଗ୍ରି, ସୁନ୍ଦରଗଡ଼ରେ ୯.୫ ଡିଗ୍ରି, କେନ୍ଦୁଝରରେ ୯.୯ ଡିଗ୍ରି, ବଲାଙ୍ଗୀରରେ ୯.୫ ଡିଗ୍ରି, ବୌଦ୍ଧରେ ୯.୫ ଡିଗ୍ରି ଏବଂ ସୋନପୁରରେ ୯.୮ ଡିଗ୍ରି ତାପମାତ୍ରା ରେକର୍ଡ କରାଯାଇଛି। ଏହାଛଡ଼ା କଟକରେ ୧୨ ଡିଗ୍ରି ଏବଂ ଭୁବନେଶ୍ୱର ଠାରେ ୧୩.୮ ଡିଗ୍ରି ତାପମାତ୍ରା ରେକର୍ଡ କରାଯାଇଥିବା ନେଇ ସୂଚନା ମିଳିଛି ।

## ଜେଲ୍ ଗଲେ ସରୋଜ ସେଠୀ

ନୟାଗଡ଼,୨୪।୧୨ (ନି.ପ୍ର): ନୟାଗଡ଼ ବହୁ ଚର୍ଚ୍ଚିତ ପରୀ ହତ୍ୟା ମାମଲାରେ ଗିରଫ ଅଭିଯୁକ୍ତ ସରୋଜ ସେଠୀ ଜେଲ୍ ଗଲେ । ୩ ଦନିଆ ରିମାଣ୍ଡ ପରେ ରୋଜଙ୍କୁ ନକ୍ସୋ କୋର୍ଟରେ ହାଜର କରହିଥିବା ପୁଲିସ । ରିମାଣ୍ଡ ସରିଥିବାରୁ ବିଚାରବିଭାଗୀୟ ହେପାଜତକୁ ଗଲେ ସରୋଜ ।

▶▶ପୃଷ୍ଠା ୭







ପବିତ୍ର ବଡ଼ଦିନ ଉପଲକ୍ଷେ ମୁଁ ସମସ୍ତ ଓଡ଼ିଶାବାସୀ ବିଶେଷ କରି ଖ୍ରୀଷ୍ଟିଆନ୍ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ସଂପ୍ରୀତି ଓ ଭାଇଚାରାର ଭାବ ରଖି ଆସନ୍ତୁ ପ୍ରଭୁ ଯୀଶୁଙ୍କର ଧରାବତରଣକୁ କୋଭିଡ କଟକଣା ଅନୁପାଳନ ସହ ଆନନ୍ଦ ଉଲ୍ଲାସରେ ପାଳନ କରିବା ।

(ରଘୁନନ୍ଦନ ଦାସ)
ଜଳସଂପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ

OIPR : 15001/13/0109/2021


## ନବ ବିବାହିତାଙ୍କ ମୃତଶରୀର ଉଦ୍ଧାର : ବାପଘର ଲୋକଙ୍କ ହତ୍ୟା ଅଭିଯୋଗ



ବାଲେଶ୍ୱର,୨୪।୧୨ (ନି.ପ୍ର): ଶୋଇବାଘରୁ ଝୁଲନ୍ତା ଜନୈକ ମହିଳାଙ୍କ ଝୁଲନ୍ତା ମୃତଦେହକୁ ବୁଧବାର ଦିନ ଉଦ୍ଧାର କରାଯାଇଛି। ଶୋଇବାଘର ସିଲିଂଫ୍ୟାନ୍‌ରେ ଫାଶୀ ଅବସ୍ଥାରେ ତାଙ୍କୁ ପୁଲିସ ଉଦ୍ଧାର କରିଛି। ମୃତ ମହିଳା ଜଣକ ହେଲେ ସଦର ଥାନା ଅନ୍ତର୍ଗତ ଯୁଧିଷ୍ଠିରପୁର ଗ୍ରାମର ଚିରଞ୍ଜୀବି ପୃଷ୍ଟିଙ୍କ ପତ୍ନୀ ପଲ୍ଲବୀ ଜ୍ୟୋତି ବେହେରା। ୧୦ମାସ ଆଗରୁ ଦୁଇଜଣଙ୍କର ବିବାହ ହୋଇଥିଲା। ଚାନ୍ଦିପୁର ଥାନା ଅନ୍ତର୍ଗତ ରଣସାହି ଗ୍ରାମର କାର୍ତ୍ତିକ ବେହେରାଙ୍କ କନ୍ୟା ପଲ୍ଲବୀ ଓ ଯୁଧିଷ୍ଠିରପୁର ଗ୍ରାମର ଲକ୍ଷ୍ମଣ ପୃଷ୍ଟିଙ୍କ ପୁତ୍ର ଚିରଞ୍ଜୀବି ନେଟୱାର୍କିଂ ସଂସ୍ଥାରେ କାର୍ଯ୍ୟ କରିବା ଅବସରରେ ଉଭୟଙ୍କ ମଧ୍ୟରେ ପ୍ରେମ ହୋଇଥିଲା। ଭିନ୍ନ ଜାତିର ହୋଇଥିଲେ ମଧ୍ୟ ଦୁଇପରିବାରର ସମ୍ମତି କ୍ରମେ ଉଭୟଙ୍କର ବିବାହ କରାଯାଇଥିଲା। ବିବାହର ବର୍ଷେ ନପୂରୁଣୁ ପଲ୍ଲବୀଙ୍କ ମୃତ୍ୟୁକୁ ନେଇ ତାଙ୍କ ପରିବାର ଲୋକେ ହତ୍ୟା ଅଭିଯୋଗ କରିଛନ୍ତି। ଜାତିକୁ ନେଇ ଶ୍ୱଶୂରଘର ଲୋକେ ତାଙ୍କୁ ସର୍ବଦା ଅପବାଦ ଦେଉଥିଲେ ବୋଲି ପଲ୍ଲବୀଙ୍କ ବାପଘର ଲୋକେ ପୁଲିସଠାରେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଜିଲାମୁଖ୍ୟ ଚିକିତ୍ସାଳୟରେ ଆଜି ଉଭୟ ପକ୍ଷ ଲୋକଙ୍କ ମଧ୍ୟରେ ସାମାନ୍ୟ ଉତ୍ତେଜନା ଦେଖାଦେଇଥିଲା। ତେବେ ମୃତ ପଲବୀଙ୍କ ବାପଘର ଲୋକଙ୍କ ଅଭିଯୋଗକୁ ଗ୍ରହଣ ପରେ ମୃତଶରୀର ବ୍ୟବଚ୍ଛେଦ କରାଯାଇଥିଲା। ରିପୋର୍ଟ ଆସିବା ପରେ ତଦନ୍ତର ଦିଗ ନର୍ଦ୍ଧାରଣ କରାଯିବ ବୋଲି ପୁଲିସ ସୂଚନା ଦେଇଛି।

### ଓକିଲଙ୍କୁ ସାକ୍ଷାତ କରିବାକୁ ବିଧାୟକ ପ୍ରଦୀପଙ୍କୁ ମିଳିଲା ଅନୁମତି



ଭୁବନେଶ୍ୱର,୨୪।୧୨ (ନି.ପ୍ର): ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କୁ ଜେଲରେ ଓକିଲଙ୍କ ସହିତ ସାକ୍ଷାତକାର ପାଇଁ ଅନୁମତି ଦେବାକୁ ହାଇକୋର୍ଟ ଅନ୍ତରୀଣ ନିର୍ଦ୍ଦେଶ ଦେଇଛନ୍ତି। ସେ ନିଜ ମାମଲା ବାବଦରେ ଓକିଲଙ୍କ ସହିତ ଆଲୋଚନା କରି ପାରିବେ। ଏ ସମ୍ପର୍କିତ ମାମଲାର ଶୁଣାଣି କରି ହାଇକୋର୍ଟର ଖଣ୍ଡପୀଠ ଏହି ଅନ୍ତରୀଣ ନିର୍ଦ୍ଦେଶ ଦେଇଛନ୍ତି। ମିଳିଥିବା ସୂଚନା ଅନୁସାରେ ଝାରପଡା ସ୍ୱତନ୍ତ୍ର କାରାଗାରରେ ଥିବା ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଦାୟର କରିଥିବା ଆବେଦନରେ ଦର୍ଶାଇଥିଲେ ଯେ ତାଙ୍କୁ ଓକିଲଙ୍କ ସହିତ ସାକ୍ଷାତକାର ପାଇଁ ଅନୁମତି ଦିଆଯାଉ ନାହିଁ। ଏହା ଦ୍ୱାରା ସେ ଓକିଲଙ୍କ ସହିତ ପରାମର୍ଶ କରି ପାରୁ ନାହାନ୍ତି ବୋଲି ସେ ଏଥିରେ ଉଲ୍ଲେଖ କରିଥିଲେ ।

## ୧୪ ଦିନରେ ବ୍ରିଟେନ୍‌ରୁ ଓଡିଶା ଫେରିଛନ୍ତି ୪୩ ଜଣ

ଭୁବନେଶ୍ୱର,୨୪।୧୨ (ନି.ପ୍ର): ଗତ ୧୪ଦିନ ମଧ୍ୟରେ ବ୍ରିଟେନରୁ ଓଡ଼ିଶା ଆସିଛନ୍ତି ମୋଟ୍ ୪୩ଜଣ। ସଂକ୍ରମଣ ବଢ଼ିବାର ଆଶଙ୍କା ଥିବାରୁ ରାଜ୍ୟ ସରକାର ଏହି ସୂଚନା ଦେଇଛନ୍ତି। ଏହି ୪୩ଜଣଙ୍କ ମଧ୍ୟରେ ୩୫ଜଣ ପୁରୁଷ ଏବଂ ୮ଜଣ ମହିଳା ରହିଛନ୍ତି । ଅନ୍ୟପକ୍ଷରେ ବ୍ରିଟେନରୁ ସର୍ବାଧିକ ୨୧ଜଣ ଭୁବନେଶ୍ୱର ଆସିଥିବା ସ୍ୱାସ୍ଥ୍ୟ ବିଭାଗ ଜଣାଇଛି। ସେହିପରି ଖୋର୍ଦ୍ଧା-୨, କଟକ-୫, କୋରାପୁଟ-୩, ବ୍ରହ୍ମପୁର-୩, ନୟାଗଡ ଏବଂ ନବରଙ୍ଗପୁର ଜିଲ୍ଲାକୁ ୨ ଜଣ ଲେଖାଏଁ ଫେରିଛନ୍ତି। ଏହାସହ ବ୍ରିଟେନ ଫେରନ୍ତାଙ୍କ ଉପରେ ନଜର ରଖିବାକୁ ଜିଲ୍ଲାପାଳ, ମ୍ୟୁନିସିପାଲ କମିସନର ଓ ସିଡିଏମଓଙ୍କୁ ଚିଠି ଲେଖିଛି ସ୍ୱାସ୍ଥ୍ୟ ବିଭାଗ। ବ୍ରିଟେନରୁ ଚିହ୍ନଟ ହୋଇଥିବା ନୂତନ ଗୁଣସୂତ୍ରଧାରୀ କରୋନାଭାଇରସ

▶▶ପୃଷ୍ଠା ୭

# ଭାତ-ଆଳୁସିଝାରେ କଟୁଛି ଦିନ

## ସହଯୋଗର ହାତ ବଢାଇଲା ଲାୟନ୍ସ ଇଂଟରନ୍ୟାସନାଲ

ଭୁବନେଶ୍ୱର,୨୪।୧୨ (ନି.ପ୍ର): ରାତି ପାହିଲେ ଖଟିଲେ ଚୁଲି ଜଳେ। ହେଲେ ଏବେ କରୋନା ଯେମିତି ହାତ ବାନ୍ଧି ଦେଇଛି। ସେଥିରେ ଛଟପଟ ହେବା ହିଁ ସାର ହୋଇଛି। ଛୁଆ ପିଲାଙ୍କ ପେଟକୁ ଦୁଇଓଳା ଦୁଇମୁଠା ଦାନା ଯାଉନି। ଜୀବନ ଦୁର୍ବିସହ ହୋଇପଡ଼ିଛି। ଖାଦ୍ୟ ପାଇଁ ସଂଘର୍ଷ କରିବାକୁ ପଡୁଛି। ଦୈନିକ କାମଧନ୍ଦା ଠିକ୍‌ରେ ମିଳୁନଥିବାରୁ ଦୁଃଖରେ ଦିନ କାଟୁଛନ୍ତି ଛତାବର ପଂଚାୟତ କନ୍ଦଳେଇ ଆଦିବାସୀ ପଲ୍ଲୀର ଗ୍ରାମବାସୀ। ଗାଁଟି ଚନ୍ଦକା-ଡ଼ମପଡ଼ା ହସ୍ତୀ ଅଭୟାରଣ୍ୟ ଘେର ମଧ୍ୟରେ ଅବସ୍ଥିତ। ପଲ୍ଲୀରେ ରହୁଥିବା ୪୭ଟି ପରିବାର କୋହ୍ଲ ସମ୍ପ୍ରଦାୟର। ସମସ୍ତେ ଦାରିଦ୍ର୍ୟ ସୀମାରେଖା ତଳେ ଅନ୍ତର୍ଭୁକ୍ତ। ଗ୍ରାମର ଅନେକ ମୂଲ ଲାଗିବା ପାଇଁ ଆଖପାଖ ଗାଁକୁ ଯାଇଥାନ୍ତି। ଗତ ୯ ମାସ ହେଲା କାମଧନ୍ଦା ଅଭାବରୁ କାମ ବି ମିଳୁନି। ବଜାର ମାନ୍ଦା ଅବସ୍ଥା ଯୋଗୁଁ ସଂଗୃହୀତ ଜଙ୍ଗଲଜାତ ଦ୍ରବ୍ୟ ବିକ୍ରି ପାଇଁ ସମସ୍ୟା ସୃଷ୍ଟି ହେଉଛି। ଭାତ, ଆଳୁ ସିଝାରେ କଟୁଛି ଦିନ। ତରକାରୀ ସତେ ଯେମିତି ସାତ ସପନ ପାଲଟି ଯାଇଛି। ଏଭଳି ଘଡ଼ିସନ୍ଧି ମୁହୂର୍ତରେ ଗ୍ରାମର ବିକାଶ ନେଇ କାର୍ଯ୍ୟ ଜାରି ରଖିଥିବା ସାମାଜିକ କର୍ମୀ ସୁଶାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଲାୟନ୍ସ ଇଂଟରନ୍ୟାସନାଲ ପକ୍ଷରୁ ପ୍ରତି ପରିବାରକୁ ଡ଼ାଲି, ଚାଉଳ, ସାବୁନ, ସାନିଟାଇଜର, ମାକ୍ସ ଇତ୍ୟାଦି ସାମଗ୍ରୀ ଯୋଗାଇ ଦିଆଯାଇଛି। ଲାୟନ୍ସ କ୍ଲବ ଭୁବନେଶ୍ୱର, ଓଡ଼ିଶା ଶାଖା ପକ୍ଷରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଲାୟନ ରାମ ପ୍ରସାଦ ପାତ୍ର, ଇଂ ଅଶ୍ୱିନୀ ସେନାପତି, ଲାୟନ ପ୍ରଶାନ୍ତ ପରିଡ଼ା, ଲାୟନ ବିପିନ ବିଶ୍ୱାଳ, ଲାୟନ ତ୍ରିପତି ବାଲାଜୀ ପାତ୍ର, ଛତାବର ପଂଚାୟତର ପୂର୍ବତନ ସରପଂଚ ତଥା ବିଜୁ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ବିଷ୍ଣୁ ପ୍ରସାଦ ଢ଼େଙ୍ଗ, ସାମାଜିକ କର୍ମୀ ସଂଗ୍ରାମ କେଶରୀ ସାହୁ ପ୍ରମୁଖ ଯୋଗଦେଇ ଆଗାମୀ ଦିନରେ ଉକ୍ତ ଗ୍ରାମରେ କ୍ଲବ ପକ୍ଷରୁ ବ୍ୟାପକ ରୂପେ ବିଭିନ୍ନ ଜନହିତକର କାର୍ଯ୍ୟ ଆରମ୍ଭ କରାଯିବ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ସାମାଜିକ କର୍ମୀ ପ୍ରଦୀପ୍ତ ରଞ୍ଜନ ରାଉତ, ପ୍ରିୟବ୍ରତ ପଣ୍ଡା, ସ୍ଥାନୀୟ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପବିତ୍ର ମୋହନ ନାୟକ ପ୍ରମୁଖ ବଂଟନ କାର୍ଯ୍ୟରେ ସହଯୋଗ କରିଥିଲେ। ସ୍ଥାନୀୟ ସରପଂଚ ମନସ୍ୱିନୀ ମିଶ୍ର ଢ଼େଙ୍ଗ କ୍ଲବର ଏତାଦୃଶ ପଦକ୍ଷେପକୁ ସାଧୁବାଦ ଜଣାଇଥିଲେ।

## ମୁନିସିପାଲିଟି ଝାଡୁଦାର କଲୋନୀ ପର୍ଯ୍ୟବେକ୍ଷଣ କଲେ ସହକାରୀ ଜିଲ୍ଲାପାଳ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ

କେନ୍ଦ୍ରାପଡ଼ା,୨୪।୧୨ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳ ୧୩ନଂ ୱାର୍ଡର ଚଉଁରୀ ବରହ୍ମପୁର ଝାଡୁଦାର କଲୋନୀର ଶୋଚନୀୟ ଅବସ୍ଥା ବୁଲି ଦେଖିଲେ ସହକାରୀ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ ଓ ପୌରାସଂସ୍ଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳ। ବୁଧବାର ପୂର୍ବାହ୍ନରେ ଏହି ଦୁଇ ଅଧିକାରୀ ସଂପୃକ୍ତ କଲୋନୀରେ ପହଁଚି ଦୀର୍ଘଦିନରୁ ଅବହେଳିତ ଅବସ୍ଥାରେ ରହି ଆସୁଥିବା ସଫେଇ କର୍ମଚାରୀ ମାନଙ୍କ ଶୋଚନୀୟ ଅବସ୍ଥା ନିରୀକ୍ଷଣ କରିବା ସହ ଭଙ୍ଗା ଦଦରା ଘରେ ରହୁଥିବା ବସ୍ତି ବାସିନ୍ଦା ସହ ଆଲୋଚନା କରିଥିଲେ। ଗୋଟିଏ ଗୋଟିଏ ବଖରା ଘରେ ପରିବାର ର ୫-୭ଜଣ ସଦସ୍ୟ ଅସ୍ୱାସ୍ଥ୍ୟକର ପରିବେଶରେ ରହୁଥିବା ଦେଖିବାକୁ ମିଳିଥିଲା। ଘରର ଆଜବେଷ୍ଟ ଗୁଡିକ ମରାମତି ଅଭାବରୁ ଭାଙ୍ଗିରୁଜି ଯାଇଥିଲେ ମଧ ପୌରସଂସ୍ଥା ପକ୍ଷରୁ ଏହାକୁ ମରାମତି କରାଯାଇ ନାହିଁ। ଏହାର ପାଇପ ଯୋଗେ ପାନୀୟ ଜଳ ଯୋଗାଣ ଏକ ମୁଖ୍ୟ ସମସ୍ୟା ଭାବେ ଏହି ବସ୍ତି ବାସିନ୍ଦାଙ୍କ ଜୀବନକୁ ଦୁର୍ବିସହ କରିଦେଇଛି। ବାସଗୃହ, ପାନୀୟଜଳ ଓ ଅସ୍ୱାସ୍ଥ୍ୟକର ପରିବେଶ କୁ ଅନୁଧ୍ୟାନ କରି ଏହାର ସମାଧାନ ପାଇଁ ଖୁବ୍ ଶିଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି ନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳ ସୂଚନା ଦେଇଛନ୍ତି। ଏହି ପରିଦର୍ଶନ ସମୟରେ ଦଳିତ ନେତା ନଗେନ୍ଦ୍ର ଜେନା, ରଜ ନାୟକ ସମେତ ସଂଘର ଅନ୍ୟନେତା ମାନେ ଉପସ୍ଥିତ ଥିଲେ।

## ଶିବ ପ୍ରସାଦ ତ୍ରିପାଠୀ ହେଲେ ବିଜେଡ଼ି ରାଜ୍ୟ ପରିଷଦ ସଦସ୍ୟ

କନ୍ଧମାଳ,୨୪।୧୨ (ନି.ପ୍ର): କନ୍ଧମାଳ ଜିଲା ଫୁଲବାଣୀ ନିର୍ବାଚନ ମଣ୍ଡଳିର ରାଜ୍ୟ ପରିଷଦ ସଦସ୍ୟଭାବେ ମନୋନିତ ହୋଇଛନ୍ତି ଫୁଲବାଣୀର ବରିଷ୍ଠ ଆଇନଜୀବି ଶିବ ପ୍ରସାଦ ତ୍ରିପାଠୀ। ରାଜ୍ୟ ସଭାପତ, ମୁଖ୍ୟମନ୍ତ୍ରୀ ତାଙ୍କୁ ଏହି ପଦବୀରେ ମନୋନିତ କରିଛନ୍ତି। ତେବେ ତାଙ୍କୁ ଏଥିପାଇଁ ନିର୍ବାଚନ ମଣ୍ଡଳିର ବିଭିନ୍ନ ମହଲରେ ଶିବପ୍ରସାଦ ତ୍ରିପାଠୀଙ୍କୁ ଶୁଭେଚ୍ଛା ଜଣାଯାଇଛି। ସେ ଜଣେ କ୍ରିଡ଼ାବିତ୍ , ସାମ୍ବାଦିକ ଓ ସମାଜସେବୀ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଶ୍ରୀ ତ୍ରପାଠୀ ରାଜ୍ୟ ପରିଷଦ ସଦସ୍ୟଭାବେ ମନୋନିତ ହେବା ପରେ ସେ ମୁଖ୍ୟମନ୍ତ୍ରୀ , କନ୍ଧମାଳ ସାଂସଦ ଡ଼.ଅଚ୍ୟୁତ ସାମନ୍ତ , ଜିଲା ବିଜେଡ଼ି ସଭାପତି ସରୋଜ କର୍ଣ୍ଣ ଓ ଫୁଲବାଣୀ ବିଧାୟକ ଅଙ୍ଗଦ କହଁରଙ୍କ ସମେତ ଅନ୍ୟମାନଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ରାମଚନ୍ଦ୍ର ମହାନ୍ତଙ୍କୁ ପୂର୍ଣ୍ଣେନ୍ଦୁ ମିଶ୍ର ସ୍ମୃତି ସ୍ମାରକୀ ସମ୍ମାନ

ଭୁବନେଶ୍ୱର, ୨୩ ଡିସେମ୍ବର(ହି.ସ.) - ଭୁବନେଶ୍ୱରସ୍ଥିତ ସାମ୍ବାଦିକ ଭବନଠାରେ ୨୩ତମ କଳିଙ୍ଗ ପୁସ୍ତକ ମେଳାର ଉଦ୍‌ଯାପନୀ ଉତ୍ସବ ଓ ସାରସ୍ୱତ ସମାରୋହରେ ବିଶିଷ୍ଟ ଲେଖକ ଓ ପ୍ରାବନ୍ଧିକ ରାମଚନ୍ଦ୍ର ମହାନ୍ତଙ୍କୁ ତାଙ୍କ ପ୍ରବନ୍ଧ ପୁସ୍ତକ ବିଶ୍ୱାସ, ଅବିଶ୍ୱାସ, ଅନ୍ଧବିଶ୍ୱାସ ନିମନ୍ତେ ପୂର୍ଣ୍ଣେନ୍ଦୁ ମିଶ୍ର ସ୍ମୃତି ସ୍ମାରକୀ ସମ୍ମାନ ପ୍ରଦାନ କରାଯାଇଛି। ଏହି ଉତ୍ସବରେ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ଓଡ଼ିଆ ସାହିତ୍ୟର ପିତାମହ ଭାବରେ ପରିଚିତ ଡ. ସାତକଡ଼ି ହୋତା, ଏମସର ପୂର୍ବତନ ନିର୍ଦ୍ଦେଶକ ଡା. ଅଶୋକ କୁମାର ମହାପାତ୍ର ଏବଂ ସାମଜର ପ୍ରାକ୍ତନ ନିର୍ଦ୍ଦେଶକ ସୁରେଶ ମନ୍ତ୍ରୀ ଯୋଗ ଦେଇ ଲେଖକ/ଲେଖିକା ମାନଙ୍କୁ ସମ୍ମାନିତ କରିବା ସହିତ ଉଦ୍‌ବୋଧନ ଦେଇଥିଲେ। ଜଣେ ସମାଜସେବୀ ଓ ସାହିତ୍ୟିକ ଭାବରେ ପରିଚିତ ରାମଚନ୍ଦ୍ର ମହାନ୍ତ ଭୂମିପୁତ୍ର ସାରସ୍ୱତ ସମ୍ମାନ, ବିଶିଷ୍ଟ ସାହିତ୍ୟିକ ସମ୍ମାନ, ସାହିତ୍ୟ ରତ୍ନ ସମ୍ମାନ ତଥା ଓଡ଼ିଶା ସାହିତ୍ୟ ଏକାଡେମୀ ସମ୍ମାନ ଓ ମଦର ଟେରେସା ଗୋଲ୍ଡ ମେଡ଼ାଲ ଇତ୍ୟାଦି ସମ୍ମାନ ଲାଭ କରିଛନ୍ତି। ତାଙ୍କ ଦ୍ୱାରା ରଚିତ ପୁସ୍କ ଭଗବାନ ବୁଦ୍ଧ, ରାଜା ରାମମୋହନ ରାୟ ପାଠାଗାର ପାଇଁ ମନୋନୀତ ହୋଇଥିବା ବେଳେ କାଲିଫର୍ଣ୍ଣିଆ ଡାଏରୀ ଏବଂ ଭଗବାନ ମହାବୀର, ହରେକୃଷ୍ଣ ମହତାବ ରାଜ୍ୟ ପାଠାଗାର ପାଇଁ ମନୋନୀତ ହୋଇଛି। କିଏ ଆର୍ଯ୍ୟ, ଦ୍ରାବିଡ଼ କିଏ ପୁସ୍ତକଟି ତାଙ୍କର ଏକ ବହୁ ଚର୍ଚ୍ଚିତ ପୁସ୍ତକ। ମୟୁରଭଂଜ ଜିଲ୍ଲା ଚିତ୍ରଡ଼ା ଗ୍ରାମରେ ଜନ୍ମିତ ତଥା ଏ.ଜି. ଅଫିସର ସେବା ନିବୃତ ଆକାଉଂଟନ ଅଫିସର ଶ୍ରୀ ମହାନ୍ତ ସମ୍ପ୍ରତି ଭୁବନେଶ୍ୱରର ଗଜପତି ନଗରଠାରେ ସପରିବାର ଅବସ୍ଥାନ କରୁଛନ୍ତି।

## ଆଧୁନିକ ଜ୍ଞାନ କୌଶଳର ବ୍ୟବହାର କରି ନିର୍ମାଣର ସ୍ଥାୟିତ୍ୱ ବୃଦ୍ଧି ସମ୍ଭବ: ମନ୍ତ୍ରୀ

ଭୁବନେଶ୍ୱର,୨୪।୧୨ (ନି.ପ୍ର): ବର୍ତମାନ ଟେକନୋଲୋଜିର ଯୁଗ। ସାଧାରଣ ଭାବେ ଯାହା ସମ୍ଭବ ନୁହେଁ ତାହା ଆଧୁନିକ ଜ୍ଞାନକୌଶଳ ବ୍ୟବହାର କରି ଖୁବ୍ କମ୍ ସମୟ ମଧରେ ସମ୍ଭବ ହୋଇପାରୁଛି। ନିର୍ମାଣ କ୍ଷେତ୍ରରେ ଆଜି ଆମ ଇଂଜିନିୟରମାନେ ନିଜର ଜ୍ଞାନ ଓ ବୁଦ୍ଧିକୁ ପ୍ରୟୋଗ କରି ବହୁ ଅସମ୍ଭବକକୁ ସମ୍ଭବ କରି ପାରିଛନ୍ତି। ତେବେ ନିର୍ମାଣର ସ୍ଥାୟିତ୍ୱକୁ ଅଧିକ ଦିନ ପର୍ଯ୍ୟନ୍ତ ବୃଦ୍ଧି କରିବା ନିମନ୍ତେ ଆଧୁନିକ ଜ୍ଞାନ କୌଶଳର ବ୍ୟବହାର ଉପରେ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଗୁରୁତ୍ୱ ଆରୋପ କରିଛନ୍ତି। ନିର୍ମାଣସୌଧଠାରେ ସ୍ମାର୍ଟ ଅଣ୍ଡର ୱାଟର ଇନ୍‌ସପେକ୍‌ସନ ସଲ୍ୟୁସନ୍ ଶୀର୍ଷକ ଦୃଶ୍ୟଶ୍ରାବ୍ୟ ଉପସ୍ଥାପନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ମଲ୍ଲିକ ନିର୍ମାଣ ଇଂଜିନିୟରମାନଙ୍କୁ ଉଦ୍‌ବୋଧନ ଦେଇ ପାରମ୍ପରିକ ପଦ୍ଧତି ସହ ସମୟ ଅନୁସାରେ ନୂଆ ଜ୍ଞାନକୌଶଳକୁ କର୍ମକ୍ଷେତ୍ରରେ ଆପଣାଇବାକୁ ପରାମର୍ଶ ଦେଇଥିଲେ। ଏହି ଉପସ୍ଥାପନ କାର୍ଯ୍ୟକ୍ରମରେ ପ୍ଲାନିଜ୍ ଟେକ୍‌ନୋଲୋଜିସ୍‌ର ପରାମର୍ଶଦାତା ପି.ଏ କ୍ରିଷ୍ଣନ୍ ଯୋଗଦେଇ ନୂତନ ଜ୍ଞାନକୌଶଳ ଦ୍ୱାରା ନଦୀ, ସମୁଦ୍ର ଏବଂ ଗଭୀର ଜଳ ମଧ୍ୟରେ ଥିବା ବିଭିନ୍ନ ନିର୍ମାଣର ଯାଂଚ, ପରୀକ୍ଷଣ ଓ ମରାମତି ଆଦି ବିଷୟରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଇଂଜିନିୟର ଇନ୍ ଚିଫ୍ (ସିଭିଲ) ଅନୀଲ କୁମାର ତ୍ରିପାଠୀ, ଚିଫ୍ ଇଂଜିନିୟର (ଡିଜାଇନ୍) ଡଃ ଏନ.ସି.ପାଲ୍, ଚିଫ୍ ଇଂଜିନିୟର (ରୋଡ୍ସ) ଏମ.ଆର.ମିଶ୍ର, ଚିଫ୍ ଇଂଜିନିୟର (ୱାର୍ଲଡ଼ ବ୍ୟାଙ୍କ) ପି. କେ. ପାତ୍ରଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ ଇଂଜିନିୟମାନେ ଉପସ୍ଥିତ ଥିଲେ।

## କବି ଚକ୍ରଧର ରାଉତଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅନୁଷ୍ଠିତ

ଭୁବନେଶ୍ୱର,୨୩ ଡିସେମ୍ବର(ହି.ସ.) - କବି ଚକ୍ରଧର ରାଉତ ସ୍ମୃତି ସଂସଦ ଆନୁକୂଲ୍ୟରେ କବିଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଏକ ସ୍ମୃତିସଭା ଆଜି ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଆଇ.ଏମ୍.ଏସ୍. ସଭାଗୃହରେ ୱେବିନାର ମାଧ୍ୟମରେ ଏହି ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ ରାଷ୍ଟ୍ରଦୂତ ଅବସର ବେଉରିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ମୁଖ୍ୟ ଅତିଥି ଭାବେ ବିଧାୟକ ତଥା 'ସମ୍ବାଦ'ର ସମ୍ପାଦକ ସୌମ୍ୟରଂଜନ ପଟ୍ଟନାୟକ ଯୋଗଦେଇ ସଭାକୁ ଉଦ୍‌ଘାଟନ କରିଥିଲେ। ନିଜର ଉଦ୍‌ଘାଟନୀ ଅଭିଭାଷଣରେ ଶ୍ରୀ ପଟ୍ଟନାୟକ ସ୍ୱର୍ଗତ କବି ଚକ୍ରଧର ରାଉତଙ୍କ ସମ୍ପର୍କରେ କହିଥିଲେ ଯେ, ସେ ଜଣେ ସଫଳ ଶିକ୍ଷକ ଓ କବି ଭାବରେ ଯଶସ୍ୱୀର ଅଧିକାରୀ। ତାଙ୍କ କବିତାଗୁଡ଼ିକ ଯେତିକି ଆଲୋଚନା ହେବାକଥା ତାହା ହୋଇପାରିନାହିଁ। ଉତରପିଢୀ ଏହାକୁ ଏକ ଆହ୍ୱାନ ରୂପେ ଗ୍ରହଣ କରିବା ଉଚିତ୍। ଏଥିରେ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ବରିଷ୍ଠ ସାହିତ୍ୟିକ ଦାଶ ବେନହୁର ସ୍ୱର୍ଗତ କବିଙ୍କ ସହ ତାଙ୍କ ସମ୍ପର୍କର ସ୍ମୃତିଚାରଣ କରିଥିଲେ। ମୁଖ୍ୟବକ୍ତା ଅଧ୍ୟାପକ ଓ ସାହିତ୍ୟ ସମାଲୋଚକ ଡକ୍ଟର ପ୍ରେମାନନ୍ଦ ମହାପାତ୍ର ସ୍ୱର୍ଗତ କବି ଚକ୍ରଧର ରାଉତଙ୍କ ବିଭିନ୍ନ କାଳଜୟୀ କୃତିଗୁଡ଼ିକର ନିରପେକ୍ଷ ସମୀକ୍ଷା କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅଗ୍ରଣୀ କଥାଶିଳ୍ପୀ ବିଜୟ ନାୟକ କବିଙ୍କୁ ମୂକ ଜନତାର ଭାଷା ବୋଲି ଅଭିହିତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି କବି ଗୋସ୍ୱାମୀ ଗୋଲାମ ଦେବତା ସ୍ୱର୍ଗତ କବି ଜଣେ ପ୍ରଚାର ବିମୁଖ ନିରବଚ୍ଛିନ୍ନ ସାଧକ ଥିଲେ ବୋଲି ବର୍ଣ୍ଣନା କରିଥିଲେ। ସଭାପତୀୟ ଅଭିଭାଷଣରେ ଅବସରପ୍ରାପ୍ତ ରାଷ୍ଟ୍ରଦୂତ ତଥା ସ୍ୱର୍ଗତ କବିଙ୍କ ଛାତ୍ର ଅବସର ବେଉରିଆ ଚକ୍ରଧର ରାଉତଙ୍କ ଶିକ୍ଷକ ଜୀବନ ଓ କବି ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ଅଧ୍ୟାପକ ଓ କବି ସୁରେନ୍ଦ୍ର ମିଶ୍ର ଏବଂ ପ୍ରାରମ୍ଭିକ ସୂଚନା ଓ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ ସ୍ମୃତି ସଂସଦର ସମ୍ପାଦକ ଦୟାନିଧି ରାଉତ।

## ମାଲକାନଗିରି ଉପଖଣ୍ଡ ଦଣ୍ଡାଧିଷ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଇ-ସେବା କେନ୍ଦ୍ର ଉଦ୍‌ଘାଟିତ

ମାଲକାନଗିରି,୨୪।୧୨ (ନି.ପ୍ର): ମାଲକାନଗିରି ଉପଖଣ୍ଡ ଦଣ୍ଡାଧିଷ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସର ମଧ୍ୟରେ ବିଚାରପତି ମହମ୍ମଦ ରଫିକ୍ ଙ୍କ ଦ୍ୱାରା ଇ-ସେବା କେନ୍ଦ୍ର ଉଦଘାଟିତ ହୋଇଯାଇଛି। ଏହି ଅବସରରେ ମାଲକାନଗିରି ଜିଲ୍ଲା ଦୌରାଜଜ୍ ରୋହିତ ଲାଲ ପଣ୍ଡା ଏହାର ଶୁଭାରମ୍ଭ କରିଥିଲେ। ଏହି ସେବା କେନ୍ଦ୍ରରେ ଜନ ସାଧାରଣ ମୋକଦ୍ଦମାର ସ୍ଥିତି, ପରବର୍ତି ଶୁଣାଣି ତାରିଖ ଏବଂ ତଥ୍ୟ ସମ୍ବନ୍ଧୀୟ ଅନୁସନ୍ଧାନ କରିପାରିବା ସହ ସାର୍ଟିଫାଏଡ୍ କପି ଓ ଅନ୍ୟାନ୍ୟ ନଥିପତ୍ର ପାଇଁ ଅନ୍ ଲାଇନ୍ ଦରଖାସ୍ତ, ଇ-ଫାଇଲିଙ୍ଗର ସମୟ, ଇ-ପୋମେଂଟ କରିବାରେ ସହାୟତା, ଇ- କୋର୍ଟ ମୋବାଇଲ୍ ଆପ୍ ଡାଉନଲୋଡ କରିବାରେ ସହାୟତା, ଜେଲ୍ ରେ ବନ୍ଦୀ ଥିବା ସମ୍ପର୍କୀୟ ମାନଙ୍କ ସହିତ ଇ-ମୁଲାକାତ ସାକ୍ଷାତ୍ ବ୍ୟବସ୍ଥା, ମାଗଣା ଆଇନ୍ ସେବାରେ ସହାୟତା, ଭର୍ଚୁଆଲ୍ କୋର୍ଟ ମାଧ୍ୟମରେ ଟ୍ରାଫିକ୍ ଚାଲାଣଜନିତ ମୋକଦ୍ଦମାର ସମାଧାନ ସମେତ ସହାୟତା ଓ ଇକୋର୍ଟ ସମ୍ବନ୍ଧୀୟ ଅନ୍ୟାନ୍ୟ ସମସ୍ତ ଡ଼ିଜିଟାଲ ସେବା ଓ ସହାୟତା ମିଳିପାରିବ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ମହଲତ ଶ, ରେଜିଷ୍ଟ୍ରର କୃଷ୍ଣଚନ୍ଦ୍ର ନାୟକ, ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ଅମରେଶ ନାୟକ, ସବଜର୍ଜ ସୁଚେତା କପାଳିନୀ, ଜେଏମଏଫସି ରେଖାରାଣୀ ପଣ୍ଡା, ତାଲିମପ୍ରାପ୍ତ ପାରାଲିଗାଲ୍ ସ୍ୱେଚ୍ଛାସେବୀ ତଥା ଅଧ୍ୟାପକ ଡଃ ରଞ୍ଜନ କୁମାର ସ୍ୱାଇଁଙ୍କ ସମେତ ମାଲକାନଗିରି ବିଚାର ବିଭାଗୀୟ ସମସ୍ତ କର୍ମଚାରୀ ଓ ଆଇନଜିବୀ ଏବଂ ବିଭିନ୍ନ ବର୍ଗର ହିତାଧିକାରୀ ଉପସ୍ଥିତ ଥିଲେ। ଏହି-କାର୍ଯ୍ୟକ୍ରମରେ ମାଲକାନଗିରିର ସମସ୍ତ ବର୍ଗର ହିତାଧିକାରୀ ସୁବିଧା ପାଇବା ପାଇଁ ଲୋକାର୍ପିତ କରାଯାଇଛି। ଭିଡ଼ିଓ କନଫରେନ୍ସୀ ମାଧ୍ୟମରେ ଏହାର ଉଦଘାଟନ ହୋଇଯାଇଛି।

## ବିଷାକ୍ତ ଦହି ଖାଇ ୨୦ରୁ ଉର୍ଦ୍ଧ୍ୱ ଅସୁସ୍ଥ: ମେଡ଼ିକାଲରେ ଭର୍ତ୍ତି

ସମ୍ବଲପୁର, ୨୩ ଡ଼ିସେମ୍ବର (ହି.ସ.)- ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଉପଖଣ୍ଡ ମହୁଲପାଲି ଅଂଚଳରେ ବିଷାକ୍ତ ଦହି ଖାଇ ୨୦ ରୁ ଅଧିକ ଲୋକ ଅସୁସ୍ଥ ହୋଇଛନ୍ତି। ସେମାନଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ କନ୍ତରା ଡ଼ାକ୍ତରଖାନାରେ ଭର୍ତି କରାଯାଇଥିଲା। ପରେ ଅଧିକ ଚିକିତ୍ସା ପାଇଁ କେତେକଙ୍କୁ ଆମ୍ବୁଲାନ୍ସ ଯୋଗେ କୁସୁମୀ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ଗତକାଲି ମହୁଲପାଲି ଥାନା ଅଂଚଳର ବେନିଆପୋଷୀ, ଲୁନ୍ଦୁରୁଡ଼ିହ, ଗୋଷାଇପଡ଼ା ଆଦି ଗ୍ରାମର ଲୋକେ ଗୋଟିଏ ସ୍ଥାନରୁ ହିଁ ଦହି କିଣି ଖାଇଥିଲେ। ଏହାପରେ ଗାଁର ୨୦ ଜଣ ଲୋକଙ୍କ ଦେହ ଅଦ୍ଧ ହୋଇପଡିଥିଲା। ସମସ୍ତଙ୍କ ଝାଡ଼ାବାନ୍ତି ଆରମ୍ଭ ହେବା ସହ ସେମାନେ ଗୁରୁତର ହୋଇପଡିଥିଲେ। ଗୁରୁତର ମାନଙ୍କୁ ପ୍ରଥମେ କନ୍ତରା ଡ଼ାକ୍ତରଖାନା ଏବଂ ପରେ ଆମ୍ବୁଲାନ୍ସ ଯୋଗେ କୁସୁମୀ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ଖବର ପାଇ ଘଟଣାସ୍ଥଳରେ ମହୁଲପାଲି ଥାନା ପୋଲିସ ପହଂଚି ତଦନ୍ତ କରିଛି।

## ୧୪୩ କେଜି ଗଞ୍ଜେଇ ଜବତ: ୩ ଗିରଫ

ଜୟପୁର,୨୪।୧୨ (ନି.ପ୍ର): ଜୟପୁର ଦେଇ ଗଞ୍ଜେଇ ଚାଲାଣ ବେଳେ ଟାଉନ ପୋଲିସ ଚଢାଉ କରି ୩ ଜଣକୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ ହରିୟାଣାର ଦୀପକ ସିଂ (୨୭), ବାବୁଲୁ ଚୌହାନ (୨୪), ଦିଲ୍ଲୀର ରାଜୁ ରବି ଦାସ (୨୦)। ପୋଲିସ ସୁତ୍ରରୁ ପ୍ରକାଶ ଯେ ଟାଉନ ପୋଲିସ ପେଟ୍ରୋଲିଂ କରୁଥିବା ବେଳେ ବାଇପାସ ରୋଡ ସତିଗୁଡା ଡ୍ୟାମ ଛକ ନିକଟ ଦେଇ ଟୋୟଟା କାର ଡିଏଲ ୬ସିଜେ-୪୪୮ ଗାଡିରେ ଗଂଜେଇ ଚାଲାଣ ହେଉଥିଲା। ପୋଲିସ ଚଢାଉ କରି ଯାଂଚ କରିବା ବେଳେ ୬ଟି ପ୍ୟାକେଟରୁ ୧୪୩ କେଜି ଗଞ୍ଜେଇ ଜବତ କରିଛି। ଗଞ୍ଜେଇ ସହ ଲ୍ୟାପଟପ, ଟୋୟଟା କାର,୩ଟି ମୋବାଇଲ, ୧୯ ଶହ ଟଙ୍କା ନଗଦ ଜବତ କରିଛି। ଜୟପୁର ଦେଇ ଗଞ୍ଜେଇ ହରିୟାଣା ଚାଲାଣ ହେଉଥିବା ତଦନ୍ତ ରୁ ପୋଲିସ ଜଣିବାକୁ ପାଇଛି। ୩ ଅଭିଯୁକ୍ତ ନାମରେ ୩୬୫/୨୦ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିବା ଟାଉନ ଥାନା ଅଧିକାରି ବାଲେଶ୍ୱର ଗିଧି ପ୍ରକାଶ କରିଛନ୍ତି।

## କୃଷକ ସଚେତନା ରଥର ପରିକ୍ରମା ଆରମ୍ଭ

କେନ୍ଦ୍ରାପଡ଼ା,୨୪।୧୨ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାରେ ଚାଷୀ ଭାଇ ମାନଙ୍କୁ ନିଜର ଉତ୍ପାଦିତ ବଳକା ଧାନ ବିକ୍ରୟ ନିମନ୍ତେ ଆବଶ୍ୟକୀୟ ସୂଚନା ପ୍ରଦାନ ଓ ସଚେତନତା ନିମନ୍ତେ ଜିଲ୍ଲା ପ୍ରଶାସନ ଓ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ କୃଷକ ସଚେତନା ରଥକୁ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଶ୍ରୀଯୁକ୍ତ ସମର୍ଥ ବର୍ମା ଉଦ୍‌ଘାଟନ କରିଛନ୍ତି। ଏହି ରଥ ଜିଲ୍ଲାର ବିଭିନ୍ନ ବ୍ଲକ୍, ପୌରପାଳିକା, ଗ୍ରାମପଂଚାୟତ ଆଦିରେ ଆଜିଠାରୁ ୧ ମାସ ପର୍ଯ୍ୟନ୍ତ ପ୍ରରିକ୍ରମା କରି କୃଷକ ମାନଙ୍କୁ ସଚେତନା କରାଯିବା ପାଇଁ ବ୍ୟବସ୍ଥା ହୋଇଯାଇଅଛି। କେନ୍ଦ୍ରାପଡ଼ା ଜିଲ୍ଲାରେ ଚଳିତ ୨୦୨୦-୨୧ ଖରିଫ ଋତୁରେ ଧାନ ସଂଗ୍ରହ ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ଡିସେମ୍ବର ମାସ ତା. ୨୮.୧୨.୨୦୨୦ ରିଖ ଦିନ ଠାରୁ ସଂପୃକ୍ତ ସମବାୟ ସେବା ସମିତି ମାଧ୍ୟମରେ ଧାନ କ୍ରୟ କରିବା ପାଇଁ ଜିଲ୍ଲା ସ୍ତରୀୟ ଧାନ ସଂଗ୍ରହ କମିଟି ସ୍ଥିର କରିଅଛି। ଚାଷୀ ଭାଇ ମାନେ ନିଜର ଉତ୍ପାଦିଞ୍ଚତ ବଳକା ଧାନକୁ ସରକାରଙ୍କ ନିର୍ଦ୍ଧାରିତ ଧାର୍ଯ୍ୟ ମୂଲ୍ୟରେ ପଞ୍ଜିକୃତ ସେବାସମିତି ମାଧ୍ୟମରେ ବିକ୍ରୟକରି ପାରିବେ। ଏହି କାର୍ଯ୍ୟକ୍ରମରେ ଉପ ଜିଲ୍ଲାପାଳ ଜ୍ୟୋତି ଶଙ୍କର ମହାପାତ୍ର, ଜିଲ୍ଲା ଯୋଗାଣ ଅଧିକାରୀ ପ୍ରଶାନ୍ତ କୁମାର ଗନ୍ତାୟତ, ନିୟନ୍ତ୍ରିତ ବଜାର କମିଟି ସଂପାଦକ ଅଜୟ କୁମାର ରାଉତଙ୍କ ସହ ଆର ଏମ ସିର କର୍ମଚାରୀ ଉପସ୍ଥିତ ଥିଲେ।

## ଜାତୀୟ କୃଷକ ଦିବସ ପାଳିତ: କୃଷକଙ୍କୁ ନେଇ ପରିଦର୍ଶନ

ଜୟପୁର,୨୩ ଡିସେମ୍ବର(ହି.ସ)- ଏମ.ଏସ. ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନ ଦ୍ୱାରା ବିଜୁ ପଟ୍ଟନାୟକ ଆଦିବାସୀ କୃଷି ଜୈବ ବିବିଧତା କେନ୍ଦ୍ର ଜୟପୁର ଠାରେ ଜାତୀୟ କୃଷକ ଦିବସ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମ ଗତ ୨୨ ଓ ୨୩ ଡିସେମ୍ବର ରାୟଗଡା, କୋରାପୁଟ ଓ ମାଲକାନଗିରି ଜିଲାର ୩୨ ଜଣ କୃଷକଙ୍କୁ ନେଇ ପ୍ରଶିକ୍ଷଣ ଓ କ୍ଷେତ୍ର ପଦର୍ଶନୀ କାର୍ଯ୍ୟକ୍ରମ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। କୃଷକ ମାନେ ଅଧା ଏକର ଜମିରେ କିଭଳି ଭାବରେ ଜଳ ସଂରକ୍ଷଣ କରି ଚାଷ କରିପାରିବେ ତାହା ପ୍ରଦର୍ଶନୀ କ୍ଷେତ୍ର ସୁନାବେଢା ଠାରେ ଅନୁଷ୍ଠିତ ଭାରତୀୟ ମୃର୍ତିକା ଓ ଜଳ ସଂରକ୍ଷଣ ଅନୁଷ୍ଠାନଠାରେ ଦେଖିଥିଲେ ଓ ପ୍ରଶିକ୍ଷଣ ନେଇଥିଲେ। ସେହିଭଳି ବୈପାରିଗୁଡା ବ୍ଲକର ଧନପାରିଆଗୁଡା ଗ୍ରାମରେ ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନ ଦ୍ୱାରା ଚାଲୁଥିବା ପ୍ରକଳ୍ପ କାର୍ଯ୍ୟକ୍ରମରେ ଜୈବିକ ପଦ୍ଧତିରେ ପୋଷଣ ବଗିଚା ଛତୁ ଚାଷ, ସମନ୍ୱିତ କୃଷି ନମୁନାକୁ ବୁଲି ଦେଖିଥିଲେ। ଜାତୀୟ କୃଷକ ଦିବସରେ ଭାରତୀୟ ମୃର୍ତିକା ଓ ଜଳ ସଂରକ୍ଷଣ ଅନୁଷ୍ଠାନ ସୁନାବେଡାର ନିର୍ଦ୍ଦେଶକ ଡଃ ମଧୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୃଷକ ମାନଙ୍କୁ କମ୍ ଜଳରେ କିପରି ଚାଷ କରାଯାଇ ପାରିବ ତାହା ବୁଝାଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅନୁଷ୍ଠାନର ବୈଜ୍ଞାନିକ ଧ୍ରୁବ ଚରଣ ସାହୁ ଯୋଗଦେଇ ମୃର୍ତିକା ସଂରକ୍ଷଣ, ବୃକ୍ଷ ରୋପଣ ଉପରେ ବୁଝାଇବା ସହ ଏମ.ଏସ. ସ୍ୱାମନାଥନ ରିସର୍ଚ୍ଚ ଫାଉଣ୍ଡେସନର ସଂଯୋଜକ ପ୍ରଶାନ୍ତ କୁମାର ପରିଡା, ବୈଜ୍ଞାନିକ କାର୍ତିକ ଚରଣ ଲେଙ୍କା ମାଣ୍ଡିଆ ଚାଷ, ଛତୁ ଚାଷ , ମାଛ ଚାଷ ପୋଷଣ ବଗିଚା ବିଷୟରେ ଚାଷୀମାନଙ୍କୁ ଅବଗତ କରାଇଥିଲେ।

## ସେବାୟତ ପରିବାରର ସଦସ୍ୟମାନେ କଲେ ଜଗା ଦର୍ଶନ

ପୁରୀ,୨୪।୧୨ (ନି.ପ୍ର): ବହୁ ଦିନ ପ୍ରତୀକ୍ଷା ପରେ ମହାପ୍ରଭୁ ମହାବାହୁ ରତ୍ନ ସିଂହାସନ ଉପରେ ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି। ଦୀର୍ଘ ୯ମାସ ଧରି କେବଳ ପାଳିଆ ସେବାୟତମାନେ ସେବାପୂଜା କରୁଥିଲେ। ସେମାନଙ୍କ ପରିବାରର ସଦସ୍ୟମାନେ ପ୍ରଭୁଙ୍କୁ ଦର୍ଶନ କରିପାରୁନଥିଲେ। ପ୍ରଶାସନ ପକ୍ଷରୁ ୨୩ରୁ ୨୫ ତିନିଦିନ ଧରି ତିନୋଟି ପ୍ରର୍ଯ୍ୟାୟରେ ସେବାୟତ ପରିବାର ସଦସ୍ୟମାନେ ପ୍ରଭୁଙ୍କୁ ଦର୍ଶନ କରିବେ ବୋଲି ସ୍ଥିର ହୋଇଥିଲା। ତେଣୁ ଆଜି ବହୁ ସେବାୟତ ପରିବାର ସଦସ୍ୟମାନେ ଶ୍ରୀମନ୍ଦିରକୁ ଯାଇ ଜଗନ୍ନାଥ ଦର୍ଶନ କରିଛନ୍ତି। ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିରର ଚାରିଦ୍ୱାରକୁ ଫୁଲରେ ସଜାଯିବା ସହ ଭକ୍ତ ସେତ ଓ ସିଂହଦ୍ୱାରରେ ଫୁଲରେ ବିଭିନ୍ନ ଚିତ୍ର ଅଙ୍କାଯାଇଥିଲା। ଶ୍ରୀମନ୍ଦିରକୁ ପ୍ରବେଶ କରୁଥିବା ସମୟରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଯାଂଚ କରାଯାଇ ହାତକୁ ସାନିଟାଇଜର କରାଯାଉଥିଲା। ପରେ ଥର୍ମାଲ ସ୍କ୍ରିନିଂ କରାଯାଇ ଶ୍ରୀମନ୍ଦିର ଭିତରକୁ ଛଡାଯାଇଥିଲା। ସେବାୟତ ପରିବାରର ସଦସ୍ୟମାନେ ଜଗନ୍ନାଥ ଦର୍ଶନ କରି ଫେରିବା ପରେ ମହା ଆନନ୍ଦିତ ହେଉଥିବା ପରିଲକ୍ଷିତ ହୋଇଥିଲା। ଅନେକ ସେବାୟତ ବହୁଦିନ ପରେ ତାଙ୍କର ପ୍ରଭୁଙ୍କୁ ଦେଖିବା ପରେ ଖୁସି ହୋଇଥିବା କହିଥିଲେ। ୨୬ତାରିଖରୁ ୩୧ ପର୍ଯ୍ୟନ୍ତ ପୁରୀ ପୌରାଞ୍ଚଳର ବିଭିନ୍ନ ୱାର୍ଡର ଦର୍ଶନାର୍ଥୀମାନେ ଶ୍ରୀମନ୍ଦିରକୁ ଯାଇପାରିବେ। ଜାନୁଆରୀ ୩ରେ ବାହାର ଭକ୍ତଙ୍କୁ ଦର୍ଶନ ପାଇଁ ସୁଯୋଗ ଦିଆଯିବ। ବାହାର ଭକ୍ତଙ୍କ ଦର୍ଶନ ନିମନ୍ତେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଷ୍ଟାଣ୍ଡାର୍ଡ ଅପରେଟିଙ୍ଗ ପ୍ରୋସିଜିଓର (ଏସଓପି) ଜାରି ହୋଇଛି। ଏସଓପି ଅନୁସାରେ ସମସ୍ତ ଦର୍ଶନାର୍ଥୀ କୋଭିଡ ଆଇନ ମାନି ଶ୍ରୀମନ୍ଦିରରେ ପ୍ରବେଶ କରିବେ। ଜାନୁଆରୀ ୧ ଓ ୨ରେ ଜଗନ୍ନାଥ ଦର୍ଶନ ବନ୍ଦ ରହିବ। ସମସ୍ତ ଦର୍ଶନାର୍ଥୀ ମାସ୍କ ବାନ୍ଧିବା ବାଧ୍ୟତାମୂଳକ କରାଯାଇଛି। ଭକ୍ତମାନେ ମନ୍ଦିର ଭିତରେ କୌଣସି ମୂର୍ତିକୁ ସ୍ୱର୍ଶ କରିପାରିବେ ନାହିଁ। ଫୁଲ, ଦୀପ, ଧୂପ ନେଇପାରିବେ ନାହିଁ। ମନ୍ଦିର ଭିତରେ ଆନନ୍ଦ ବଜାରରେ ମହାପ୍ରସାଦ ଉପଲବ୍ଧ ହେବ। ମନ୍ଦିର ଭିତରେ ଦର୍ଶନାର୍ଥୀ ପାନ ଖାଇ ଛେପ ପାକଇ ପାରିବେ ନାହିଁ। ଭକ୍ତମାନଙ୍କ ଯାନଗୁଡିକ ଜଗନ୍ନାଥ ବଲ୍ଲଭ ପାର୍କିଂସ୍ଥଳରେ ରଖାଯିବ। ୬୫ବର୍ଷରୁ ଉର୍ଦ୍ଧ୍ୱ ଓ ୧୦ବର୍ଷର କମ୍ ଶିଶୁଙ୍କୁ ଜଗନ୍ନାଥ ଦର୍ଶନ ବାରଣ କରାଯାଇଛି।

## ତାମିଲନାଡୁରୁ ଉଦ୍ଧାର ହେଲେ ଓଡ଼ିଆ ଶ୍ରମିକ

ଭଦ୍ରକ, ୨୩ ଡିସେମ୍ବର (ହି.ସ.) - ଚାକିରୀ ଆଶାରେ ଯାଇ ତାମିଲନାଡୁରେ ନିର୍ଯ୍ୟାତିତ ହୋଇ ଫସି ରହିଥିବା ୧୦ଜଣ ଯୁବକ ଯୁବତୀଙ୍କୁ ଉଦ୍ଧାର କରାଯାଇଛି। ସେମାନଙ୍କ ମଧରେ ଭଦ୍ରକ ଗ୍ରାମା ଳ ଥାନା ରାହାଞ୍ଜ ପ ାୟତର ୬ଜଣ ଯୁବକ ଓ ତିହିଡି ଅ ଳର ୪ଜଣ ଯୁବତୀଙ୍କୁ ରାହାଞ୍ଜ ସରପ ଉର୍ମିଳା ଜେନା ଓ କିଛି ସମାଜସେବୀଙ୍କ ସହାୟତାରେ ତାମିଲନାଡୁରୁ ଉଦ୍ଧାର କରାଯାଇଛି। ମିଳିଥିବା ତଥ୍ୟ ଅନୁଯାୟୀ ତିହିଡି ଥାନା ଅନ୍ତର୍ଗତ ତାଳପଦା ଗ୍ରାମର ଜନୈକ ଯୁବକ ତାମିଲନାଡୁର ସାଲେମ ଜିଲ୍ଲାର ଚିନାଗୁଣ୍ଡପୁରମ୍ ଅ ଳର ଭେଙ୍କଟେଶ୍ୱର ସୂତା ମିଲର ଠିକାଦାର ରୂପେ କାମ କରେ। ଗତ ବର୍ଷ ରାହାଞ୍ଜ ଅ ଳରୁ ସତ୍ୟବ୍ରତ ଦାସ, ଗଜେନ୍ଦ୍ର ଦାସ, ମନୋଜ କୁମାର ଦାସ, ରମେଶ ବେହେରା, ଗଣେଷ ଚନ୍ଦ୍ର ବେହେରା, କ୍ରିଷ୍ଣା ପରିଡା, ସୁଗୋ ଓ ଏରଡା ଅ ଳର ଚାରି ଜଣ ଯୁବତୀଙ୍କୁ ଅଧିକ ମଜୁରୀ ତଥା ଅନ୍ୟାନ୍ୟ ସୁବିଧାର ପ୍ରଲୋଭନ ଦେଖାଇ ସେଠାକୁ କାମ କରାଇବାକୁ ନେଇଥିଲେ। ଏହି ପ୍ରବାସୀ ଶ୍ରମିକ ମାନେ କିଛି ଦିନ କାମ କଲା ପରେ ସପୃକ୍ତ ଠିକାଦାର ଏମାନଙ୍କୁ ନିର୍ଯ୍ୟାତନା ଦେବା ଆରମ୍ଭ କରିଥିଲେ। ଏମାନଙ୍କୁ ଦରମା ଅଳ୍ପ ଦେଇ ସବୁ ସିଏ ଆତ୍ମସାତ କରୁଥିବା କଥା ଉଦ୍ଧାର ହୋଇଥିବା ଯୁବକ ଯୁବତୀମାନେ ପ୍ରକାଶ କରିଛନ୍ତି। କରୋନା କାଳରେ ଏସମସ୍ତ ଯୁବକଯୁବତୀ ନିର୍ଯ୍ୟାତନା ସହି ଚୁପ ରହିଥିଲେ। କିନ୍ତୁ ଇତିମଧରେ ଫୋନ ଯୋଗେ ସେମାନେ ଏକଥା ଜଣାଇବା ପରେ ସରପ ଶ୍ରୀମତୀ ସାହୁ, ଶରତ କବି, ସୁରଥ ସେଠୀ, ଗଦାଧର ଦାସ ଓ ନରି ପରିଡା ଏ ବିଷୟରେ ଗ୍ରାମା ଳ ଥାନା, ବିଧାୟକ, ସାଂସଦକୁ ଜଣାଇବା ପରେ ଚେନ୍ନାଇର କାରିପଟି ପୁଲିସ ସହାୟତାରେ ସେମାନଙ୍କୁ ଉଦ୍ଧାର କରାଇ ଘରକୁ ଅଣାଯାଇଥିଲା। କିନ୍ତୁ ପୁଲିସ ସେମାନଙ୍କୁ ଉଦ୍ଧାର କରିବା ସମୟରେ ସଂପୃକ୍ତ ଠିକାଦାର ସେଠାରୁ ଫେରାର ହୋଇଯାଇଥିଲା। ସେଠାରେ ଆହୁରି ଅନେକ ଓଡିଆ ଯୁବକ ଯୁବତୀ ଫସି ରହିଥିବା ବେଳେ, ସେମାନଙ୍କୁ ଓଡିଶା ସରକାର ତଥା ଜିଲ୍ଲା ପ୍ରଶାସନ ଉଦ୍ଧାର କରିବାକୁ ଶ୍ରୀମତୀ ସାହୁ ନିବେଦନ କରିଛନ୍ତି।

## ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ

ଭୁବନ,୨୪।୧୨ (ନି.ପ୍ର): ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ରୋଗୀ କଲ୍ୟାଣ ସମିତି ବେଠକ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା.ରମେଶ କୁମାର ସାହୁ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କାମାକ୍ଷାନଗର ବିଧାୟକ ତଥା ରାଜ୍ୟ ଖଣି ଇସ୍ପାତ ଓ ପୂର୍ତ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ଭୁବନ ପ୍ରତିନିଧି ତଥା ପୂର୍ବତନ ନଗରପାଳ ନନ୍ଦ କିଶୋର ସାହୁ ଅତିଥି ଭାବେ ଯୋଗଦେଇଥିଲେ। ଆକାଉଟାଣ୍ଟ ଦିଲ୍ଲୀପ କୁମାର ଦାସ ପୂର୍ବ ଅଧିବେଶନର ବିବରଣୀ ପାଠ କରିବା ସହିତ ମେଡିକାଲର ଆବଶ୍ୟକତା ସଂପର୍କରେ ସୂଚନା ଦେଇଥିଲେ। ଓପିଡି ବିଲଡିଂ ମରାମତି,ସାଇକେଲ ଷ୍ଟାଣ୍ଡ ନିର୍ମାଣ, ପ୍ରବେଶ ପଥର ମୁଖ୍ୟ ଗେଟ ମରାମତି, ଦକ୍ଷିଣ ଓ ପଶ୍ଚିମ ପାର୍ଶ୍ୱ ପ୍ରାଚୀର ଉଚ୍ଚା କରାଯିବା, ପଛ ପାର୍ଶ୍ୱରେ ବାଲି ଫିଲିଂ କରାଯିବା, ଓପିଡି ରେ ମରାମତି କରାଯାଇ ଏସି ଲଗାଯିବା,ଏକ୍ସ ରେ ରୁମ, ଲେବର ରୁମରେ ଏସି ଲଗାଯିବା, ଡିଜିଟାଲ କ୍ସ ରେ ମେସିନ, କମ୍ପ୍ୟୁଟର, ସ୍କାନର, ପ୍ରିଣ୍ଟର କ୍ରୟ କରାଯିବା କ୍ରୟ କରାଯିବା, ଔଷଧୀୟ ଉଦ୍ୟାନ, ଶିଶୁ ଉଦ୍ୟାନ ନିର୍ମାଣ ସଂପର୍କରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଡାକ୍ତର ମନୋଜ କୁମାର ମହାନ୍ତି ଙ୍କ ସମେତ ସମସ୍ତ ସଦସ୍ୟ ଯୋଗଦେଇଥିଲେ।

# ଥଣ୍ଡା, କାଶ ଓ ଶ୍ୱାସ ଏକ ଜଟିଳ ରୋଗ

ଆଜମା ବା ଶ୍ୱାସ ରୋଗ 'ଗ୍ରୀକ୍'ଶବ୍ଦରୁ ଆସିଛି । ଏହାର ଅର୍ଥ ଅଣନିଃଶ୍ୱାସୀ ବା ଅତି ଜୋରରେ ପାଟି ମେଲାଇ ଶ୍ୱାସ ପ୍ରଶ୍ୱାସ ନେବା । ସବୁ ପ୍ରକାର ଶ୍ୱାସକ୍ରିୟାଜନିତ ରୋଗକୁ ଶ୍ୱାସ ରୋଗ କୁହାଯାଏ ନାହିଁ । କେବଳ ଫୁସ୍‌ଫୁସ୍‌ର ଶ୍ୱାସନଳୀ ରୋଗର ମୂଳ କାରଣ ହୋଇଥିଲେ ଏହାକୁ ଶ୍ୱାସ (ବ୍ରୋଙ୍କିଆଲ ଆଜମା) କୁହାଯାଏ। ଏହା ଇସିନୋଫିଲିଆଜନିତ ରୋଗ । ରକ୍ତରେ ଥିବା ଶ୍ୱେତରକ୍ତ କଣିକାର ଅପରୂପକୁ ଇସିନୋଫିଲ ନାମକରଣ କରାଯାଇଛି । ଏହି ରୋଗରେ ଶ୍ଲେଷ୍ମା ବା ସର୍ଦ୍ଦି ଦେଖାଦେଇଥାଏ । ଫଳରେ ପାଚକାଗ୍ନି ଦୁର୍ବଳ ହୋଇ ଖାଦ୍ୟଦ୍ରବ୍ୟକୁ ଅପରିପକ୍ୱ ରଖେ । ତେଣୁ ଶରୀର ଦୁର୍ବଳ ହୋଇ ଶ୍ୱାସ ଯନ୍ତ୍ରକୁ ଦୁର୍ବଳ କରିପକାଏ । ଶ୍ୱାସ ରୋଗୀର ଫୁସ୍‌ଫୁସ୍‌ର ବାୟୁନଳୀ ଛୋଟ ହୋଇଥିବାରୁ ନିଶ୍ୱାସ ଛାଡିବାରେ ବାରମ୍ବାର କଷ୍ଟ ହୁଏ ଏବଂ କମ୍ ସମୟ ମଧ୍ୟରେ ଶ୍ୱାସ କଷ୍ଟ ପ୍ରବଳ ହୁଏ । ସାଧାରଣତଃ ବାୟୁ ନଳୀର ବିଭିନ୍ନ ଉଦ୍ଦୀପକ କାରଣ ପ୍ରତି ଅତିନ୍ଦ୍ରିୟତା ଭାବ ଯୋଗୁ ତାହା ଛୋଟ ହୋଇଯାଏ । ସେହି କାରଣ ଗୁଡିକ ଇମ୍ୟୁଇମୁନୋଲୋଜିକାଲ ଜୀବାଣୁଗତ, ମାନସିକ, ଶାରୀରିକ ଓ ରାସାୟନିକ ହୋଇପାରେ ।

ଏଠାରେ ହଠାତ୍ ଶ୍ୱାସ କଷ୍ଟ ହୋଇଥାଏ । ନିଶ୍ୱାସ ତ୍ୟାଗ କରିବା ସମୟରେ ସାଇଁ ସାଇଁ ଶବ୍ଦ ହୋଇ ଫୁସ୍‌ଫୁସ୍‌ର ବାୟୁନଳୀରେ ବାୟୁର ଗତି କମ୍ ଓ ବେଶୀ ହୁଏ । ଶରୀରରେ ପ୍ଲୀହା ଯକୃତକୁ ରକ୍ତ କଣିକା ପହଞ୍ଚାଇବାର କାର୍ଯ୍ୟକରେ । ଯଦି ପ୍ଲୀହା ଦୁର୍ବଳ ହୋଇପଡେ ବା ବୃଦ୍ଧି ହୋଇ ରୋଗାକ୍ରାନ୍ତ ହୋଇପଡେ ତେବେ ପୂର୍ଣ୍ଣମାତ୍ରାରେ ରକ୍ତ ଯକୃତ ପାଖରେ ପହଞ୍ଚି ପାରେନାହିଁ । ରକ୍ତ ଦୁର୍ବଳ ହୋଇ ସେଥିରେ ଇସିନୋଫିଲିଆ ସୃଷ୍ଟି ହୋଇ



ଥଣ୍ଡା, ସର୍ଦ୍ଦି ଓ କାଶ ରୋଗ ସୃଷ୍ଟି ହୁଏ । ଏହା ବ୍ୟତୀତ, ଶରୀର ମୁଖ୍ୟ ବା ନାସିକା ପଥରେ ଧୂଳି ପ୍ରବେଶ କଲେ ବାୟୁଦ୍ୱାରା ଅପକ୍ୱ ରସର ଉର୍ଦ୍ଧ୍ୱ ଗତି ହେଲେ, ଅତିମାତ୍ରାରେ ଭୋଜନାଦି କାରଣରୁ ଶ୍ୱାସନଳୀ ମଧ୍ୟରେ ଭୁକ୍ତ ଦ୍ରବ୍ୟ ପ୍ରବେଶ କରି ମଳ, ମୂତ୍ର ଓ ଛିଙ୍କର ବେଗ ଧାରଣ କଲେ ବାୟୁ କୁପିତ ହୋଇ ପିତ ଓ ଶ୍ଲେଷ୍ମାକୁ କୁପିତ କରିବା ଦ୍ୱାରା ଏହି ରୋଗ ହୋଇଥାଏ । ଖଦ୍ୟର ସେବନ, ଅନିୟମିତ ଭୋଜନ ଓ ରାତ୍ରି ଜାଗରଣ ଏହି ରୋଗର ପ୍ରମୁଖ କାରଣ । ଥଣ୍ଡା,କାଶ ଓ ଶ୍ୱାସ ରୋଗରୁ ଆରୋଗ୍ୟ ହେବା ପାଇଁ ଆୟୁର୍ବେଦ ଚିକିତ୍ସାରେ ଅନେକ ଫଳପ୍ରଦ ଶାସ୍ତ୍ରୀୟ ଔଷଧ ରହିଛି। ଅଭିଜ୍ଞ ଆୟୁର୍ବେଦ ବିଶେଷଜ୍ଞଙ୍କୁ ପରାମର୍ଶ କରି ଔଷଧ ସେବନ କଲେ ଆରୋଗ୍ୟ ହୋଇପାରିବେ ।

# ବିଦେଶରେ ଲୋକପ୍ରିୟ 'ପୋମୋଡୋରୋ' କାର୍ଯ୍ୟ ପ୍ରକ୍ରିୟା




କାମ କରିବାର ଶୈଳୀ ପରିବର୍ତ୍ତନ ହେଉଛି । ଚୀନରେ କମଜୀବୀଙ୍କୁ ଭିନ୍ନ ଉପାୟରେ କାମ କରିବା ପାଇଁ ବାଧ କରାଯାଏ । ଯେପରି ଗତ କିଛି ବର୍ଷ ହେଲା ସେମାନଙ୍କୁ ନାଇଟ୍ ଡ୍ୟୁଟି ପାଇଁ ଏକରକମ ବାଧ କରାଯାଉଛି । ଇଉରୋପ, ଆମେରିକାରେ ସଂଖ୍ୟାଧିକ କମ୍ପାନୀ ଏବେ କର୍ମଚାରୀଙ୍କ ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ ସେମାନଙ୍କୁ 'ପୋମୋଡୋରୋ' ପ୍ରକ୍ରିୟାରେ କାମ କରାଉଛନ୍ତି ।

ମିଳିଥିବା ତଥ୍ୟ ଅନୁସାରେ , ଏଇ ପ୍ରକ୍ରିୟାରେ କର୍ମଚାରୀ ୨୫ମିନିଟ୍ କାମ କରିବା ପରେ ୫ ମିନିଟର ବିରତି ନିଅନ୍ତି । ଏଇ ପ୍ରକ୍ରିୟାରେ କାମ କରିବା ଦ୍ୱାରା କର୍ମଚାରୀ କାମର ମଜା ଭଲଭାବେ ନେଇଥାନ୍ତି ।

ବିଶେଷଜ୍ଞଙ୍କ ମତରେ ପ୍ରତି ୨୫ମିନିଟ୍ ଅନ୍ତରରେ କର୍ମଚାରୀଙ୍କୁ ୫-୧୦ ମିନିଟ୍ ବିରତି ମିଳିଲେ ଅଧିକ ସମୟ କାମ କରିବା ଦ୍ୱାରା ମଧ୍ୟ ସେମାନେ ବିଚଳିତ ହୋଇନଥାନ୍ତି ।

ପୋମୋଡୋରୋ ପ୍ରକ୍ରିୟା ଗତ ଦେଢ଼ ବର୍ଷ ମଧ୍ୟରେ ଲୋକପ୍ରିୟ ହୋଇଛି । ଏଇ ପ୍ରକ୍ରିୟାରେ କାମ କରି କର୍ମଚାରୀମାନେ ଖୁବ୍ ଆତ୍ମସନ୍ତୋଷ ପାଉଛନ୍ତି ।

# ଫ୍ଲାଟଜୋତା

କର୍ମସ୍ଥଳ କିମ୍ବା ବଜାର ଯାଉଥିଲେ, ଯୁବତୀ ଓ ମହିଳାମାନେ ଫ୍ଲାଟଜୋତା ପିନ୍ଧିବାକୁ ଅଧିକ ପସନ୍ଦ କରୁଛନ୍ତି । ବିଭିନ୍ନ ଡିଜାଇନରେ ଆସୁଥିବା ଏହି ଫ୍ଲାଟଜୋତା ପିନ୍ଧିବା ପ୍ରକୃତରେ ଶରୀର ପାଇଁ ଭଲ । କାରଣ ଏହା ପିନ୍ଧିଲେ ଗୋଡ଼ ଓ ପାଦରେ ଯନ୍ତ୍ରଣା ହୋଇ ନଥାଏ । ,ପରିକି ଶୀଘ୍ର ଚାଲିକା ନିମନ୍ତେ ଫ୍ଲାଟଜୋତା ସହାୟକ ହୋଇଥାଏ । ଭାରତୀୟ ବଜାରରେ ସବୁଠୁ ଅଧିକ ବ୍ୟାଲେଟ ଫ୍ଲାଟ୍, ସ୍ନିକର ଫ୍ଲାଟ୍, ୱାକ, ଲୋଫର ଓ ସ୍ୟାଣ୍ଡେଲର ଲୋକପ୍ରିୟତା ରହିଛି । ଏଇ ସବୁ ଫ୍ଲାଟଜୋତା ବିଦେଶୀ ପରିଧାନ ଓ ସାଲୱାର କମିଜ ସହ ପିନ୍ଧାଯାଇ ପାରିବ । ତେବେ ଶାଢ଼ି ସହ କେବଳ ଏଥନିକ ଫ୍ଲାଟଜୋତା ଭଲଭାବରେ ଖାପ ଖାଇଥାଏ । କଲେଜ ପଢୁଆ ଯୁବତୀଙ୍କ ମଧ୍ୟରେ ଲୋଫର ଫ୍ଲାଟ ସବୁଠୁ ଅଧିକ ଲୋକପ୍ରିୟ । ଏହି ଧରଣର ଫ୍ଲାଟ୍ ଜୋତାର ମୂଲ୍ୟ ୭ଶହ ଟଙ୍କାରୁ ଆରମ୍ଭ ହୋଇ ୩ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି । ସମସ୍ତ ଅନଲାଇନ ଦୋକାନରେ ଯୁବତୀ ଓ ମହିଳାଙ୍କ



ପାଇଁ ଏହି ଫ୍ଲାଟଜୋତା ଉପଲବ୍ଧ ହୋଇଥାଏ ।

# ଶିଶୁଙ୍କ ସମ୍ପର୍କିତ ନୂତନ ତଥ୍ୟ



ନିକଟରେ ଲଣ୍ଡନ ବିଶ୍ୱବିଦ୍ୟାଳୟର ଗବେଷକସମୂହ ନବଜାତକଙ୍କ ସମ୍ପର୍କିତ ଏକ ରୋଚକ ତଥ୍ୟ ପ୍ରକାଶ କରିଛନ୍ତି। ବିଶ୍ୱର ୫୫ଟି ରାଷ୍ଟ୍ରର ସଂଖ୍ୟାଧିକ ଚିକିତ୍ସାଳୟକୁ ଏଥିରେ ସାମିଲ କରାଯାଇଥିଲା । ପ୍ରତି ୧୫ଜଣରେ ୧୧ଜଣ ନବଜାତକ ବିଳମ୍ବିତ ରାତିବେଳା ଜନ୍ମଗ୍ରହଣ କରିଥିବାର ପ୍ରକାଶ । ରାତି ୩ଟାରୁ ୪ଟା ମଧ୍ୟରେ ଅଧିକାଂଶ ଶିଶୁ ଜନ୍ମଗ୍ରହଣ କରିଥାନ୍ତି । ପାଖାପାଖି ୫ମିଲିୟନ୍ ଗର୍ଭବତୀ ଏହି ସର୍ବେକ୍ଷଣରେ ସାମିଲ ହୋଇଥିଲେ । ବିଶେଷଜ୍ଞ ଦଳଙ୍କ ମତରେ ମା'ମାନଙ୍କ ଏକ ସାଧାରଣ ଅଭିଯୋଗ ଯେ ଶିଶୁ ଜନ୍ମର ଦିନ କେଇଟା ପରେ ଶିଶୁର ଓଜନ ହ୍ରାସ ପାଇଥାଏ । ଏଥିପାଇଁ ବ୍ୟସ୍ତବିବ୍ରତ ନ ହୋଇ ବରଂ ତାକୁ ଯଥା ସମୟରେ ସ୍ତନ୍ୟପାନ କରନ୍ତୁ । ନବଜାତଙ୍କ ପ୍ରାଣ ଶକ୍ତି ପ୍ରଖର । ଜନ୍ମର କିଛି ଘଣ୍ଟା ପରେ ସେମାନେ ପ୍ରଥମେ ନିଜ ମା'ର ଶରୀରର ବାସ୍ନାକୁ ଚିହ୍ନିପାରନ୍ତି । ଅନ୍ୟମାନଙ୍କ ହାତ ସ୍ପର୍ଶ ପରିବର୍ତ୍ତେ ସେମାନେ ମା'ର ସ୍ପର୍ଶକୁ ତତ୍କ୍ଷଣାତ୍ ଜାଣିପାରନ୍ତି ବୋଲି ବିଶେଷଜ୍ଞଙ୍କ ମତ । ଗବେଷଣାରୁ ପ୍ରକାଶ ଯେ ଉଭୟ ପୁଅ ଓ ଝିଅ ନବଜାତକଙ୍କ ବିକାଶ ମଧ୍ୟ ଭିନ୍ନ ଭାବେ ହୋଇଥାଏ । ଜନ୍ମର ପ୍ରଥମ ୩ମାସ ପରେ ପୁଅ ଶିଶୁଙ୍କ ମସ୍ତିଷ୍କ ଝିଅ ଶିଶୁଙ୍କ ତୁଳନାରେ ଅଧିକ



# ବରଫ ଖସଡା କାହିଁକି ?

ଆଉ ଏକ ପଦାର୍ଥର ଘର୍ଷଣ ଦ୍ୱାରା ବରଫ ସ୍ତର ଉପରେ ଜଳର ଏକ ଆସ୍ତରଣ ସୃଷ୍ଟି ହେଉଥିବାରୁ ଏହା ଖସଡ଼ା ହୋଇଥାଏ। ତେବେ କେବଳ ମୋଟା ବରଫ ଖଣ୍ଡ ଉପରେ, ବିଶେଷ କରି ଖରାଦିନେ ଏପରି ହୋଇଥାଏ । ଏ ନେଇ ସେପରି ଗବେଷଣା କରାଯାଇନଥିବା ବେଳେ ସିଏନ୍‌ଆର୍‌ଏସ୍ ଏବଂ ଇଏନ୍‌ଏସ୍‌ପିଏସ୍‌ଏଲ୍‌ର ଗବେଷକମାନେ ଇକୋଲ୍ ପଲିଟେକ୍‌ନିକ୍ ସହଯୋଗରେ ଏକ ନୂଆ ଗବେଷଣା କରିଥିଲେ । ବରଫ ଖଣ୍ଡ ଉପରେ ସେଟିଂ କରିବା ସହଜ ହୁଏ । ଜଳର ଏତେ ସୂକ୍ଷ୍ମ ସ୍ତର ଖସଡା ହୋଇନପାରେ ବୋଲି ତର୍କ କରାଯାଉଥିଲା । ତେଣୁ ଗବେଷକମାନେ ଟ୍ୟୁନିଂ ଫର୍କ ପରି ଏକ ଉପକରଣ ପ୍ରସ୍ତୁତ କଲେ । ଏଥିରେ ବରଫରେ ସ୍କେଟିଂ ସମୟରେ ସୃଷ୍ଟିହେଉଥିବା ଶବ୍ଦ ଶୁଣିବାର ଚେଷ୍ଟା କରାଗଲା । ମାତ୍ର କେଇ ସେଣ୍ଟିମିଟରର ଏହି ଉପକରଣ ଏକ ନାନୋମେଟ୍ରିକ ସ୍କେଲ୍‌ର ଘର୍ଷଣକୁ ବିଶ୍ଳେଷଣ କରିବାରେ ସକ୍ଷମ ହେଲା । ଏଥିରୁ ଜଣାପଡିଲା ଯେ ବରଫ ଉପରେ ଘର୍ଷଣ ଦ୍ୱାରା ସୃଷ୍ଟି ହେଉଥିବା ଜଳ ଆସ୍ତରଣ ତେଲଠାରୁ ବି ଖସଡା ହୋଇଥାଏ । ଏହି ଗବେଷଣାରୁ ଆଇସ୍ ଗ୍ଲାଇଡ଼ିଂ, ଶୀତକାଳୀନ କ୍ରୀଡ଼ାକୁ ଅଧିକ ଉନ୍ନତ କରିବାର ସୂତ୍ର ଖୋଜାଯାଇପାରିବ ବୋଲି ଆଶା କରାଯାଉଛି ।



# ଉଲ୍ ଉତ୍ପାଦ



ମେଣ୍ଢା ପାଳନରେ ଭାରତ ବିଶ୍ୱରେ ତୃତୀୟ । ଏଠାରେ ପ୍ରାୟ ସାଢ଼େ ଛ'କୋଟି ମେଣ୍ଢା ପାଳନ କରାଯାଏ ଏବଂ ସେମାନଙ୍କଠାରୁ ୪.୮କୋଟି କିଲୋଗ୍ରାମର ଉଲ୍ ଉତ୍ପାଦନ କରାଯାଇଥାଏ । ଏହି ଉଲରୁ ୮୫ ପ୍ରତିାତ ଗାଲିଚା ତିଆରି ଏବଂ ୧୦ ପ୍ରତିଶତ ଶୀତବସ୍ତ୍ର ନିର୍ମାଣରେ ବ୍ୟବହୃତ ହେଉଥିବାବେଳେ ଆଉ ୧୦ଭାଗ ଉଲ ଅନୁପଯୋଗୀ ହୋଇ ବଳକା ରହିଯାଏ । ଏବେ ଏହି ବଳକା ଉଲ ନଷ୍ଟ ନକରି ସେଥିରୁ ସ୍ଲପର, ବିଭିନ୍ନ ପ୍ରକାର ହ୍ୟାଣ୍ଡବ୍ୟାଗ୍ ଏବଂ ଘରସଜା ସାମଗ୍ରୀ ତିଆରି କରାଯାଉଛି । ବଜାରରେ ଏଗୁଡ଼ିକର ଭଲ ଚାହିଦା ମଧ୍ୟ ରହିଛି । ମେଣ୍ଢାଲୋମ ବର୍ଷକୁ ତିନିଥର କଟାଯାଇଥାଏ । ଥରକେ ଗୋଟିଏ ମେଣ୍ଢାରୁ ୩୦୦ରୁ ୪୦୦ ଗ୍ରାମ ଲୋମ ମିଳେ । ତେବେ ମେଣ୍ଢାପାଳକ ଏହାର ସଠିକ୍ ମୂଲ୍ୟ ପାଇପାର... ନାହିଁ । ତେଣୁ ଏସବୁ ଉତ୍ପାଦ ସେମାନଙ୍କୁ ଲାଭ...



...ଦେଇପାରିବେ । ବୋଲି ଆଶା କରାଯାଏ । କେନ୍ଦ୍ରୀୟ ମେଷ ଏବଂ ଉଲ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ଏ ସଂକ୍ରାନ୍ତ ପଦକ୍ଷେପ ନିଆଯାଇଛି। ଏହା ମେଣ୍ଢାପାଳକଙ୍କ ଲାଗି ଉନ୍ନତିକର ଯୋଜନା ହୋଇଥିଲେ ମଧ୍ୟ ଚାରଣଭୂମି ଅଭାବ ଏବଂ ଉଲର ସଠିକ୍ ଦାମ ମିଳୁନଥିବା ଯୋଗୁ ମେଣ୍ଢା ସଂଖ୍ୟା ଯଥେଷ୍ଟ ହ୍ରାସ ପାଉଛି । ୨୦୦୭ରେ ହୋଇଥିବା ଅଷ୍ଟାଦାତମ ମେଣ୍ଢାଗଣନାରେ ସାରା ଦେଶରେ



# ହୃଦଯନ୍ତ୍ରର୍ ଯତ୍ନ ନେବ ଆପଲ୍ -୪

ବଜାରରେ ଉପଲବ୍ଧ ବିଭିନ୍ନ ପ୍ରକାର ସ୍ମାର୍ଟ ୱାଚ୍ କେତେ ପାଦ ଚାଲିଲେ, ନାଡିର ସ୍ପନ୍ଦନ ଏବଂ ଶ୍ୱାସକ୍ରିୟା ସଂକ୍ରାନ୍ତରେ ତଥ୍ୟ ଯୋଗାଇ ପାରୁଛନ୍ତି ଏହି କାର୍ଯ୍ୟ ଆହୁରି ଆଧୁନିକ କରିବା ଲାଗି ଆପଲ ପ୍ରସ୍ତୁତ କରିଛି ସିରିଜ୍ ୪ର ଏପରି ଏକ ସ୍ମାର୍ଟୱାଚ୍ ହୃଦୟଯନ୍ତ୍ରର ଇସିଜି କରିପାରିବ । ଫଳରେ ଇସିଜି ପାଇଁ ଡାକ୍ତରଙ୍କ ପାଖକୁ ଯିବା ଆବଶ୍ୟକ ହେବନାହିଁ । ସ୍ମାର୍ଟୱାଚ୍ ଡିଜିଟାଲ କ୍ରାଉନ୍ ଉପରେ ଆଙ୍ଗୁଠିରେ ଚାପ ଦେଲେ ଏହାର ତଳେ ଥିବା କଣ୍ଡକ୍ଟର ହୃଦଯନ୍ତ୍ରର ସ୍ପନ୍ଦନ ଜାଣିପାରିବ । ଆରିଦମିଆ ପରି ସମସ୍ୟା ସମ୍ପର୍କରେ ଏହା ତୁରନ୍ତ ସତର୍କ କରାଇପାରେ । କୌଣସି ପ୍ରକାର ବିପଦର ଆଶଙ୍କା ଥିଲେ ଏହା ମଧ୍ୟ ଡାକ୍ତରଙ୍କୁ ଜଣାଇଦେବାର ବ୍ୟବସ୍ଥା ରହିଛି । ଡାକ୍ତରଖାନା ଇସିଜି ପରି ଆପଲ -୪ ସେତେ ଉନ୍ନତ ନହେଲେ ମଧ୍ୟ ହୃଦଯନ୍ତ୍ରରେ କୌଣସି ସମସ୍ୟା ହେଲେ ଏହା ସମୟ ଥାଇ ସତର୍କ କରାଇଦେଇପାରେ ।




# ବ୍ୟାୟାମ କରୁଥିଲେ ସତର୍କତା



ଘରେ କିମ୍ବା ଜିମ୍‌ରେ ଯେଉଁଠାରେ ବ୍ୟାୟାମ କରିବାକୁ ଚାହୁଁଥିଲେ, କେତେଗ ଦିଗ ପ୍ରତି ସତର୍କ ରୁହନ୍ତୁ। ଓଜନ କମ୍ କରିବା ନିଶାରେ ଅଧିକ ସମୟ ବ୍ୟାୟାମ କଲେ ତାହା ସ୍ୱାସ୍ଥ୍ୟ ହାନି କରିବାର ଆଶଙ୍କା ରହିଛି। ସବୁଠୁ ମୁଖ୍ୟ କଥା ଯେ ରାତିରେ ପର୍ଯ୍ୟାପ୍ତ ପରିମାଣରେ ଶୋଇବେ, ପରେ ସକାଳୁ ଉଠି କିଛି ସମୟ ପରେ ବ୍ୟାୟାମ କରନ୍ତୁ। ଅଧା ନିଦରେ ବ୍ୟାୟାମ କଲେ ତାହା କୌଣସି ଲାଭ ଫଳ ପ୍ରଦାନ କରେନାହିଁ। ପ୍ରଥମେ କିଛି ସମୟ ୱାର୍ମ ଅପ୍ କରିବା ପରେ ହିଁ ବ୍ୟାୟାମ ଆରମ୍ଭ କରିବାା ଉଚିତ। ଯେପରି ୫-୭ ମିନିଟ୍ ଯୋଗାଭ୍ୟାସ କିମ୍ବା ଚଲାବୁଲା କରିବା ପରେ ବ୍ୟାୟାମ କରନ୍ତୁ। ଆରମ୍ଭ ଦିନରୁ ଅଧିକ ସମୟ ବ୍ୟାୟାମ କଲେ ତାହା ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଇବା ନିଶ୍ଚିତ। ପ୍ରଥମେ ୧୫ ମିନିଟ୍ ପରେ ୨୫ ମିନିଟ୍ ଏହା ପରେ ସମୟ କ୍ରମେ ବ୍ୟାୟାମର ସମୟସୀମା ବଢ଼ାଇପାରିବେ।

# ଦୂର କରନ୍ତୁ ନକାରାତ୍ମକ ଶକ୍ତି

ବାୟୁ ଶସ୍ତ୍ରର ପ୍ରଭାବ ମନୁଷ୍ୟର ଦୈନନ୍ଦିନ ଜୀବନରେ ଅନେକାଂଶରେ ପଡ଼ିଥାଏ, ଏହା ସାଧାରଣ ଭାରତୀୟ ଲୋକଙ୍କ ଧାରଣା । ତେବେ ବାସ୍ତୁବିତ୍‌ଙ୍କ ମତରେ କେତୋଟି ସରଳ ଉପାୟରେ ହିଁ ଘରୁ ନକାରାତ୍ମକ ଶକ୍ତି ଦୂରେଇ ହେବ।

- ଘରେ କେବେହେଲେ ଭଙ୍ଗା ବାସନ ରଖିବା ଅନୁଚିତ । ଏହା ପରିବାର ସଦସ୍ୟଙ୍କ ମଧ୍ୟରେ କଳହ ସୃଷ୍ଟି କରେ । ଅନେକ ଲୋକ ଏସବୁ ଜାଣିବା ସତ୍ତ୍ୱେ ଘରେ ଭଙ୍ଗ ବାସନ ବ୍ୟବହାର କରି କୁପରିସ୍ଥିତି ଉପୁଜାଇଥାନ୍ତି ।
- ପୂଜା ଘରେ ଶଙ୍ଖ କିମ୍ବା ଅନ୍ୟ କୌଣସି ଦେବାଦେବୀଙ୍କ ମୂର୍ତ୍ତିକୁ ନ ରଖି କପଡା ବିଛାଇ ତହିଁ ଉପରେ ରଖିବା ଉଚିତ୍ ।
- ଶୟନ କକ୍ଷରେ ଯଦିବା କଦାପି କ୍ୱଚିତ୍ ଭୋଜନ କରୁଛନ୍ତି, ତେବେ ଅଇଁଠା ବାସନ ସେଠାରେ ନ ରଖି ରୋଷେଇ ଘରେ ମନେରଖିବା ବାସ୍ତୁଶାସ୍ତ୍ରର ଅନ୍ୟ ଏକ ନିୟମ ।
- ଭଙ୍ଗା ବାସାନ ।ଓ ଆଇନା ପରି କେବେହେଲେ ଘରେ ଅଚଳ ଘଣ୍ଟା ରଖିବା ଶୁଭପ୍ରଦ ନୁହେଁ । ଅନେକ ଉତ୍ତମ କାର୍ଯ୍ୟରେ ଏହା ବାଧାବିଘ୍ନ ଉପୁଜାଇଥାଏ ।



# କାର୍ଯ୍ୟାଳୟ

ଜୀବନର ସଫଳତା କିଏ ନା ଚାହେଁ? ସମସ୍ତେ ନିଜ କ୍ୟାରିୟର ଆଗକୁ ବଢ଼ାଇବାକୁ ଚାହାନ୍ତି । ତେବେ କେବଳ ଚାହିଲେ ବା ଇଚ୍ଛା କଲେ ଏହା ସମ୍ଭବ ହୁଏ ନାହିଁ । ଏଥି ପାଇଁ କର୍ତ୍ତବ୍ୟନିଷ୍ଠା ଓ ପରିଶ୍ରମ ଜରୁରୀ । ନିଜ ଦାୟିତ୍ୱକୁ ଆପଣ କିପରି ପାରଦର୍ଶୀ ଓ ସଫଳତାର ସହ ସମ୍ପନ୍ନ କରୁଛନ୍ତି ତାହା ଉପରେ ମଧ୍ୟ ଏହା ନିର୍ଭର କରେ । ଏ କ୍ଷେତ୍ରରେ ବାସ୍ତୁର ମଧ୍ୟ ପ୍ରମୁଖ ଭୂମିକା ରହିଛି । ବାସ୍ତୁବିତଙ୍କ ମତରେ ବାସ୍ତୁବିଧି ଅନୁସରଣ କଲେ ଆପଣ କାର୍ଯ୍ୟାଳୟରେ ନିଜକୁ ସଫଳ କର୍ମଚାରୀ ଭାବେ ପ୍ରତିପାଦିତ କରିପାରିବେ ।

- କାର୍ଯ୍ୟାଳୟରେ କାମ କଲା ବେଳେ ଆପଣଙ୍କ ମୁହଁ କେଉଁ ଦିଗରେ ରହୁଛି ଏବଂ କାର୍ଯ୍ୟାଳୟର ବାତାବରଣ କିପରି, ଏହି ଦୁଇଟି ପ୍ରଶ୍ନ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ଯଦି ମୁହଁ ଦିଣ ଦିଗକୁ ରହୁଥାଏ, ତା ହେଲେ ତୁରନ୍ତ ନିଜର ଆସନ ବଦଳାନ୍ତୁ । ଉତ୍ତର ଦିଗ ସବୁଠାରୁ ଉତ୍ତମ । ସେହିପରି ବାତାବରଣ ଶାନ୍ତିପୂର୍ଣ୍ଣ ଏବଂ ସକାରାତ୍ମକ ହେବା ଉଚିତ୍ । ଏ ଦିଗରେ ମଧ୍ୟ ଧ୍ୟାନ ଦିଅନ୍ତୁ ।
- କାର୍ଯ୍ୟାଳୟରେ ଥିବା ଆଲମାରୀ କଦାପି ଖୋଲା ରଖନ୍ତୁ ନାହିଁ । ଏହା ନକାରାତ୍ମକ ଶକ୍ତି ଉତ୍ପନ୍ନ କରେ । ତେଣୁ କାମ ଶେଷ ହେବା ମାତ୍ରେ ତାକୁ ବନ୍ଦ କରିଦିଅନ୍ତୁ । ଡଷ୍ଟବିନକୁ ସବୁବେଳେ ଢ଼ାଙ୍କି ରଖନ୍ତୁ ।
- ଆପଣଙ୍କ ଟେବୁଲ ଦରଜା ସମ୍ମୁଖରେ ନାହିଁ ତ ? ଥିଲେ ସ୍ଥାନ ପରିବର୍ତ୍ତନ କରନ୍ତୁ । କାନ୍ଥକୁ ଲାଗି ଟେବୁଲ ବା ଚୌକି ରଖନ୍ତୁ ନାହିଁ । ଟେବୁଲ, ଚୌକି, ଆଲମିରା ପରି ଆସବାବପତ୍ର କାନ୍ଥଠାରୁ ସାମାନ୍ୟ ବ୍ୟବଧାନରେ ରଖନ୍ତୁ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ପ୍ରଗତିର ବାଧା ...

ଦେଶ ଓ ବିଶ୍ୱ ବର୍ଷାନ୍ତ ଅଧ୍ୟାୟରେ ପହଂଚି ସାରିଛି। ୨୦୨୦ବର୍ଷ ବିଦାୟ ନେବାକୁ ଯାଉଥିବା ସମୟରେ ସମସ୍ତେ ଅବସାଗ୍ରସ୍ତ ରହିଛନ୍ତି। କାହାରି ମନରେ ସରସତ୍ତା ନାହିଁ। ନାହିଁ ମଧ୍ୟ ଭବିଷ୍ୟତ ପାଇଁ ଉଚ୍ଚାକାଂକ୍ଷା। କିଭଳି ଅଭିଜ୍ଞତା ନେଇ ଏହିବର୍ଷ ଅତିକ୍ରାନ୍ତ ହୋଇଗଲା, ତାହା ବର୍ଣ୍ଣନା କରିବାକୁ ଭାଷା ଅକୁଳାଣ ହେଉଛି। କରୋନାର ଉତ୍ପୀଡ଼ନ କୋଟି କୋଟି ଜନତାଙ୍କ ପାଇଁ ଅଭିଶାପର ବର୍ଷ ହୋଇ ଆସିଥିଲା, ଚାଲିଗଲା ମଧ୍ୟ ଯନ୍ତ୍ରଣା ଜର୍ଜରିତ ହୋଇ। ତାହାରି ଭିତରେ ଯେଉଁ କାର୍ଯ୍ୟକ୍ରମକୁ ଆମେ ଶତପ୍ରତିଶତ ଦେଇ ବିଜୟମଣ୍ଡିତ କରିବାକୁ ଚାହିଁଥିଲେ, ତାହା ହୁଏତ ପଚିଶି ଶତାଂଶ ହୋଇପାରିଲା ନାହିଁ। କି' ଅର୍ଥନୀତି କି' ରାଜନୀତି ସବୁଥିରେ ଗ୍ରହଣ ଲାଗିଯାଇଛି। ଆସନ୍ତାବର୍ଷ ପାଇଁ କିଛି ନୂଆ ସଂକଳ୍ପ ଗ୍ରହଣ କରିବା ପୂର୍ବରୁ ଆଶଙ୍କା ଭିତର ଦେଇ ଗତିକଲା ଭଳି ମନେ ହେଉଛି। ଆନ୍ତର୍ଜାତିକ, ଜାତୀୟ ତଥା ରାଜ୍ୟସ୍ତରରେ ସମସ୍ୟା ଓ ସଙ୍କଟ ପାହାଡ଼ ପରି ମାଡ଼ିବସିଥିବାରୁ କ'ଣ କଲେ ସେଥିରୁ ମୁକୁଳି ହେବ, ତାହା ସମସ୍ତଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି। ବାଧକ ଓ ପ୍ରତିବନ୍ଧକ ଭିତର ଦେଇ ଗତିକରୁଥିବା ସମୟ ସହ ତାଳଦେଇ ଅଗ୍ରସର ହେଉଥିବା ସମୟରେ ଯଥାସମ୍ଭବ ଜନକଲ୍ୟାଣ ପାଇଁ ପ୍ରତିବଦ୍ଧତା ଥିଲେ ହିଁ ତାହା ସର୍ବଜନହିତାୟ ସାବ୍ୟସ୍ତ ହୋଇପାରିବ। ପ୍ରଶାସନକୁ ଲୋକାଭିମୁଖୀ କରିବାପାଇଁ ସଂକଳ୍ପ ଉପସ୍ଥିତ ସମୟର ସମ୍ଭବତଃ ଏକମାତ୍ର ଆହ୍ୱାନ। ଜାତୀୟ ଓ ପ୍ରାନ୍ତୀୟ ଘଟଣାବଳୀ ସମସ୍ତଙ୍କ ଭିତରେ ଯେଉଁ ଛାପ ଛାଡ଼ି ଦେଇଛି, ତାହା କାଳକାଳକୁ ରହିଯିବ। ତାହା ସଂସଦରେ ଗୁରୁତ୍ୱପୂର୍ଣ୍ଣ ବିଲ୍ ଆଣିବା ହେଉ, ଅଯୋଧ୍ୟାରେ ଶ୍ରୀରାମ ମନ୍ଦିର ଭୂମିପୂଜନ ହେଉ, କରୋନା ସଂକ୍ରମଣ ସତ୍ତ୍ୱେ ଏସ୍‌ଓପି ଅନୁପାଳନ ମଧ୍ୟରେ ସମାହିତ ହୋଇଯାଇଛି। ସଂସଦ ତଥା ବିଧାନସଭା ଅଧିବେଶନରେ ଅବଧିକୁ କାଟଛାଂଟ କରିଦିଆଯାଇଛି କେବଳ କରୋନା ଭୟ ପାଇଁ। ଯେମିତି ବିସ୍ତୃତ ବିତର୍କ ପରେ ବିଧେୟକ ଆସିଥାଏ, ତାହା କରାଯାଇପାରିନାହିଁ। ଆମ ରାଜ୍ୟରେ କରୋନା ବିରୋଧୀ ଲଢ଼େଇ ପାଇଁ ସରକାର ଜନସହଯୋଗ ନେଇ ପଦକ୍ଷେପ ନେଇଛନ୍ତି, ତାହାର ତାରିଫ କରାଯାଇଛି। ପ୍ରତିଷେଧକ ଟିକାର ବିକାଶପାଇଁ ଧୈର୍ଯ୍ୟ ରକ୍ଷା ପୂର୍ବକ କେନ୍ଦ୍ର ନିର୍ଦ୍ଦେଶିତ ଉପଚାର ପାଳନରେ କିଛି ଖିଲାପ କରାଯାଇନଥିବାରୁ ଓଡ଼ିଶା ସବୁ ଆଡୁ ପ୍ରଶଂସା ପାଇଆସିଛି। କରୋନା ସଂକ୍ରମଣ ସତ୍ତ୍ୱେ ରାଜ୍ୟ ସରକାର ତାଙ୍କର ଦୁର୍ନୀତିବିରୋଧୀ ଅଭିଯାନରେ କୋହଳଭାବ ପୋଷଣ କରିନାହାଁନ୍ତି। ମୁଖ୍ୟମନ୍ତ୍ରୀ ଯେଉଁ ଫାଇଭ୍-ଟି ସୂତ୍ର ବାହାର କରିଛନ୍ତି, ତାହାକୁ ରାଜ୍ୟବାସୀଙ୍କ ହିତସାଧନ ପାଇଁ ପ୍ରଶାସନ ଆକ୍ଷରିକ ପ୍ରୟୋଗ ଚଳାଇଛି। ଦେଶରେ ପ୍ରଥମ କରି ଲୋକାୟୁକ୍ତ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବା କିଭଳି ସତ୍‌ସାହସର ଆବଶ୍ୟକ କରେ, ତାହା କୁହାଯିବା ବାହୁଲ୍ୟ ମାତ୍ର। ରାଜ୍ୟନୀତିରେ ଅନେକ କ୍ଷେତ୍ରରେ ଦଳୀୟ ପ୍ରୀତିକୁ ପ୍ରାଧାନ୍ୟ ଦିଆଯିବା ପରମ୍ପରା ଗଢ଼ି ଆସୁଥିବାବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହୁଏତ ଏକମାତ୍ର ନେତା ଯିଏକି ଯେତେ ବଡ଼ ସ୍ଥାନରେ ଥାଆନ୍ତୁ ପଛେ, ତାଙ୍କୁ ବାସ୍ତବତାର କଷଟିରେ ପରୀକ୍ଷା ଦେବାକୁ ହେବ। ବିଜୁ ଜନତା ଦଳର ସମ୍ପ୍ରତି ଶେଷ ହୋଇଥିବା ରାଜ୍ୟ ପରିଷଦ ବୈଠକରେ ଗୃହୀତ ନିଷ୍ପତ୍ତିରୁ ଏହା ପୁନରାୟ ସ୍ପଷ୍ଟ ହୋଇସାରିଛି। ଦଳର ସର୍ବୋଚ୍ଚ ନେତା ତଥା ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ସମ୍ପତ୍ତି ତାଲିକା ଦେବାକୁ ହେବ ବୋଲି ସ୍ପଷ୍ଟ କରିଦେଇଛନ୍ତି। ଗୃହୀତ ପ୍ରସ୍ତାବରେ ସ୍ପଷ୍ଟ ସୂଚିତ ହୋଇଛି ଯେ, ଦୁର୍ନୀତି ହେଉଛି ବିକାଶର ଶତ୍ରୁ। ଦୁର୍ନୀତିର ମୂଳୋତ୍ପାଟନ କରିବାକୁ ହେଲେ ଲୋକାୟୁକ୍ତ ଭଳି ସଂସ୍ଥା ପାଖରେ ସରପଂଚଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ସମ୍ପତ୍ତି ତାଲିକା ଦେବାକୁ ହେବ। ଏହାଦ୍ୱାରା ସାଧାରଣ ଜୀବନରେ ସ୍ୱଚ୍ଛତା ରକ୍ଷାକୁ ସୁନିଶ୍ଚିତ କରାଯାଇପାରିବ। କଥାରେ ନୁହେଁ, ଆମ ରାଜ୍ୟ କିମ୍ବା ଜାତୀୟ ଜୀବନରେ ଦୁର୍ନୀତିର ଛିଟା ବରାବର ରହିଆସିଛି। ଦୁର୍ନୀତିର ବିଲୋପ ଏମିତିରେ କିଛି ମାମୁଲି କଥା ନୁହେଁ। ପର୍ଯ୍ୟାୟକ୍ରମେ ଦୁର୍ନୀତିର ବିଲୋପ ପାଇଁ ଓଡ଼ିଶା ଅନ୍ୟମାନଙ୍କୁ ବାଟ ଦେଖାଇବ। ଅନ୍ୟବହୁ କ୍ଷେତ୍ରରେ ଯେମିତି ରାଜ୍ୟ ରୋଲ ମଡେଲ ସାଜିଛି, ଦୁର୍ନୀତି-ବିରୋଧୀ ଅଭିଯାନରେ ଦୃଷ୍ଟାନ୍ତସ୍ଥାନୀୟ ଆଦର୍ଶ ହୋଇପାରିବ ବୋଲି ନେତୃତ୍ୱ ଆଶା ରଖିଛି। ଦଳର ତଳସ୍ତରରୁ ସୁଦ୍ଧା ନିର୍ମଳ ଓ କଳୁଷମୁକ୍ତ ଶାସନ ପାଇଁ ଚାଲିଥିବା ପ୍ରୟାସ ବିଜୟଶ୍ରୀମଣ୍ଡିତ ହେବାରେ ଯେଉଁ ପ୍ରତିବନ୍ଧକ ରହିଛି, ତାହାକୁ ହଟାଯାଇପାରିବ ବୋଲି ସଦ୍ୟ ସମାପ୍ତ ଅଧିବେଶନରେ ଇଙ୍ଗିତ ମିଳିଛି। କଥା ଓ କାର୍ଯ୍ୟ ଭିତରେ ଅନ୍ତର ରହିଛି। କେନ୍ଦ୍ରରେ କ୍ଷମତାରେ ଥିବା ବିଜେପି ଓ ବିରୋଧୀ ଦଳ କଂଗ୍ରେସ ଆପଣା ସ୍ୱାର୍ଥ ପାଇଁ ଅନ୍ଧ ହୋଇସାରିଥିବା କଥା ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ ବିଜୁ ଜନତା ଦଳ ମାତ୍ର ଆଂଚଳିକ ଦଳର ପରିଚୟ ଭିତରେ ଥାଇ ରାଜ୍ୟର ବୃହତ୍ତର ସ୍ୱାର୍ଥ ପାଇଁ କାର୍ଯ୍ୟ କରିଚାଲିବ ବୋଲି କହିଛନ୍ତି। ତାହାର ଆଧାରରେ ସଂଗ୍ରାମ କରିବା ଭିତରେ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା କିମ୍ବା ବିକଶିତ ରାଜ୍ୟ ମାନ୍ୟତା ଓ ବିଧାନ ପରିଷଦ ଗଠନ ଦାବିନେଇ ହେଉ, ସେଥିପାଇଁ ସପ୍ରସ୍ତୁତ ରହିବା ସକାଶେ ସମସ୍ତଙ୍କୁ ଆହ୍ୱାନ ଦିଆଯିବା ଆଗାମୀ ଦିନ ପାଇଁ ବିକାଶର ମାନଚିତ୍ରକୁ ରେଖାଙ୍କିତ କରିବ।

# ବଡ଼ଦିନ : ଯୀଶୁଙ୍କ ଧରାବତରଣ



ବିପିନ ବିହାରୀ ମହାନ୍ତି
ବିକାଶ ନଗର, ଜଟଣୀ,
ଖୋର୍ଦ୍ଧା-୭୫୨୦୫୦,
ମୋ : ୯୯୩୮୩୪୧୩୮



ଏକଦା ବାଗ୍ମୀ ଆଚାର୍ଯ୍ୟ ବଲ୍ଲଭ ଶାସ୍ତ୍ରୀଙ୍କୁ ତାଙ୍କର ଶିଷ୍ୟ ପଚାରିଲେ, 'ଆଜ୍ଞା ଏବେ ଭଗବାନ ଅବତାର ଗ୍ରହଣ କରିବା କ'ଣ ବନ୍ଦ ହୋଇଗଲା ? କାରଣ ଏବେ ତ ତାଙ୍କ ଅବତାର ସଂପର୍କରେ ଆଉ କିଛି ଆଲୋଚନା ହେଉନାହିଁ ?'

ଆଚାର୍ଯ୍ୟ ଉତ୍ତରିଲେ, 'ଯେ ସେ ହିନ୍ଦୁଧର୍ମର ଗୀତାରେ କହିଛନ୍ତି, ମଣିଷ ଏଣିକି ନିଜର ଦୋଷଦୁର୍ବଳତାକୁ ସମ୍ଭାଳି ଆଗେଇବାରେ ସମର୍ଥ । ତେଣୁ ଆଉ ଅବତାରର ଆବଶ୍ୟକତା ନାହିଁ । ତଥାପି ମୁଁ ଭିନ୍ନ ଭିନ୍ନ ମହାପୁରୁଷ ଯଥା- ବୁଦ୍ଧ,ମହାବୀର,ଯୀଶୁ,ନାନକ, ମହମ୍ମଦ,ଈସା, କବୀର, ସମର୍ଥ ରାମଦାସ ଏବଂ ରାମକୃଷ୍ଣ ପରମହଂସ ଇତ୍ୟାଦି ରୂପରେ ଧରାପୃଷ୍ଠରେ ଅବତରୀତ ହେବି ଏବଂ ତାଙ୍କରି ମାଧ୍ୟମରେ ମୁଁ ମଣିଷର ସେବା କରିବି ।'

ଏକଥା ଯଦି ସତ୍ୟ ହୁଏ ଯୀଶୁ ହିଁ ସେହି ଈଶ୍ୱର ଯିଏ କି, ମାନବ ରୂପରେ ଜନ୍ମ ହୋଇଥିଲେ । ତାଙ୍କ ଜନ୍ମଦିନକୁ ବଡ଼ଦିନ, ଖ୍ରୀଷ୍ଟମାସ ବା ଡିସେମ୍ବର ୨୫ କୁହାଯାଇଥାଏ । ଏ ତିନିକଥା ଯାକ ଏକା । ଏଠାରେ ଗୋଟିଏ କଥା ସ୍ମରଣ କରିଦେଉ ଯେ, ଖ୍ରୀଷ୍ଟପୂର୍ବ ଆରମ୍ଭରୁ ଯୀଶୁଙ୍କ ଜନ୍ମଦିନ ପାଳନ ପାଇଁ ସେମିତି କିଛି ନିର୍ଦ୍ଦିଷ୍ଟ ତାରିଖ ନଥିଲା । ଏମିତିରେ ଜାନୁଆରୀ ୬, ମେ ୨୦, ନଭେମ୍ବର ୧୭, ମାର୍ଚ୍ଚ ୨୫ ଆଦି ବିଭିନ୍ନ ସମୟରେ ଯୀଶୁଙ୍କ ଜନ୍ମଦିନ ପାଳିତ ହେଉଥିଲା; କିନ୍ତୁ ଶେଷରେ ଆର୍ମେନିଆର କାଥୋଲିକ୍ ଚର୍ଚ୍ଚ ଡିସେମ୍ବର ୨୫ ତାରିଖକୁ ବଡ଼ଦିନ ଭାବେ ଘୋଷଣା କରିଥିଲା । ଏହାପରଠାରୁ ବିଶ୍ୱରେ ସର୍ବତ୍ର ଏହି ସମୟରେ ଖ୍ରୀଷ୍ଟମାସ ପାଳନ କରାଯାଉଛି ।

ହିନ୍ଦୁଧର୍ମରେ ଶ୍ରୀକୃଷ୍ଣଙ୍କ ଜନ୍ମପୂର୍ବରୁ ଯେମିତି ଭବିଷ୍ୟ ବାଣୀ ହୋଇଥିଲା ଯେ ଦେବକୀଙ୍କର ଅଷ୍ଟମ ଗର୍ଭରୁ ଯିଏ ଜନ୍ମ ନେବ ସେ କଂସକୁ ନିଧନ କରିବ ଏବଂ ପାପତାପ ନାଶ କରି ସୁଖଶାନ୍ତି ଫେରାଇବ । ଏହି କୃଷ୍ଣ କଂସର ବନ୍ଦୀଶାଳାରେ ଜନ୍ମ ହୋଇଥିଲେ । ଠିକ୍ ସେହିପରି ଯୀଶୁଙ୍କ ଧରାବତରଣ ପୂର୍ବରୁ ଭବିଷ୍ୟବାଣୀ ଥିଲା ଯେ ମେସିହା ଜନ୍ମ ନେବେ ଏବଂ ସେ ଏ ପୃଥିବୀର ଦୁଃଖକଷ୍ଟରୁ ତଥା ଅନ୍ୟାୟରୁ ଲୋକଙ୍କୁ ମୁକ୍ତି ଦେବେ । ଏହି ମେସିହା ହିଁ ହେଉଛନ୍ତି ଯୀଶୁ । ସେ ଶିଶୁ ରୂପେ ଜନ୍ମ ନେଲେ ବେଥଲିହିମର ଏକ ଜୀର୍ଣ୍ଣ ଗୋଶାଳାରେ । ତାଙ୍କ ମାଙ୍କ ନାମ ଥିଲା ମେରୀ ଓ ପିତାଙ୍କ ନାମ ଯୋଶେଫ । ସାଂସାରିକ ଦୃଷ୍ଟିକୋଣରୁ ମା' ଗର୍ଭବତୀ ନଥିଲେ । ମାତ୍ର ପ୍ରେମମୟ ପରମପିତାଙ୍କ କୃପାରୁ ସେ ମାଆ ମେରୀଙ୍କ ଗର୍ଭରୁ ଜାତ ହୋଇଥିଲେ । ସେଦିନ ଥିଲା ଏହି ଡିସେମ୍ବର ୨୫ ତାରିଖ ଯାହାକି ପ୍ରଥମ ମହାନ୍ ଦିବସ ବା ବଡ଼ଦିନ ।

ଶୀତଦିନରେ ବିଭିନ୍ନ ପର୍ବ ମଧ୍ୟରୁ ଯେଉଁସବୁ ପର୍ବ ପାଳନ କରାଯାଏ ସେମାନଙ୍କ ମଧ୍ୟରେ ଏହି ବଡ଼ଦିନ ପର୍ବ ବଡ଼ ଆଡ଼ମ୍ବର ଭାବରେ ପାଳନ କରାଯାଏ । ଅଧିକାଂଶ ରାଷ୍ଟ୍ରରେ ଏହାକୁ ସରକାରୀ ଛୁଟି ଭାବେ ଘୋଷଣା କରାଯାଇଛି । ଏହି ଦିନଟି ବେଶ୍ ଆନନ୍ଦ ଉଲ୍ଲାସର ସହ ପାଳନ କରାଯାଏ । ବିଶେଷକରି ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ଏହାକୁ ଯାକଜମକରେ ପାଳନ କରନ୍ତି । ନିଜ ଘରକୁ ବେଶ୍ ସୌଖୀନ ଭାବରେ ବିଭିନ୍ନ ପ୍ରକାରର ରଙ୍ଗୀନ ଆଲୋକରେ ସଜାଇଥାନ୍ତି । ପ୍ରାୟତଃ ସମସ୍ତେ ନୂତନ ବସ୍ତ୍ର ପରିଧାନ କରିଥାନ୍ତି ଏବଂ ବଡ଼ଦିନ ସକାଶେ 'ବଡ଼ଦିନି' ସୌଦା ପାଇଁ ସ୍ୱତନ୍ତ୍ର ବଜାରମାନ ସୃଷ୍ଟି ହୋଇଥାଏ । ପରସ୍ପରକୁ ସେମାନେ ଉପହାର ପ୍ରଦାନ କରନ୍ତି ଏବଂ ପାରସ୍ପରିକ ମଧୁର ସଂପର୍କର ମଜା ଉଠାନ୍ତି । ଖାଲି ସେତିକି ନୁହେଁ ଭୋଜି କରି ସାଙ୍ଗସାଥୀଙ୍କୁ ଆପ୍ୟାୟିତ କରନ୍ତି ଏବଂ ନିଜ ଘରେ ପ୍ରସ୍ତୁତ ବିଭିନ୍ନ ପ୍ରକାର ମିଠା ଇତ୍ୟାଦି ଭୋଜନ ଆଦାନ ପ୍ରଦାନ କରିଥାନ୍ତି । ଘରେ ଘରେ ନାଚଗୀତର ଆସର । ସମସ୍ତଙ୍କ ଘରେ ଖ୍ରୀଷ୍ଟମାସ ଟ୍ରି(ଗଛ) ଏବଂ ତତ୍‌ସମ୍ବନ୍ଧି ସାଜସଜ୍ଜାରେ ଘରକୁ ସୁସଜ୍ଜିତ କରିଥାନ୍ତି । ସମସ୍ତେ କିନ୍ତୁ ଅପେକ୍ଷା କରିଥାନ୍ତି ରାତିରେ ପ୍ରତ୍ୟେକ ଘରକୁ ଆସୁଥିବା ଶାନ୍ତାକ୍ଲଜଙ୍କୁ କାରଣ ଶାନ୍ତା ନିଜ ଜିଙ୍ଗଲ ବେଲ୍ ଗୀତ ଗାଇ ଗାଇ ଆସେ ଏବଂ ଅନେକ ଆଶୀର୍ବାଦ ଦେବା ସହ ବିଭିନ୍ନ ମନଲୋଭା ଉପହାର ମଧ୍ୟ ଆଣିଦିଏ ।

ଏହି ଦିବସରେ ପ୍ରତ୍ୟେକ ଖ୍ରୀଷ୍ଟ ଧର୍ମାବଲମ୍ବୀ ବେଶ୍ ପ୍ରଫୁଲ୍ଲ ଏବଂ ଉଲ୍ଲସିତ ଥାଆନ୍ତି । ଏମିତି ବି ବିଶ୍ୱାସ କରାଯାଏ ଯେ ଯଦି ନିଜର ଅଜ୍ଞାତରେ ନିଜେ କିଛି ତ୍ରୁଟି କରିଯାଇଥାଏ ଏହି ପବିତ୍ର ଅବସରରେ ସେ ତ୍ରୁଟି ପାଇଁ କ୍ଷମା ମାଗିନିଅନ୍ତି । ଯୀଶୁ ହେଉଛନ୍ତି କ୍ଷମାର ଅବତାର । ସେ ଏମିତି ଜଣେ ପ୍ରଭୁ ଥିଲେ ଯେକି କହୁଥିଲେ କ୍ଷୁଧାର୍ତ୍ତକୁ ଗଣ୍ଡେ ଖାଇବାକୁ ଦିଅ; ଲଙ୍ଗଳାକୁ ଖଣ୍ଡେ ଲୁଗା ଦିଅ; ନିଜର ଭୁଲ୍ ପାଇଁ ଅନୁତାପ କର; ଅନ୍ୟ ପାଇଁ ନିଜ ହୃଦୟର କରୁଣା ବିଂଚିଦିଅ ଏବଂ ଅନ୍ୟର କୃତକର୍ମ ପାଇଁ ସେମାନଙ୍କୁ କ୍ଷମା ଦିଅ ଏବଂ ନିଜ ପାଇଁ କ୍ଷମା ମାଗିନିଅ ।

ସେ ହେଉଛନ୍ତି ପ୍ରେମ ଓ କ୍ଷମାର ଅବତାର । ତେଣୁ ତାଙ୍କ ଜୀବନର ପରବର୍ତ୍ତୀ ସମୟରେ ଯେତେବେଳେ ମିଥ୍ୟା ରାଜଦ୍ରୋହ ଅପରାଧରେ ତାଙ୍କୁ କ୍ରୁଶବିଦ୍ଧ କରାଗଲା ସେ ସେତେବେଳେ କହିଥିଲେ -'ପିତା ! ଏମାନେ ଯାହା କରୁଛନ୍ତି ଜାଣନ୍ତି ନାହିଁ, ଏମାନଙ୍କୁ କ୍ଷମା ଦିଅ ।'

ଏହିପରି ପ୍ରଭୁ ଥିଲେ ସେ କ୍ଷମାସାଗାର, କରୁଣାମୟ ଏବଂ ପ୍ରେମମୟ ପ୍ରଭୁ । ସେ ଆଜି କେବଳ ଖ୍ରୀଷ୍ଟଧର୍ମାବଲମ୍ବୀମାନଙ୍କର ନୁହଁ ସାରା ବିଶ୍ୱର ନମସ୍ୟ ଅଟନ୍ତି ।

# ବାଜପେୟୀ ଓ ପୋଖରଣ ପରମାଣୁ ପରୀକ୍ଷଣ



ଡ. ସମନ୍ୱୟ ନନ୍ଦ



ଡିସେମ୍ବର ୨୫ ହେଉଛି ଭାରତର ଭୂତପୂର୍ବ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ । ୧୯୨୫ ମସିହାରେ ମଧ୍ୟପ୍ରଦେଶର ଗ୍ୱାଲିୟର ଠାରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କର ବହୁ ଆୟାମୀ ବ୍ୟକ୍ତିତ୍ୱ ଥିଲା । ସେ ଜଣେ ଏକାଧାରରେ କବି, ସାହିତ୍ୟିକ, ସମ୍ବେଦନଶୀଳ ରାଜନେତା ଥିଲେ । ପ୍ରବଳ ରାଷ୍ଟ୍ର ଭକ୍ତ ଶ୍ରୀ ବାଜପେୟୀ ଭାରତରେ ଆଜି ପର୍ଯ୍ୟନ୍ତ ହୋଇଥିବା ଦେଶର ପ୍ରଧାନମନ୍ତ୍ରୀଙ୍କ ମଧ୍ୟରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛନ୍ତି । ତାଙ୍କର ପ୍ରଧାନମନ୍ତ୍ରିତ୍ୱ କାଳରେ ଦେଶ ତଥା ଦେଶବାସୀଙ୍କ ପାଇଁ ସେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଥିଲେ । ତାଙ୍କର ଯେଉଁ ପଦକ୍ଷେପ ପାଇଁ ଭାରତର ଇତିହାସ ତାଙ୍କୁ ମନେ ରଖିବ ତାହା ହେଉଛି ଯେ ସେ ଭାରତକୁ ପରମାଣୁ ଶକ୍ତି ବିଶିଷ୍ଟ ରାଷ୍ଟ୍ରରେ ପରିଣତ କରିଥିଲେ । ସେ କହୁଥିଲେ ଯେ ଦେଶର ସୁରକ୍ଷା ସର୍ବୋପରି । ତେଣୁ ସେ କୌଣସି ବିଦେଶୀ ଦେଶର ଚାପକୁ ଖାତିର ନ କରି ଭାରତରେ ପରମାଣୁ ପରୀକ୍ଷଣ କରିଥିଲେ ଓ ଭାରତକୁ ପରମାଣୁ ଶକ୍ତି ସମ୍ପନ୍ନ ରାଷ୍ଟ୍ର କରିଥିଲେ ।

ବିଶ୍ୱରେ କିଛି ଦେଶ ଅଛନ୍ତି ସେମାନେ ନିଜକୁ ବିଶ୍ୱର ଚୌଧୁରୀ ଭଳି ମନେ କରନ୍ତି । ସେମାନେ କହନ୍ତି ଯେ ଆମେ ସ୍ଥିର କରିବୁ କିଏ କଣ କରିବ ଓ କିଏ କଣ ନ କରିବ । ଆମେରିକା ଭଳି ଦେଶ ଏହି ବର୍ଗର । ସେମାନଙ୍କ କହିବା କଥା ଆମ ପାଖରେ ପରମାଣୁ ବୋମା ରହିଲେ କିଛି ଅସୁବିଧା ନାହିଁ ହେଲେ ଅନ୍ୟ କାହା ହାତରେ ଏହା ନ ଆସୁ । ତେଣୁ ସେମାନେ ଅନ୍ୟ କେହି ଦେଶ ଏପରି ନ କରନ୍ତୁ ସେଥିପାଇଁ ସମସ୍ତ ପ୍ରକାର ଚାପ ପ୍ରୟୋଗ କରିଥାନ୍ତି ।

କୁହା ଯାଏ ଯେ ବିଜ୍ଞାନ କେବେ ହେଲେ କୁପାତ୍ର କୁ ମିଳିବା ଉଚିତ ନୁହେଁ । କୁପାତ୍ର ହାତରେ ବିଜ୍ଞାନ ଆସିଗଲେ ସେ ଏହାର ପ୍ରୟୋଗ ଧ୍ୱଂସ କରିବା ପାଇଁ କରି ପାରେ । ଚୀନ ୧୯୬୨ ମସିହାରେ ଭାରତ ଉପରେ ଆକ୍ରମଣ କରିବା ପରେ ପରେ ହିଁ ପରମାଣୁ ପରୀକ୍ଷା କରିଥିଲା ଓ ପରମାଣୁ ଶକ୍ତି ସମ୍ପନ୍ନ ଦେଶରେ ପରିଣତ ହୋଇଥିଲା । ଅନ୍ୟ ପକ୍ଷରେ ଭାରତକୁ ଘେରିବା ଉଦ୍ଦେଶ୍ୟ ନେଇ ପାକିସ୍ତାନକୁ ମଧ୍ୟ କିଛି ଦେଶ ପରମାଣୁ ଟେକ୍ନୋଲଜି ପ୍ରଦାନ କରିଥିବା ଖବର ଆସୁଥିଲେ । ଏହା ବିଜ୍ଞାନ କୁପାତ୍ରକୁ ଦାନ ସହ ସମାନ ଥିଲା । ସେହିପରି ଭାରତ ଉପରେ ଆକ୍ରମଣ କରିଥିବା ଦେଶ ଚୀନ ନିକଟରେ ପରମାଣୁ ବୋମା ରହିଥିବା ନିଶ୍ଚିତ ଭାବେ ଭାରତର ସୁରକ୍ଷା ପାଇଁ ବିପଦ ଥିଲା । ଏହା ଭାରତ ସରକାର ଭଲ ଭାବେ ବୁଝୁଥିଲେ । ହେଲେ ଆମେରିକାର ଚାପକୁ ଆଖି ଆଗରେ ରଖି କେହି ପରମାଣୁ ପରୀକ୍ଷଣ ପାଇଁ ସାହସ କରି ପାରୁ ନ ଥିଲେ । ତେଣୁ ଭାରତ ପରମାଣୁ ଶକ୍ତି ସମ୍ପନ୍ନ ରାଷ୍ଟ୍ରରେ ପରିଣତ ହୋଇ ପାରୁ ନ ଥିଲା । ମାତ୍ର ଅଟଳ ବିହାରୀ ବାଜପେୟୀ ପ୍ରଧାନମନ୍ତ୍ରୀ ହେବା ପରେ ସମସ୍ତ ପ୍ରକାର ଚାପକୁ ଭୃକ୍ଷେପ ନ କରି ୧୯୯୮ ମସିହା ମେ ମାସରେ ରାଜସ୍ଥାନର ପୋଖରଣ ଠାରେ ଦୁଇଟି ପରୀକ୍ଷଣ କରିଥିଲେ ଓ ଭାରତକୁ ପରମାଣୁ ଶକ୍ତି ସମ୍ପନ୍ନ ରାଷ୍ଟ୍ରରେ କ୍ଲବରେ ସାମିଲ କରାଇ ଦେଇଥିଲେ ।

ଦେଖିବାକୁ ଗଲେ ଭାରତୀୟ ଜନତା ପାର୍ଟି ତାର ଜନ୍ମ କାଳରୁ ତଥା ଜନସଂଘ ସମୟରୁ ଭାରତରୁ ଏକ ଶକ୍ତିଶାଳୀ ରାଷ୍ଟ୍ର ଭାବେ ଦେଖିବାକୁ ଚାହିଁ ଆସଥିଲା । ଜନ ସଂଘ ଏକ ଏପରି ଶକ୍ତିଶାଳୀ ଭାରତର କଳ୍ପନା କରେ ଯେଉଁଥିରେ ବିଭିନ୍ନ ଦେଶ ମାନଙ୍କ ସହ ବଡ -ସାନ ଶକ୍ତିଶାଳୀ ଓ ଶକ୍ତିହୀନ ଆଧାରରେ ନୁହେଁ ବରଂ ସମାନ - ସମାନ ଶକ୍ତି ଆଧାରରେ ମିତ୍ରତା ସ୍ଥାପନ କରା ଯାଇ ପାରିବ । ତେଣୁ ଜନସଂଘ ସମୟରୁ ହିଁ ଭାରତ ପରମାଣୁ ଶକ୍ତି ସମ୍ପନ୍ନ ରାଷ୍ଟ୍ର ଭାବେ ପରିଗଣିତ ହେଉ ବୋଲି ଏହାର ପ୍ରାରମ୍ଭିକ ନୀତିରୁ ହିଁ ଉଲ୍ଲେଖ ରହି ଆସିଥିଲା । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଦ୍ୱିତୀୟ ସରସଂଘଚାଳକ ମାଧବ ସଦାଶିବ ରାଓ ଗୋଲବାଲକର ( ଗୁରୁଜୀ) ମଧ୍ୟ ଭାରତ ପରମାଣୁ ଶକ୍ତି ସମ୍ପନ୍ନ ରା ଷ୍ଟ୍ର ହେବା ଆବଶ୍ୟକ ବୋଲି ମତ ଦେଇଥିଲେ । ୧୯୬୨ ମସିହାରେ ଚୀନ ଦ୍ୱାରା ଭାରତ ଉପରେ ଆକ୍ରମଣ ତଥା ୧୯୬୪ ମସିହାରେ ଚୀନ ଦ୍ୱାରା ପରମାଣୁ ପରୀକ୍ଷା ପରେ ଭାରତ ନିଶ୍ଚିତ ଭାବେ ପରମାଣୁ ଶକ୍ତି ସମ୍ପନ୍ନ ରାଷ୍ଟ୍ର ହେବା ଆବଶ୍ୟକ ବୋଲି କହିଥିଲେ । ସେ କହିଥିଲେ ଯେ - "ପରମାଣୁ ବୋମାର ଉତର ପରମାଣୁ ବୋମା ହିଁ ହୋଇ ପାରିବ । ତେଣୁ ଭାରତକୁ ମଧ୍ୟ ପରମାଣୁ ବୋମା ତିଆରି କରିବାର ଆବଶ୍ୟକତା ରହିଛି ଯାହା ଦ୍ୱାରା ଜନ ସାଧାରଣ ଓ ସୈନିକ ମାନଙ୍କ ମଧ୍ୟରେ ବିଶ୍ୱାସ ଉତ୍ପନ୍ନ ହୋଇ ପାରିବ ।" ସେତେବେଳେ ଅଟଳ ବିହାରୀ ବାଜପେୟୀ ଅନେକ ରାଜନୈତିକ ଦଳକୁ ଏକାଠି କରି ଲଢୁଥିଲେ । ସେତେବେଳେ ବିଜେପି ଆଜି ପରି ଶକ୍ତିଶାଳୀ ନ ଥିଲା । ବିଜେପିକୁ ଅନେକ ରାଜନୈତିକ ଦଳ ମାନଙ୍କ ସହ ମେଂଟ କରିବାକୁ ପଡୁଥିଲା । ଏହି ମେଂଟ କାରଣରୁ ବିଜେପିକୁ ତାର ମୁଖ୍ୟ ପ୍ରସଙ୍ଗ ଯେପରିକି ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମଙ୍କର ଭବ୍ୟ ମନ୍ଦିର ନିର୍ମାଣ, ଜାମ୍ମୁ କାଶ୍ମୀରରୁ ଅନୁଚ୍ଛେଦ ୩୭୦ ପ୍ରତ୍ୟାହାର ତଥା ୟୁନିଫର୍ମ ସିଭିଲ କୋଡ ପରି ବିଷୟକୁ ସାମୟିକଭାବେ ଛାଡିବାକୁ ପଡିଥିଲା । ହେଲେ ଏହି ଦଳ ମାନଙ୍କୁ ନେଇ ସର୍ବସମ୍ମତି କ୍ରମେ ନ୍ୟାସନାଲ ଏଜେଣ୍ଡା ( ରାଷ୍ଟ୍ରୀୟ ଏଜେଣ୍ଡା) ତିଆରି କରା ଯାଇଥିଲା ସେଥିରେ ଭାରତକୁ ପରମାଣୁ ସମ୍ପନ୍ନ କରା ଯିବ ବୋଲି ଉଲ୍ଲେଖ ରହିଥିଲା । ନ୍ୟାସନାଲ ଏଜେଣ୍ଡାରେ କୁହା ଯାଇଥିଲା - "ଦେଶର ନିରାପତା ପାଇଁ ଆମେ ସବୁ ପ୍ରକାର ପଦକ୍ଷେପ ନେବୁ । ସମସ୍ତ ଉପଲବ୍ଧ ଥିବା ବିକଳ୍ପକୁ ଦେଖିବୁ । ଏହି ଉଦ୍ଦେଶ୍ୟ ପୂର୍ତି ପାଇଁ ଆମେ ଦେଶରେ ଚାଲି ଆସୁଥିବା ପରମାଣୁ ନୀତି ପରମାଣୁ ନୀତିର ପୁନଃ ମୂଲ୍ୟାଙ୍କନ କରିବୁ ଓ ପରମାଣୁ ଅସ୍ତ୍ର ଶସ୍ତ୍ର ତିଆରି କରିବାର ବିକଳ୍ପ ଆପଣାଇବୁ ।" ୧୯୯୮ ମସିହା ୧୧ ଓ ୧୩ ତାରିଖ ଦିନ ପୋଖରଣ କେବଳ ପରମାଣୁ ପରୀକ୍ଷଣ ହୋଇ ନ ଥିଲା ବରଂ ଏହା ସହିତ ଭାରତର ରାଷ୍ଟ୍ରୀୟ ଅସ୍ମିତା, ଭାରତର ଅସ୍ତିତ୍ୱ, ଭାରତର ଗୌରବ, ଭାରତର ଚେତନା, ଭାରତର ଭାବୀ ଆକାଂକ୍ଷା, ରାଷ୍ଟ୍ରୀୟ ସୁରକ୍ଷାର ଆଶ୍ୱସ୍ତି, ଆତ୍ମସମ୍ମାନର ସାମର୍ଥ୍ୟ, ବିଶ୍ୱ ମୈତ୍ରୀ ପାଇଁ ସମାନତାର ସର୍ତ୍ତ, ଓ ମାନ୍ୟତାର ବିସ୍ଫୋରଣ ହେବା ଦ୍ୱାରା ଦେଶବାସୀ ଗର୍ବ ଓ ଗୌରବର ଅନୁଭବ କଲେ । ଭାରତ ମାତାର ମସ୍ତକ ଉଚ୍ଚ ହେଲା । ଭାରତର ଆତ୍ମ ସମ୍ମାନ ବୃଦ୍ଧି ପାଇଥିଲା । ପରମାଣୁ ବିସ୍ଫୋରଣ ପରେ ଅଟଳ ବିହାରୀ ବାଜପେୟୀ କହିଲେ - ନିର୍ବାଚନ ସମୟରେ ଆମେ ଦେଶବାସୀଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇଥିଲୁ ତା ପ୍ରତି ପ୍ରତିବଦ୍ଧତା କାରଣରୁ ଆମେ ପରମାଣୁ ପରୀକ୍ଷା କରିଛୁ । ଏହା ସରକାରଙ୍କର ରାଷ୍ଟ୍ରୀୟ ଏଜେଣ୍ଡାର ଅଂଶବିଶେଷ । ରାଷ୍ଟ୍ରୀୟ ସୁରକ୍ଷାକୁ ସର୍ବୋପରି ବୋଲି ମାନିବା କାରଣରୁ ହିଁ ପରମାଣୁ ପରୀକ୍ଷା କରିବାର ଏହି ନିଷ୍ପତି ନିଆ ଯାଇଥିଲା । ମୁଁ ଗତ ଚାରି ଦଶନ୍ଧି ଧରି କହି ଆସୁଛି ଯେ ଭାରତକୁ ପରମାଣୁ ସମ୍ପନ୍ନ ଦେଶ ହେବା ଉଚିତ । ମୋ ପାର୍ଟି ଭାରତୀୟ ଜନତା ପାର୍ଟି ତଥା ପୂର୍ବବର୍ତୀ ଦଳ ଜନ ସଂଘ ଲଗାତାର ଭାବେ ଏହି ଦାବି କରି ଆସୁଛନ୍ତି । ଯେତେବେଳେ ଆମେ ବର୍ତମାନ ସରକାରରେ ଅଛୁ ସେତେବେଳେ ଲୋକ ମାନେ ଆଶା କରନ୍ତି ଯେ ଆମେ ଆମର ପ୍ରତିବଦ୍ଧତାକୁ ପୂରଣ କରୁ । ଆମେ ପ୍ରମାଣିତ କରିଛୁ ଯେ ଆମେ ଯାହା କହୁ ତାହା କରୁ । ପୋଖରଣରେ ପରମାଣୁ ବିସ୍ଫୋରଣ କରି ନିଜର ନାମକୁ ସାର୍ଥକ କରିଥିଲେ ବାଜପେୟୀ । ଏପରି ନିଷ୍ପତି ଗ୍ରହଣ କରି ଅଟଳ ହେବାର ପରିଚୟ ଦେଇଥିଲେ ବାଜପେୟୀ । ତାଙ୍କୁ ଜଣା ଥିଲା ଯେ ଏହା ଦ୍ୱାରା ଭାରତ ଉପରେ ବିଶ୍ୱର ବିଭିନ୍ନ ଦେଶ କଟକଣା ଲଗାଇବେ ଓ ଆର୍ଥିକ ଦୃଷ୍ଟିରୁ ଭାରତ କ୍ଷତିଗ୍ରସ୍ତ ହୋଇ ପାରେ । ହେଲେ ଏହା ତାଙ୍କର ଅଟଳ ସଂକଳ୍ପରୁ ଓହରି ନ ଥିଲେ । ଆମେରିକାର ସାଟେଲାଇଟର ନୀରିକ୍ଷଣ ସତ୍ୱେ ଭାରତ ଏହି ପରମାଣୁ ପରୀକ୍ଷଣ କରି ସମସ୍ତଙ୍କୁ ଚକମା ଦେଇଥିଲା ଓ ଶେଷରେ ଭାରତ ପରମାଣୁ ଶକ୍ତି ସମ୍ପନ୍ନ ରାଷ୍ଟ୍ରରେ ପରିଣତ ହୋଇଥିଲା ।

ଯଦି ଆମେ କେବଳ ଗୋଟିଏ କାମ ପାଇଁ ଅଟଳ ବିହାରୀ ବାଜପେୟୀଙ୍କୁ ମନେ ରଖିବା ତାହା ହେଉଛି ଏହି ପୋଖରଣ ପରୀକ୍ଷଣ ପାଇଁ । ଏହା ଦ୍ୱାରା ଦୀର୍ଘ ଶହ ଶହ ବର୍ଷ ଧରି ଦାସତ୍ୱରୁ ମୁକ୍ତ ହୋଇଥିବା ଭାରତକୁ ପୁଣି ଥରେ ପରମ ବୈଭବଶାଳୀ ଓ ଶକ୍ତିଶାଳୀ ରାଷ୍ଟ୍ର ଗଠନ ପାଇଁ ଆଧାରଭୂମି ତିଆରି କରିଥିଲେ । ତାଙ୍କର ଜୟନ୍ତୀରେ ତାଙ୍କୁ ନମନ ।

## କବିତା କୋଣାର୍କ

### ଆଜି ପରା ବଡ଼ଦିନ...

ସୁଧାକର ରାଉତ

ଆଜି ପରା ବଡ଼ଦିନ
ଆସ ମୋର ପ୍ରିୟ ଭାଇଭଉଣୀ ଏ
ନିରାଶ କରି ମନ।

ଏତେ ଶୀତକୁ ନ ଡରି
କୁହୁଡ଼ି କାକରେ ସାନ୍ତା ଆସିଛନ୍ତି
ଦେବାପାଇଁ ଖୁସି ଭରି।

ଚର୍ଚ୍ଚମାନ ହୋଇ ସଜା
ଆଖି ଝଲସାଇ ଦେଉଛି ଆମର
ଦେଖ ଆସି ପୂଜା ରାଜା।

ଏଇ ପବିତ୍ର ଦିନରେ
ଜନମିଲେ ଯୀଶୁ ଗୁହାଳ ମଧ୍ୟରେ
ମା' ମେରୀଙ୍କ କୋଳରେ।

ସତ୍ୟ ଶାନ୍ତିର ବାରତା
ଅଧର୍ମ ଓ କୁସଂସାରକୁ ଦୂରେଇ
ଦେଖାଇଲେ ମହାନତା।

ସେ ଈଶ୍ୱରଙ୍କ ସନ୍ତାନ
ମାତ୍ର ଖଳ ଲୋକେ କ୍ରୁଶବିଦ୍ଧ କରି
ନାଶିଲେ ତାଙ୍କ ଜୀବନ।

ସେବା, ଦୟା, କ୍ଷମା, ପ୍ରେମର
ଥିଲେ ସିଏ ମୂର୍ତ୍ତିମନ୍ତ ପ୍ରତୀକ
କରୁଣାରେ ଅନୁପମ।

ଗଳ୍ପ, ଦୃଷ୍ଟାନ୍ତ ଛଳରେ
ହୃଦୟସ୍ପର୍ଶୀ ଉପଦେଶ ତାଙ୍କର
ପରିଚିତ ଘରେ ଘରେ।

ସେ ବାଣୀ ଅମୃତ ତୁଲ୍ୟ
ଜୀବନେ ଆମେ ପ୍ରୟୋଗ କଲେ
ବୁଝିବା
ନର ଜନମର ମୂଲ୍ୟ।

ଆଜି ଏ ଶପଥ ନେବା
ଜାତି, ଧର୍ମ, ବର୍ଣ୍ଣ, ଭେଦଭାବ, ଭୁଲି
ଭଲ ମଣିଷଟେ ହେବା।

ପ୍ରତାପ ନଗରୀ, କଟକ
ମୋ:୮୨୪୯୯୩୨୭୯୨

### ସଫଳ ଜୀବନ...

ଶ୍ରୀକୃଷ୍ଣ ସାମଲ

ପ୍ରେମ ସୃଷ୍ଟି ହେଲେ
ସ୍ୱପ୍ନ ସୃଷ୍ଟି ହୁଏ
ବନ୍ଧନ ଖୋଜଇ ମନ,
ପ୍ରୀତି ସୃଷ୍ଟି ହେଲେ
ପ୍ରଗତି ବି ଆସେ
ଏମିତି ଅଟେ ଜୀବନ ।

ସୁଖର ସଂସାର
ଗଢି ହୋଇଯାଏ
ବିତେ ଯୁଗଳ ଜୀବନ,
ସନ୍ତାନଙ୍କ ସୁଖ
କଥା ଭାବି ଭାବି
ବିତି ଯାଇଥାଏ ଦିନ ।

ସନ୍ତାନଙ୍କ ସୁଖ
ପାଇଁ ନେଇଥାନ୍ତି
ଜୀବନେ ବଜ୍ର ଶପଥ,
ସ୍ୱପ୍ନ କୁ ସାକାର
କରିବା ନିମନ୍ତେ
କରିଥାନ୍ତି ଓଷା ବ୍ରତ ।

ସମାଜରେ ସୁଧା
ପ୍ରତିଷ୍ଠା ଲଭନ୍ତି
ରଖି ଉତ୍ତମ ସମ୍ପର୍କ,
ଦୀନ ଦୁଃଖୀଙ୍କର
ସାହା ହୋଇଥାନ୍ତି
ନ ରଖି ମନରେ ଦକ ।

ପରିବାର ପାଇଁ
ଦରଦ ବି ଥାଏ
ପିତାମାତା ପ୍ରତି ଭକ୍ତି,
ସେବା ଯତ୍ନ କେବେ
କରନ୍ତି ନି ଊଣା
ନ ଥାଏ ତ ଅନାସକ୍ତି ।

ଶେଷ ଜୀବନ ବି
ବିତି ଯାଏ ତାଙ୍କ
ନ ଥାଏ ଅଶାନ୍ତି ଶୋକ,
ସ୍ରଷ୍ଟାଙ୍କର ଦାନ
ବୋଲି ଏହା ତାଙ୍କୁ
ଭାବୁଥାନ୍ତି ସବୁ ଲୋକ ।

ଶ୍ରୀକୃଷ୍ଣ ନିବାସ
କରିଆ, ମୟୂରଭଂଜ
ମୋ-୯୪୩୭୩୨୦୬୭୯



## କବିତା କୋଣାର୍କ

### ଶେଷ ଠିକଣା..

ବେଣୁଧର ସୂତାର

ନୀଳ ଆକାଶର ତଳେ
ଜୋଛନା ପୀୟୂଷ ଢ଼ାଳେ
କୋଣାର୍କର ଶୀତଳ ବୁକୁରେ
ଲାବଣ୍ୟ ମଂଜରି ଆଜି
ମୁଗ୍ଧା ପ୍ରଣୟିନୀ ସାଜି
ଶିଳାପଦ୍ମ ଚନ୍ଦ୍ରଶାଳା ପୁରେ।
ଚପଳଛନ୍ଦାର ଛନ୍ଦ
ହୃଦୟର ଅନୁବନ୍ଧ
ପ୍ରଣୟର ମୁଗ୍ଧ ଅନୁସୂଚୀ
ସମର୍ପିତ ଭାବନାରେ
କଳ୍ପନାର ଅଭିସାରେ
ବେଳାଭୂମେ ଯଉବନବିଚି।
ସପନ ମଗନ ରାତି
ମୂର୍ଚ୍ଛନାର ଭାବ ଗୀତି
ମନତଳେ ପ୍ରୀତିର ମହ୍ଲାର
ପ୍ରତୀକ୍ଷାର ତପୋବନ
ପ୍ରଣୟ ମଗନ ମନ
ପ୍ରୀତିରସେ କାଂଚନଜଙ୍ଘାର।
ମନତାର ସ୍ୱପ୍ନମୟ
ତା ଚିର ପିଆସୀ ପ୍ରିୟ
ଆସିବ ଏ ରଙ୍ଗଶାଳା ପୁରେ
ସପନର ସୌଦାଗର
ଚୁମିବ ରଙ୍ଗ ଅଧର
ପବିତ୍ର ଏ ପ୍ରଣୟ ବେଦୀରେ।
ଆକାଶ ଅଳସ ଭାଙ୍ଗେ
ବିରହିଣୀ ରାତି ଜାଗେ
ପ୍ରତିକ୍ଷିତ ପ୍ରୀତିର ଛଳନା
ଅଧୁରା ସପନେ ସିନା
ବିସ୍ମୟ ବିଷାଦ ମନା
ବିଧୁରିତ କୋଣାର୍କ ଲଳନା।
ନୁହଇଁ ତ ତା ଜୀବନ
ପ୍ରୀତିଫୁଲ ପଦ୍ମବନ
ପରିପୂର୍ଣ୍ଣ ଅଭିସାର ପାଇଁ
ଗଢ଼ିଥିଲା ତାକୁ ଶିଳ୍ପୀ
ଅନୁପମ ରୂପକଳ୍ପି
ଅଭିଶପ୍ତ ଯଉବନ ଦେଇ।
ମରିଛି ମନର ତୃଷା
ପ୍ରଣୟ ନୀଳ ଆଶା
ଶୂନ୍ୟଆଜି ମନର ଅଗଣା
ପାଷଣ୍ଡ ଜନମ ତାର
ପାଷାଣର ଅଭିସାର
ପଷାଣ ହିଁ ତା ଶେଷ ଠିକଣା।

କେଶଦୂରାପାଳ, କେନ୍ଦୁଝର
ମୋ: ୯୧୭୮୫୬୮୨୪୬

# ବଡଦିନ




ଡକ୍ଟର ଶ୍ରୀହରି ପଣ୍ଡା
ଗୌଡ଼ଗାଁ,କପ୍ତିପଦା,ମୟୂରଭଞ୍ଜ
ମୋ.୯୮୫୩୩୯୪୮୪୫୮


ଭାରତବର୍ଷରେ ବିଭିନ୍ନ ଧର୍ମ ସମ୍ପ୍ରଦାୟ (ହିନ୍ଦୁ, ମୁସଲିମ, ଖ୍ରୀଷ୍ଟିଆନ, ବୌଦ୍ଧ, ଜୈନ) ଶାନ୍ତି, ସଦଭାବନା, ଭ୍ରାତୃଭାବ ଓ ଐକ୍ୟରେ ବାନ୍ଧିହୋଇ ବସବାସ କରିଆସୁଛନ୍ତି । ଏଠାରେ ଗୋଟିଏ ଧର୍ମର ଯାତ୍ରା ବା ଓଷା ଅନ୍ୟଧର୍ମର ଲୋକେ ପାଳନ କରିଆସୁଛନ୍ତି । ଯେପରିକି ଗଣେଶ ପୂଜା ମୁସଲିମ ଓ ଖ୍ରଷ୍ଟିଆନମାନେ ମଧ ବହୁ ଉତ୍ସାହରେ ପାଳନ କରିଥାନ୍ତି ସେହିପରି ମୁସଲମାନ ପର୍ବ ହେଉ କି ଖ୍ରୀଷ୍ଟିଆନ ପର୍ବ ହେଉ ମହାଡମ୍ବରରେ ଅନ୍ୟ ଧର୍ମ ସମ୍ପ୍ରଦାୟମାନେ ପାଳନ କରିଥାନ୍ତି ।

ଖ୍ରୀଷ୍ଟ ଧର୍ମର ପ୍ରଚାରକ ଯୀଶୁଖ୍ରୀଷ୍ଟଙ୍କର ଜନ୍ମ ଡିସେମ୍ବର ୨୫ ତାରିଖରେ ଜେରୁଜେଲମ ନିକଟସ୍ଥ ବେଥେଲହମ ଠାରେ ହୋଇଥିଲା । ଖ୍ରୀଷ୍ଟ ଧର୍ମାନୁସାରେ ଯୀଶୁ ହେଉଛନ୍ତି ସାକ୍ଷାତ୍ ଈଶ୍ୱର । ସଂସାରର ସମସ୍ତ ଦୁଃଖ, ପାପ ତାପକୁ ବିନାଶ କରିବା ପାଇଁ ସମାଜରେ ଧର୍ମ, ପ୍ରେମ ଓ ଅହିଂସାର ବାଣୀ ପ୍ରଚାର କରିବାକୁ ତାଙ୍କର ଆବିର୍ଭାବ । ଏଣୁ ଭଗବାନ ଯୀଶୁଙ୍କ ଜନ୍ମ ଦିବସକୁ ବଡଦିନ ଭାବରେ ହର୍ଷ ଓ ଉଲ୍ଲାସରେ ପାଳନ କରିଆସୁଛନ୍ତି ।

ଯୀଶୁଙ୍କ ଜନ୍ମ ପୂର୍ବରୁ ତାଙ୍କ ମାତା ମେରୀଙ୍କୁ ସ୍ୱପ୍ନାଦେଶ ହେଲା ତୁମେ ଈଶ୍ୱରଙ୍କ ଜନନୀ ହେବାକୁ ଯାଉଛ, କାରଣ ସଂସାରର ଦୁଃଖ ହରଣ କରିବା ନିମିତ୍ତ ତୁମରି କୋଳରେ ସ୍ୱୟଂ ଭଗବାନ ଜନ୍ମ ନେବାକୁ ଯାଉଛନ୍ତି । ଏଣୁ ତାଙ୍କର ନାମ ରଖିବ ଯୀଶୁ । ସ୍ୱାମୀ ଯୋଶେଫଙ୍କ ପରିବାର ଲୋକେ ବେଥେଲହୋମରେ ବାସ କରୁଥିଲେ । ସ୍ୱାମୀ ସ୍ତ୍ରୀ ଦୁହେଁ ଦୁଇଟି ଗଧରେ ଚଢି ଯାଉଥିବା ସମୟରେ ମେରୀଙ୍କ ପ୍ରସବ ବେଦନା ବଢିବାରୁ ନିକଟସ୍ଥ ଏକ ମେଣ୍ଢାଶାଳରେ ଆଶ୍ରୟ ନେଲେ ଏବଂ ଅର୍ଦ୍ଧରାତ୍ରିରେ ଭଗବାନ ଯୀଶୁ ଜନ୍ମ ଗ୍ରହଣ କଲେ । ଇହୁଦୀମାନଙ୍କ ବିଧି ଅନୁସାରେ ୪୦ ଦିନ ପରେ ଯୋଶେଫ ଓ ମେରୀ ଶିଶୁପୁତ୍ରକୁ ସାଥିରେ ଧରି ଜେରୁଜେଲମ ଗଲେ । ଭଗବାନଙ୍କ ପାଦତଳେ ପୁଅଟିକୁ ସମର୍ପି ଦେଇ ଉପଚାର ଭାବେ କପୋତଟିଏ ବଳି ଦେଲେ । ତା’ପରେ ବେଥେଲହୋମ ଗଲେ ।

ଜୁଡିଆର ରାଜା ହେରଡ୍ ନିର୍ଦ୍ଦେଶ



ଦେଲେ ଦୁଇବର୍ଷ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ହତ୍ୟା କରିବାକୁ । ରାତିରେ ଯୋଶେଫଙ୍କ ସ୍ୱପ୍ନବାଣୀ ହେଲା ମିଶର ପଳାଇବା ପାଇଁ । ବହୁ ଦୁଃଖ କଷ୍ଟରେ ସେଠାରେ ପହଞ୍ଚି କାଳଯାପନ କରୁଥିଲେ ପୁଣି ହେରଡ୍‌ଙ୍କ ମୃତ୍ୟୁପରେ ସ୍ୱପ୍ନାଦେଶ ଫଳରେ ଇଶ୍ରାଏଲ ଚାଲିଗଲେ । ନାଜାରେଥ ସହରରେ ଯୀଶୁଙ୍କ ବାଲ୍ୟଶିକ୍ଷା ସମାପ୍ତ ହେଲା ଏବଂ ୧୨ବର୍ଷ ସମୟରେ ପୁଣି ସେମାନେ ଜେରୁଜେଲମ ଗଲେ । ବାପାଙ୍କ ମୃତ୍ୟୁପରେ ଚାରି ଭାଇଭଉଣୀଙ୍କର ଦାୟିତ୍ୱ ଯୀଶୁଙ୍କ ଉପରେ ପଡିଲା । ମାତ୍ର ସେ ସାଂସାରିକ ଆସକ୍ତିଠାରୁ ଦୂରେଇ ଯାଇ ଧର୍ମ ପ୍ରଚାରରେ ଲାଗିଲେ । ତାଙ୍କର ବାଣୀ ଥିଲା ‘ସରଗପୁର ପାଖେଇଲାଣି । ଭଗବାନଙ୍କ ଆଡେ ମନ ଫେରାଅ । ’

ଯୀଶୁଙ୍କ ସରଳତା ଏବଂ ବାଣୀରେ ଅନୁପ୍ରାଣୀତ ହୋଇ ଲକ୍ଷ ଲକ୍ଷ ଲୋକ ତାଙ୍କର ଅନୁଗାମୀ ହୋଇଯିବାରୁ ଈର୍ଷାନ୍ୱିତ ହୋଇ ମହାଯାଜକ କାଇୟାଫା ଷଡଯନ୍ତ୍ର କଲେ । ଯୀଶୁଙ୍କ ଏକ ଶିଷ୍ୟ ତାଙ୍କର ସହାୟତା କରିବାରୁ ଯୀଶୁ ବନ୍ଦୀ ହେଲେ । ନାନା ମିଛ କଥା ସଂଯୋଗ କରି ତାଙ୍କୁ ବଦନାମ କରାଗଲା । ଲୋକମାନେ ତାଙ୍କ ଉପରେ ଛେପ ପକାଇଲେ । ଏବଂ ତାଙ୍କୁ କ୍ରୁଶ ବିଦ୍ଧ କରାଯିବାର ଆଦେଶ ଦିଆଗଲା । ସେହିଦିନଟି ଥିଲା ଶୁକ୍ରବାର । ଯୀଶୁଙ୍କୁ ଖୁଣ୍ଟରେ ଝୁଲାଇ ତାଙ୍କ ଛାତିରେ କଣ୍ଟା ଫୋଡି ଦିଆଗଲା । ମାତ୍ର ଅବିଚଳିତ ଯୀଶୁ ସେତେବେଳେ ମଧ ପ୍ରାର୍ଥନା କରୁଥିଲେ ହେ ଭଗବାନ ! ସେମାନଙ୍କୁ କ୍ଷମା କରିଦିଅ । କ’ଣ କରୁଛନ୍ତି ସେମାନେ ଜାଣନ୍ତି ନାହିଁ ।

ଯୀଶୁଙ୍କର ଏହି ଜନ୍ମ ଦିବସକୁ ଖ୍ରୀଷ୍ଟିଆନ ସମ୍ପ୍ରଦାୟ ମହାଡମ୍ବରରେ ପାଳନ କରିଥାଏ । ପରସ୍ପର ପରସ୍ପରକୁ ଖ୍ରୀଷ୍ଟମାସ ଅଭିନନ୍ଦନ ଜଣାନ୍ତି । ଚର୍ଚ୍ଚରେ ନାଚ ଗୀତର ଆୟୋଜନ ହୁଏ । ଏଥିପାଇଁ ଚର୍ଚ୍ଚକୁ ଆଲୋକସଜ୍ଜାରେ ସଜ୍ଜିତ କରାଯାଇଥାଏ । ବଡଦିନ ଗଛ ପୋତାଯାଏ । ପୂଜାର୍ଚ୍ଚନା ସହ ଘରେ ଘରେ ପିଠାପଣାରେ ଘର ସବୁ ମହକି ଉଠେ । ରାତିରେ ଘରକୁ ସବୁ ମହମବତୀ, ବିଜୁଳି ଆଲୋକରେ ସଜାଇଥାନ୍ତି ।

।। ଜୟ ଜଗନ୍ନାଥ ।।

# ହାତ ପ୍ରତି ଦିଅନ୍ତୁ ଧ୍ୟାନ



■ ଆଉ ଦିନ କେଇଟା ପରେ ଦୀପାବଳିର ପାର୍ବଣ। ଘର ସାଜସଜ୍ଜା ସହ ଗୃହିଣୀମାନେ ଏଥରକ ନିଜ ପ୍ରତି ମଧ ଧ୍ୟାନ ଦେବା ଉଚିତ । ପୂରା ଘର ପରିବାରର ଦାୟିତ୍ୱକୁ ସୂଚାରୁ ରୂପେ ତୁଲାଉଥିବା ଗୃହିଣୀମାନେ ଏଥରକ କେବଳ ବେଶପୋଷାକରେ ଖର୍ଚ୍ଚ ନକରି ବରଂ ନିଜ ହାତ ଓ ପାଦର ଯତ୍ନ ନେବା ଜରୁରୀ ।

■ ଦୀପାବଳି ପୂର୍ବରୁ ପ୍ରଥମେ ବ୍ୟୁଟିପାଲର ଯାଇ କିମ୍ବା ଘରେ ମେନିକିଓର କରିନିଅନ୍ତୁ । ହାତ ଅଧିକ ଟ୍ୟାନ ହୋଇଯାଇଥିଲେ ସୌନ୍ଦର୍ଯ୍ୟ ବିଶେଷଜ୍ଞଙ୍କ ପାଖରେ ମେନିକିଓର କରାଇନେବା ଉଚିତ । ଏବେ ବଜାରରେ ଉପଲବ୍ଧ ହେଉଥିବା ଜୁଏଲାରୀ ମେହେନ୍ଦୀ ଓ ଅରବିୟାନ ଷ୍ଟୋନ ମେହେନ୍ଦୀ ହାତରେ କରିବାର ଯୋଜନା କରନ୍ତୁ ।

■ ବର୍ଷକୁ ଥରୁଟିଏ ଆସୁଥିବା ଏଇ ଦୀପାବଳି ପର୍ବ ନିମନ୍ତେ ଏଥରକ ଭଲଭାବେ ପ୍ରସ୍ତୁତି କରନ୍ତୁ। ଏହି ଡିଜାଇନର ମେହେନ୍ଦୀ କରିବା ମହଙ୍ଗା ହୋଇଥିବା ସତ୍ତ୍ୱେ ଅଧିକାଂଶ ମହିଳା ଗ୍ରାହକ ଏହା କରିବାକୁ ପସନ୍ଦ କରୁଛନ୍ତି । ଅଣ୍ଡାମେଣ୍ଟାଲ ମେହେନ୍ଦୀ କରିବା ପାଇଁ ଗୋଟିଏ ହାତ ପିଛା ୨୦୦୦-୪୦୦୦ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିବାକୁ ପଡ଼େ ।

■ ଗତ କିଛି ବର୍ଷ ମଧରେ ଦିଲ୍ଲୀ ଓ ମୁମ୍ବାଇରେ ଅଧିକାଂଶ ମହିଳା ଏହି ମେହେନ୍ଦୀ କରିବାକୁ ପସନ୍ଦ କରୁଛନ୍ତି ।

■ ମେହେଦୀ ସହ ଆପଣ ନେଲ ଆର୍ଟ ମଧ କରାଇପାରିବେ । ଏଥରକ ଦୀପାବଳି ପାଇଁ ନିଜ ସଜବାଜ ଏବେଠାରୁ ଆରମ୍ଭ କରିଦିଅନ୍ତୁ ।

# ସ୍କିନ ବ୍ଲିଚିଂ



ସ୍କିନ ବ୍ଲିଚିଂର ପ୍ରଚଳନ ମୋନେବେଞ୍ଜାଇଲ ଇଥର ଅଫ ହାଇ ଡ୍ରୋକ୍ୱାନିନ ନାମକ ରସାୟନର ବ୍ୟବହାରରୁ ହୋଇଥିଲା । ଆରମ୍ଭରୁ ଏହି ରସାୟନକୁ ବ୍ଲିଚିଂ ପାଇଁ ବ୍ୟବହାର କରାଯାଉଥିଲା । କିନ୍ତୁ ଏହାର ପାର୍ଶ୍ୱ ପ୍ରତିକ୍ରିୟାର ବୃଦ୍ଧି ଯୋଗୁ ମହିଳାମାନେ ନାଚୁରାଲ ହର୍ବ ପ୍ରତି ଆଗ୍ରହ ପ୍ରକାଶ କଲେ । ବର୍ତ୍ତମାନ ବଜାରରେ ହର୍ବାଲ ଓ କେମିକାଲ ମିଶ୍ରଣରେ ତିଆରି ବ୍ଲିଚିଂ କ୍ରିମ ମିଳୁଛି । ବ୍ଲିଚ ଦ୍ୱାରା ସ୍କିନରେ ମେଲାନିନ ପିଗମେଣ୍ଟ କମ ହୋଇଥାଏ । ବ୍ଲିଚ କ୍ରିମରେ ଦୁଇ ପ୍ରକାରର ତତ୍ତ୍ୱ ଥାଏ । ଯଥା- କ୍ରିମ ଓ ଆକ୍ଟିଭେଟର ପ୍ୟାଡ଼ର । ଏଇ ଦୁଇ ପ୍ରକାର ତତ୍ତ୍ୱକୁ ଯେତେବେଳେ ସ୍କିନ ଉପରେ ଲଗାଯାଏ ସ୍କିନରେ ଥିବା ହାଇଡ୍ରୋଜେନ ପେରାକ୍ସାଇଡ ଭାଙ୍ଗିଯାଏ ଏହି ପ୍ରକ୍ରିୟାରେ ଅକ୍ସିଜେନ ଅଲଗା ହୋଇଯାଏ । ମେଲାନିନ ଦ୍ୱାରା ସ୍କିନରେ ରଙ୍ଗ ଡାର୍କ ହୋଇଥାଏ । ମେଲାନିନ ଦ୍ୱାରା ସ୍କିନର ରଙ୍ଗ ଡାର୍କ ହୋଇଥାଏ । ଏହି ଅକ୍ସିଜେନ ମେଲାନିନ ପେଗମେଣ୍ଟକୁ ଅକ୍ସିଡାଇଜ କରିଥାଏ । ମେଲନିନ ଯେତେ କମ ହେବ, ସ୍କିନ ସେତେ ଧଳା ନଜର ଆସିବ । ବ୍ଲିଚିଂ ସାଧାରଣତଃ ମୁହଁରେ ଥିବା ଅନାବଶ୍ୟକ କେଶକୁ ସଫା କରିବା ପାଇଁ କରାଯାଏ । କିନ୍ତୁ ମହିଳାମାନଙ୍କର ଧାରଣା ବ୍ଲିଚି ବ୍ଲିଚିଂ କରିବା ଦ୍ୱାରା ସ୍କିନ ତୁରନ୍ତ ଗୋରା ହୋଇଯାଏ ଓ ଚେହେରାରେ ଥିବା ଦାଗ ଲୁଚିଯାଏ । ଏହା କିଛି ପରିମାଣରେ ସତ କାରଣ ବ୍ଲିଚିଂ ଦ୍ୱାରା ସ୍କିନରେ ନୂଆ କୋଶିକା ଜନ୍ମ ହୋଇଥାନ୍ତି । ତେଣୁ ସ୍କିନର ମଇଳା ସଫା ହୋଇଯାଏ ଚେହେରାରେ ଚମକ ଆସେ । ମୁହଁରେ ବ୍ରଣ କିମ୍ବା ଘା’ ହୋଇଥିଲେ ବ୍ଲିଚିଂ କରିବା ଉଚିତ ନୁହେଁ ।

**ଉପକାର**

■ସ୍କିନରେ ଚମକ ଆସେ । ■ସନଟେନ କମ ହୁଏ । ■ମୃତ କୋଶିକାଗୁଡ଼ିକ ହଟିଯାଆନ୍ତି । ■ସ୍କିନରେ ଥିବା ଲୋମଛିଦ୍ର ସବୁ ଖୋଲିଯାଏ । ■ସମୟ ସମୟରେ ମେଲାନିନ କମ କରିବା ପାଇଁ ବ୍ଲିଚ କରିବା ଜରୁରୀ । ■ ବ୍ଲିଚ୍ ଦ୍ୱାରା ଚେହେରା ଆକର୍ଷଣୀୟ ହୋଇଥାଏ । ■ ବ୍ଲିଚିଂର ପ୍ରଭାବ ଚେହେରାରେ ୧୫ରୁ ୨୦ ଦିନ ପର୍ଯ୍ୟନ୍ତ ରହିଥାଏ ।

# ଯୋଗ ଦ୍ୱାରା ନିରୋଗ ରୁହନ୍ତୁ



**ଯୋଗଦ୍ୱାରା ସ୍ୱାସ୍ଥ୍ୟକୁ ଠିକ ରଖିବା ପାଇଁ କିଛି ସମୟ ଲାଗିପାରେ କିନ୍ତୁ ଏହାର ପ୍ରଭାବ ରାମବାଣ ପରି ।ଜୀବନଶୈଳୀର ପରିବର୍ତ୍ତନ ଯୋଗୁ ଯେଉଁ କେତେକ ବେମାରୀ ସବୁ ସାଧାରଣ ହୋଇଗଲାଣି, ସେସବୁ ବେମାରୀକୁ କେତୋଟି ଆସନ ଯୋଗୁ ଠିକ୍ କରାଯାଇପାରିବ ।**

ସୂକ୍ଷ୍ମ ଆସନ: ଚାଳିଶ ବର୍ଷରୁ ଅଧିକ ମହିଳାମାନଙ୍କର ଖାଦ୍ୟପେୟର ଅନିୟମିତତା ଯୋଗୁ କ୍ୟାଲସିୟମର ଅଭାବ ଦେଖାଯାଇଥାଏ । ଏହି କାରଣ ଯୋଗୁ ମହିଳାମାନଙ୍କର ଆଣ୍ଠୁରେ ଯନ୍ତ୍ରଣା ଓ ସ୍ପଣ୍ଡିଲାଇଟିସର ସମସ୍ୟା ଦେଖାଦେଇଥାଏ । ଏହି ଆସନ କରିବା ଦ୍ୱାରା ଏପରି ସମସ୍ୟାରୁ ମୁକ୍ତି ମିଳିଥାଏ ।

ତିତଲା ଆସନ: ମହିଳାମାନଙ୍କର ଗର୍ଭାଶୟ ସମ୍ବନ୍ଧୀୟ ସମସ୍ୟା ଓ ମାଂସପେଶୀ ଟାଇଟ ହୋଇଗଲେ ଏହି ଆସନ ଦ୍ୱାରା ସିମସ୍ୟା ଦୂର ହୋଇଥାଏ ।

କପାଳଭାରତୀ: ଏହାକୁ ପ୍ରତ୍ୟେକ ବର୍ଗର ସ୍ତ୍ରୀ-ପୁରୁଷମାନେ କରିପାରିବେ ଏହାଦ୍ୱାରା ଫୁସଫୁସ ଓ ନର୍ଭସ ସିଷ୍ଟମ ଠିକ ରହେ ।

ଅନୁଲୋମ ବିଲୋମ: ନିଶ୍ୱାସ ପ୍ରଶ୍ୱାସ ସମ୍ବନ୍ଧୀୟ ସମସ୍ୟା, ବ୍ଲଡପ୍ରେସର, ସୁଗାର କଣ୍ଟ୍ରୋଲ କରିବାରେ ଏହି ଆସନ ଲାଭକାରୀ ହୋଇଥାଏ । ଏହି ଆସନକୁ ସମସ୍ତେ କରିପାରିବେ ।

ଶୀତଳୀ ପ୍ରାଣାୟାମ: ଗରମ ଦିନରେ ଶୀତଳୀ ପ୍ରଣାୟାମ କରିବା ଯୋଗୁ ଏସିଡିଟି ସମେତ ପେଟ ସମ୍ବନ୍ଧୀୟ ସମସ୍ୟା ରହେ ନାହିଁ । ଏହି ଆଶସନ ବୟସ୍କ ଲୋକମାନେ କରିବା ଉଚିତ ।

ବୃକ୍ଷ ଆସନ, ସର୍ବାଙ୍ଗ ଆସନ: ଶିକ୍ଷା ଓ ରୋଜଗାର ସଙ୍କଟକୁ ନେଇ ହେଉଥିବା ଯୁବପିଢ଼ି ପାଇଁ ଏହି ଆସନ ଲାଭକାରୀ । ଶାରୀରିକ ସ୍ତରରେ ସୁସ୍ଥ ରହିବା ପଶଇଁ ଏହି ଆସନ ସମସ୍ତଙ୍କ ପାଇଁ ଲାଭକାରୀ ହୋଇଥାଏ ।

ସୂର୍ଯ୍ୟ ନମସ୍କାର: ପିଲାମାନଙ୍କର ବିକାଶ, ବିଶେଷ କରି ଉଚ୍ଚତା ବୃଦ୍ଧି ଓ ଆଖିର ସମସ୍ୟା ଠିକ ରଖିବାକୁ ହେଲେ ସୂର୍ଯ୍ୟ ନମସ୍କାର କରିବା ବହୁତ ଜରୁରୀ । ଏହା ସମସ୍ତେ କରିବା ଉଚିତ ।

# ପାନୀୟର ଉତ୍ତମ ପ୍ରଭାବ

**ଖାଦ୍ୟ ବିଶେଷଜ୍ଞଙ୍କ ମତରେ ଚା ପାନୀୟ ହେଉ କିମ୍ବା କୋଲ୍ଡଡ୍ରିଙ୍କସ କିମ୍ବା ସରବତ, ଏଗୁଡ଼ିକ ଯଥା ସମୟରେ ନ ପିଇଲେ ଶରୀର ଉପରେ କୁପ୍ରଭାବ ପକାଇଥାଏ ।**

♦ଚା’ କେବଳ ସକାଳ ଜଳଖିଆ ନଚେତ ସନ୍ଧ୍ୟାବେଳେ ପିଇବା ଉଚିତ । ଦିନକୁ ଅତିବେଶୀରେ ୨ଥରରୁ ଅଧିକ ଚା’ ପିଉଥିବାଲୋକେ ଉଚ୍ଚ ରକ୍ତଚାପ ରୋଗର ଶିକାର ହୋଇଥାନ୍ତି । ଏହା ସହ ଅନ୍ୟ ସମୟରେ ଏହି ପାନୀୟ ପିଇଲେ ପେଟ ଗରମ ହେବା ସହ ହଜମ ପ୍ରକ୍ରିୟା ପ୍ରଭାବିତ ହୋଇଥାଏ ।

♦ବିଭିନ୍ନ ପ୍ରକାର ଫଳରସ ସ୍ୱାସ୍ଥ୍ୟ ବର୍ଦ୍ଧକ । ଜଳଖିଆ ଖାଇବାର ୧୫ମିନିଟ୍ ପୂର୍ବରୁ ଫଳରସ ପିଇବା ସଠିକ ସମୟ । ଏହା ଶରୀରକୁ ଶକ୍ତି ପ୍ରଦାନ କରେ ।

♦ତେଲମସଲା ଜାତୀୟ ଖାଦ୍ୟ ଖାଇଲାବେଳେ ଦହି ଖାଇବା ଅନୁଚିତ । ଗରିଷ୍ଠ ଭୋଜନ ଖାଇଲାବେଳ ଦହି ଖାଇଲେ ଓଜନ ଅସ୍ୱାଭାବିକ ଭାବେ ବଢ଼ିବା ସହ ପେଟର ଆକାର ବଢ଼େ ।

♦ଜଙ୍କ ଫୁଡ଼ ଓ ମୃଦୁ ପାନୀୟ ଏକା ସଙ୍ଗେ ଖାଇବା ଅନୁଚିତ । ଏହା ମଧ ଓଜନ ବଢ଼ାଇଥାଏ ।

♦ କ୍ଷୀର ରାତିରେ ଶୋଇବାର ୧ଘଣ୍ଟା ପୂର୍ବରୁ ଉଷୁମ କରି ପିଇନେବା ଭଲ । ନିୟମିତ ଏପରି କରୁଥିବା ବ୍ୟକ୍ତିଙ୍କୁ ସକାଳବେଳେ ବେଶ ଫୁର୍ତ୍ତି ଲାଗେ ।

# ମାତୃତ୍ୱରୁ ବଞ୍ଚିତ ହେଲେ ହୃଦ୍ ସମସ୍ୟା



ମାତୃତ୍ୱରୁ ବଞ୍ଚିତ ହେଉଥିବା ମହିଳାଙ୍କ ଠାରେ ହୃଦରୋଗ ଆଶଙ୍କା ବେଶି । ଏକ ସଦ୍ୟ ଅଧ୍ୟୟନ ଏହା ଚେତାଇ ଦେଇଛି । ଗୋଟିଏ କିମ୍ବା ଦୁଇଟି ପିଲା ଜନ୍ମ ଦେଇଥିବା ମହିଳାଙ୍କ ତୁଳନାରେ ଗର୍ଭନଷ୍ଟ ହୋଇଥିବା ଏବଂ ପିଲା ଜନ୍ମ କରିବାକୁ ଅନିଚ୍ଛୁତ ମହିଳାଙ୍କୁ ହୃଦରୋଗ ଆଶଙ୍କା ବେଶି । ଆହୁରି ମଧ ଜଣାପଡ଼ିଛି, ପାଞ୍ଚ କିମ୍ବା ତା’ଠୁ ଅଧିକ ପିଲାଜନ୍ମ ଦେଇଥିବା ମହିଳା ପରବର୍ତ୍ତୀ ସମୟରେ ହୃଦରୋଗର ଶିକାର ହୋଇଥାନ୍ତି । ଗର୍ଭାବସ୍ଥାରେ ମହିଳାଙ୍କ ଶରୀରରେ ଅନେକ ପରିବର୍ତ୍ତନ ଆସିଥାଏ । ଓଜନ ବୃଦ୍ଧି ସମେତ ପେଟରେ ଚର୍ବି ଜମିବା, ଉଚ୍ଚ ସ୍ତରରେ କୋଲେଷ୍ଟରୋଲ, ଇନସୁଲିନ୍ ପ୍ରତିରୋଧରେ ବୃଦ୍ଧି ଏବଂ ହୃତପିଣ୍ଡ ସଂରଚନାରେ ମଧ ପରିବର୍ତ୍ତନ ଆସିଥାଏ । ଗର୍ଭାବସ୍ଥାରେ ହେଉଥିବା ଅଧିକାଂଶ ପରିବର୍ତ୍ତନ କ୍ଷଣସ୍ଥାୟୀ, କିନ୍ତୁ ଏହି ସବୁ ପରିବର୍ତ୍ତନ ହୃଦରୋଗ ଆଶଙ୍କାର କାରକ ହୋଇଥାନ୍ତି । ଗୋଟିଏ କିମ୍ବା ଦୁଇଟି ପିଲାର ମା’ ଅପେକ୍ଷା ଗର୍ଭ ନଷ୍ଟ କରିଥିବା ଓ ପିଲା ଜନ୍ମ ଦେଇନଥିବା ମହିଳାଙ୍କଠାରେ ହୃଦରୋଗ ଆଶଙ୍କା ୬୪ପ୍ରତିଶତ ଥିଲା ।

# ଔଷଧ ଖାଉଥିଲେ......

**କୌଣସି ସ୍ୱାସ୍ଥ୍ୟ ସମସ୍ୟା ଦେଖାଯିବା ମାତ୍ରେ ଡାକ୍ତରଙ୍କ ପରାମର୍ଶ ନନେଇ ମନଇଚ୍ଛା ଔଷଧ ଖାଇବା ଅଭ୍ୟାସ ଅନେକଙ୍କର ରହିଛି । ତେବେ ଏପରି କରିବା ଦ୍ୱାରା ଯଦିଓ କିଛି ସମୟ ପାଇଁ ଉକ୍ତ ସମସ୍ୟାରୁ ଉପଶମ ମିଳିଥାଏ ହେଲେ ପରବର୍ତ୍ତୀ ସମୟରେ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟାକୁ ଡାକି ଆଣିଥାଏ, ଆସନ୍ତୁ ଜାଣିବା ଏ ସମ୍ପର୍କରେ ।**



**ପେଟ ଯନ୍ତ୍ରଣା:**
ପେଟରେ ସାମାନ୍ୟ ଯନ୍ତ୍ରଣା ହେବା ମାତ୍ରେ ସାଧାରଣତଃ ଅନେକେ ଏସିଡିଟି କିମ୍ବା ଗ୍ୟାସ୍ ହୋଇଛି ଭାବି ଆଣ୍ଟାସିଡ୍ ଖାଇଦିଅନ୍ତି । କେବେ କେବେ ଆବଶ୍ୟକତା ଥିଲେ ଏହାକୁ ଖାଇବା ଲାଭଦାୟକ । ହେଲେ ପେଟ ଯନ୍ତ୍ରଣାର ଠିକ୍ କାରଣ ନ ଜାଣି ସବୁବେଳେ ଆଣ୍ଟାସିଡ୍ ଖାଇବା ଦ୍ୱାରା ଏହା ହଜମ ପ୍ରକ୍ରିୟାକୁ ପ୍ରଭାବିତ କରିଥାଏ । ଫଳରେ ଖାଦ୍ୟ ଭଲଭାବେ ହଜମ ହୁଏ ନାହିଁ ଏବଂ ଶରୀରକୁ ଆବଶ୍ୟକ ମାତ୍ରରେ ପୋଷକତତ୍ତ୍ୱ ମିଳିପାରେନାହିଁ । କେବଳ ଏତିକି ନୁହେଁ, ଏହା ମଧ୍ୟ କିଡନୀ ଷ୍ଟୋନ, ଅର୍ଶ, ପେପ୍ଟିକ୍ ଅଲସର ଆଦିର ଆଶଙ୍କା ବୃଦ୍ଧି କରିଥାଏ ।

**ମୁଣ୍ଡବିନ୍ଧା:**
ବିଭିନ୍ନ କାରଣରୁ ମୁଣ୍ଡବିନ୍ଧା ହୋଇଥାଏ । ହେଲେ ଅନେକ ଏହା ବୁଝିବାକୁ ଆଦୌ ପ୍ରସ୍ତୁତ ନୁହେଁ । ସେମାନେ ମୁଣ୍ଡ ବିନ୍ଧିବା ମାତ୍ରେ ପେନକିଲର ଖାଇବାକୁ ପଛାଉନାହାଁନ୍ତି । ଡାକ୍ତରଙ୍କ ବିନା ପରାମର୍ଶରେ ବାରମ୍ବାର ଏହି ମେଡିସିନ୍ ଖାଇବା ଦ୍ୱାରା ଅଧିକ ନିଦ ଲାଗିବା କିମ୍ବା ଆଦୌ ନିଦ ନହେବା, ଦୁର୍ବଳତା ମତିଭ୍ରମ, ଓଜନବୃଦ୍ଧି, ଭୋକ ନ ଲାଗିବା, କୋଷ୍ଠକାଠିନ୍ୟ ଭଳି ଅନେକ ସମସ୍ୟା ଦେଇଦେଇଥାଏ ।

**ଅନିଦ୍ରା:**
ବର୍ତ୍ତମାନର କାର୍ଯ୍ୟବ୍ୟସ୍ତତା ସାଙ୍ଗକୁ ପରିବର୍ତ୍ତିତ ଜୀବନଶୈଳୀ ଯୋଗୁ ଅନେକଙ୍କଠାରେ ରାତିରେ ନିଦ ନଆସିବା କିମ୍ବା ଅଧିକ ରାତିରେ ନିଦ ଆସିବା ଭଳି ସମସ୍ୟା ଦେଖାଦେଉଛି । ଏହାକୁ ଦୂର କରିବା ଲାଗି କେହି କେହି ନିଦ ଔଷଧ ଖାଉଛନ୍ତି । ହେଲେ ଏହାକୁ ଅଧିକ ଖାଇବା ଦ୍ୱାରା ମଣିଷର ପ୍ରାକୃତିକ ଦିନଚର୍ଯ୍ୟା ବାଧାପ୍ରାପ୍ତ ହୋଇଥାଏ ଏବଂ ନିଦ ପାଇଁ ଔଷଧ ଉପରେ ନିର୍ଭର କରିବାକୁ ପଡ଼ିଥାଏ । ଏମିତିକି ଏହାଦ୍ୱାରା ଡିପ୍ରେଶନ ରୋଗ ହେବା ଆଶଙ୍କା ବି ବଢ଼ିଥାଏ ।

**ଥଣ୍ଡା:** ପାଣିପାଗ ପରିବର୍ତ୍ତନ ହେଉ କିମ୍ବା ଅନ୍ୟାନ୍ୟ କାରଣରୁ ପ୍ରାୟ ଅଧିକାଂଶଙ୍କୁ ଥଣ୍ଡା, କଫ, କାଶ ଭଳି ସମସ୍ୟା ଦେଇ ଗତି କରିବାକୁ ପଡ଼ିଥାଏ । ଯେଉଁଥିରୁ ରକ୍ଷା ପାଇବା ଲାଗି ସେମାନେ ଔଷଧ ଉପରେ ନିର୍ଭର କରିଥାନ୍ତି । ହେଲେ ଆପଣ ଜାଣନ୍ତି କି, ଡାକ୍ତରଙ୍କ ପରାମର୍ଶ ବିନା ଏଭଳି ମେଡିସିନ୍ ଖାଇବା ଦ୍ୱାରା ବେଳେ ବେଳେ ପାର୍ଶ୍ୱ ପ୍ରତିକ୍ରିୟା ଯୋଗୁ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବା ଆଶଙ୍କା ରହିଛି । ତା’ଛଡ଼ା ଠିକ୍ ରୋଗ ପାଇଁ ଠିକ୍ ଔଷଧ ନ ଖାଇବା କିମ୍ବା ଆବଶ୍ୟକତାରୁ ଅଧିକ ମେଡିସିନ୍ ଖାଇବା ଦ୍ୱାରା ଦୁର୍ବଳତା ନିଦ୍ରାହୀନତା, ମୁଣ୍ଡବିନ୍ଧା, ନାକ, ପାଟି ତଣ୍ଟି ଶୁଖିବା ଭଳି ସମସ୍ୟା ଦେଖାଦେଇଥାଏ ।

# ଜିଏସଟି ନମ୍ବର ଦେବା ବେଳେ ସଠିକ ଯାଂଚ ହେଉନଥିବାରୁ ଜିଏସଟି ଚୋରଙ୍କ ସଂଖ୍ୟା ବଢୁଛି

ରାଉରକେଲା,୨୪।୧୨ (ନି.ପ୍ର): ରାଉରକେଲା ସମେତ ସୁନ୍ଦରଗଡ ଜିଲ୍ଲାରେ ବାଣିଜ୍ୟକର ର ୨ଟି ସର୍କଲ ସମେତ ଜିଏସଟି ଅଫିସ କୁ ବିଭିନ୍ନ ବ୍ୟବସାୟ ଲାଗି ଅନଲାଇନରେ ଜିଏସଟି ନମ୍ବର ଲାଗି ହେଉଥିବା ଆବେଦନ ଉପରେ ସରଜମିନ ଯାଂଚ ହେଉନଥିବାରୁ ଏଭଳି ଜିଏସଟି ଟିକସ ଚୋର ଏହି କାରବାରକୁ ବେଶ ନିରାପଦ ମଣିବା ସହ ପ୍ରତିଦିନ ଏଭଳି ନମ୍ବର ନେବା ଲାଗି ବହୁ ମାତ୍ରାରେ ଆବେଦନ ହେଉଛି ଓ ପ୍ରତିଦିନ ଅନେକ ଟିକସ ଚୋର ଜନ୍ମ ନେଉଛନ୍ତି ଓ ସେମାନଙ୍କୁ ଧରିବା, ସେମାନଙ୍କଠାରୁ ପଇସାଟିଏ ଜିଏସଟି ଆଜିଯାଏ ଆଦାୟ ହୋଇନପାରିବା ଆଶ୍ଚର୍ଯ୍ୟର ବିଷୟ ବୋଲି ଅନେକ ଟିକସ ଦାତା ଅଭିଯୋଗ କରିଛନ୍ତି । ଏଭଳି କାରବାର ସୁନ୍ଦରଗଡ ଜିଲ୍ଲାରେ ବଢିବା ସହ ବର୍ତମାନ ସୁଦ୍ଧା ୧୫୦୦କୋଟିର ଜିଏସଟି ଚୋରୀ ବିଷୟରେ ଜଣା ପଡିବା ସହ ଜିଏସଟି ବିଭାଗ ଅଢେଇ ବର୍ଷ ଭିତରେ ମାତ୍ର୧୩ଜଣଙ୍କୁ ବାନ୍ଧିଛି ଓ ଅନେକଙ୍କୁ ଖୋଜୁଛି ।ଗତକାଲି ମଧ ଝାରସୁଗୁଡାରୁ ଜଣକୁ ଗିରଫ କରାଯାଇ ଆଜି ରାଉରକେଲା ଏସଡିଜେଏମଙ୍କ କୋର୍ଟରେ ହାଜର କରାଜିବ ବୋଲି ଲୋକ ସଂପର୍କ ବିଭାଗ ପକ୍ଷରୁ ସୁଚନା ଦିଆଯାଇଛି ।ଏଭଳି କାରବାରକୁ ଡାହାଣୀ ହୋଇ ଲାଗିବା ଓ ଗୁଣିଆ ହୋଇ ଝାଡିବା ଭଳି କଥା ବୋଲି ଅନେକ ମତ ଦେଉଛନ୍ତି । ଅନୁସନ୍ଧାନରୁ ଜଣାପଡିଛି ।ଯେ,ଜଣେ ବ୍ୟକ୍ତି ଜିଏସଟି ନମ୍ବର ନେବା ଲାଗି ଅନଲାଇନରେ ସମସ୍ତ କାଗଜ ପତ୍ର ଦେଇ ଆବେଦନ କଲା ପରେ ସେହି ସଂସ୍ଥା କାହାର ସେ ବ୍ୟକ୍ତି ସେ ବିଷୟରେ ଜାଣିଛନ୍ତି କି ନାହିଁ, ଦିଆଯାଇଥିବା ଅଫିସ ଠିକଣା ଠିକ ଅଛି କି ନାହିଁ,ଏହା ସେହି ବ୍ୟକ୍ତି ନାଁ ଆଉ କେହି ଏଭଳି ଜାଲ କାରବାର କରୁଛି ତାର ଯାଂଚ ହେବା କଥା ।ସେହି ଭଳି ଜିଏସଟି ନମ୍ବର ଦେବା ପରେ ସଂପୃକ୍ତ ବ୍ୟକ୍ତିଙ୍କୁ ଅନଲାଇନ କାରବାର ଲାଗି ପାଶଓାର୍ଡ ଦେବା ପୂର୍ବରୁ ମଧ ଫାଇନାଲ ଯାଂଚ ହେବା କଥା ।ଏହା ପରେ ୩ରୁ ୬ମାସ ସେହି ସଂସ୍ଥା କାମ କଲା ପରେ ସେ ଯଦି ଜିଏସଟି ଦେଉ ନାହିଁ ତାକୁ ମଧ ତଦାରଖ କରାଜିବା କଥା ।କିନ୍ତୁ ଶହ ଶହ ଅଫିସର ରାଜ୍ୟ ଓ କେନ୍ଦ୍ର ସରକାରଙ୍କର ଏହି ବିଭାଗରେ ରହି ସରକାରୀ ଦରମା ଓ ସୁବିଧା ସୁଯୋଗ ନେଉଛନ୍ତି କିନ୍ତୁ ହଜାର ହଜାର କୋଟି ଟଙ୍କା ଟିକସ ଚୋରୀ କରୁଥିବା କଲୋକଙ୍କୁ ଆଗରୁ ଧରା ନଯାଇ ଟିକସ ଚୋରୀ କଲା ପରେ ଧରାଯାଉଛି ।ଟିକସ ଚୋରୀ ପୁର୍ବରୁ କେତେକ ସରକାରୀ ବାବୁ ସେସବୁ ଯାଂଚ ଓ ଧରପଗଡ ନକରି ସେମାନଙ୍କ ସହ ମିଶି ବେଶ ସୁବିଧାରେ ରହୁଛନ୍ତି ବୋଲି ଅଭିଯୋଗ ହେଉଛି । ଜଣେ ଟିକସ ଦାତା ନିଜ ନାମ ଗୋପନ ରଖି କହିଛନ୍ତି, କିଛି ଲୋକ ଜିଏସଟି ନମ୍ବର ନେବା ପରେ ଆଖ ପାଖରେ ଥିବା କଳ କାରଖାନାରେ ହେଉଥିବା ରେକର୍ଡ ବାହାରେ ଓ ଲୁଚା ଛପା ଭାବେ ହେଉଥିବା ଉତ୍ପାଦନ କୁ ନିଜ ସଂସ୍ଥା ନାମରେ ରାଜ୍ୟ ଓ ରାଜ୍ୟ ବାହାରକୁ ଛାଡିଦେବାରେ ସହେଯାଗ କରିଥାନ୍ତି ।ଏଥିଲାଗି ସଂପୃକ୍ତ କାରଖାନା ମାଲିକ ସରକାରୀ ଟିକସ ବାବଦକୁ ସଂପୃକ୍ତ ଜିଏସଟି ନମ୍ବର ନେଇଥିବା ଜାଲ ସଂସ୍ଥାକୁ ସମସ୍ତ ଟଙ୍କା ଦେଇଥାନ୍ତି ,କିନ୍ତୁ ସେମାନେ ସେ ଟଙ୍କା ସରକାରଙ୍କୁ ନଦେଇ ଲୁଟିଥାନ୍ତି ।ଏହି ଭଳି ଶହ ଶହ କୋଟି ଟଙ୍କା ଜିଏସଟି ଫାଙ୍କି ଚାଲିଥିବା ବେଳେ ବିକ୍ରୀକର ବିଭାଗର କିଛି ଗାତୁଆ ମୁଷା ଏଥିରେ ସହେଯାଗ କରୁଥିବାର କୁହାଯାଉଛି ।ରାଉରକେଲା ସହରରେ ବର୍ତମାନ ପ୍ରାୟ ୫୦୦ ଜିଏସଟି ଚୋର ରହିଥିବା ବେଳେ ଏମାନେ ପ୍ରାୟ ୧୦ହଜାର କୋଟିର ଜିଏସଟି ଫାଙ୍କିଛନ୍ତି ବୋଲି କିଛି ପୁରାତନ ବ୍ୟବସାୟୀ ମତଦେଇଛନ୍ତି ,ତେବେ ଦେଖା ଯାଉ ଜିଏସଟି ବିଭାଗ ଏମାନଙ୍କୁ କେବେ ଧରି କେତେ ଟଙ୍କାର ଜିଏସଟି ଆଦାୟ କରିପାରୁଛି ଓ ନୁଆ ଚୋରଙ୍କୁ ଜନ୍ମ ହେବାରେ କିଭଳି ରୋକ ଲାଗାଉଛି ତାହା ସମୟହିଁ କହିବ ।

# ତାଲା ପଡ଼ି ରହିଛି ଆରଏମସି ମାର୍କେଟ କମ୍ପ୍ଲେକ୍ସର ଦୋକାନ ଗୃହ : ଜନସାଧାରଣରେ ବୃଦ୍ଧି ପାଉଛି ଅସନ୍ତୋଷ

ହରିଚନ୍ଦନପୁର,୨୪।୧୨ (ନି.ପ୍ର): କେନ୍ଦୁଝର ନିୟନ୍ତ୍ରିତ ବଜାର କମିଟି(ଆରଏମସି) ପକ୍ଷରୁ ହରିଚନ୍ଦନପୁର ଗାନ୍ଧୀ ଛକ ନିକଟରେ ଦୀର୍ଘ ୧ବର୍ଷରୁ ଉର୍ଦ୍ଧ୍ୱ ହେବ ନିର୍ମିତ ହୋଇଥିବା ମାର୍କେଟ କମ୍ପ୍ଲେକ୍ସର ଦୋକାନ ଗୃହ ଗୁଡ଼ିକ ଲୋକଙ୍କୁ ଦିଆନଯାଇ ତାଲା ପଡ଼ି ରହିଛି, ଯାହାକୁ ଜନସାଧାରଣରେ ଅସନ୍ତୋଷ ବୃଦ୍ଧି ପାଉଛି ।ଖବର ଅନୁଯାୟୀ ପୂର୍ତବିଭାଗ ରାସ୍ତାର ପ୍ରଶସ୍ତିକରଣ ନିମନ୍ତେ ସ୍ଥାନୀୟ ବଜାରର ଜବରଦଖଲ ଦୋକାନ ଗୃହ ଗୁଡ଼ିକ ଉଚ୍ଛେଦ କରାଯାଇଥିଲା । ଉଚ୍ଛେଦ ଦୋକାନୀମାନେ ବାରମ୍ବାର ପ୍ରଶାସନ ପାଖରେ ଦାବି ପରେ ଏହି ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ନିମନ୍ତେ ଅନୁଦାନ ରାଶି ପ୍ରଦାନ କରାଗଲା । ଗୃହ ଗୁଡ଼ିକର ନିର୍ମାଣ କାର୍ଯ୍ୟକୁ ଠିକାଦାର ଅଧପାନ୍ତରିଆ ଅବସ୍ଥାରେ ଦୀର୍ଘ ଦିନ ପର୍ଯ୍ୟନ୍ତ ଛାଡ଼ି ଦେଇଥିଲେ । ବାରମ୍ବାର ଲୋକଙ୍କ ଅଭିଯୋଗ ପରେ ପୁର୍ନବାର ଗୃହ ଗୁଡ଼ିକର ନିର୍ମାଣ କାର୍ଯ୍ୟ ଅନ୍ୟ ଠିକାଦାର ଦ୍ୱାରା ସମ୍ପୂର୍ଣ୍ଣ ହୋଇଥିଲା ? । ସମ୍ପୂର୍ଣ୍ଣ ପରେ ଦୀର୍ଘ ଦିନ ଗୃହ ଗୁଡ଼ିକ ତାଲା ପଡ଼ି ରହିବା ପରେ ୧୫ ନଭେମ୍ବର ୨୦୧୯ରେ ଟେଣ୍ଡର କରାଯାଇଥିଲା । ୩୦ ଡିସେମ୍ବରରେ ୨୫ଟି ଦୋକାନ ଗୃହ ମଧ୍ୟରୁ ୧୧ ଟି ଦୋକାନ ଗୃହ ଲୋକଙ୍କୁ ମିଳିଥିବା ବେଳେ ୧୪ଟି ଗୃହରେ ତାଲା ପଡ଼ିରହିଛି । ଯାହାକୁ ନେଇ ଉକ୍ତ ବଳକା ଗୃହ ଗୁଡ଼ିକୁ ନେବା ପାଇଁ ଇଚ୍ଛା ପ୍ରକାଶ କରୁଥିବା ବ୍ୟକ୍ତିମାନେ ପୁନଃ ଟେଣ୍ଡରକୁ ଚାହିଁ ବସିଥିବା ଦେଖିବାକୁ ମିଳିଛି । ଆରଏମସି ପକ୍ଷରୁ ଉକ୍ତ ବଳକା ଗୃହ ଗୁଡ଼ିକର ପୁନଃ ଟେଣ୍ଡର କରାଯାଉନଥିବା କାରଣରୁ ଇଚ୍ଛୁକ ବ୍ୟକ୍ତିଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାକୁ ବସିଛି । ଗୃହ ଗୁଡ଼ିକ ଏଭଳି ଭାବେ ତାଲା ପଡ଼ି ରହିବା ଦ୍ୱାରା ବାର୍ଷିକ ହଜାର ହଜାର ଟଙ୍କା ରାଜସ୍ୱ ହାନି ହେଉଥିବା ବୁଦ୍ଧିଜୀବି ମହଲରେ ମତ ପ୍ରକାଶ । ଏଥିସହ ନିର୍ମାଣ କରାଯାଇଥିବା ଦୋକାନ ଗୃହ ଗୁଡ଼ିକର ସମ୍ମୁଖକୁ ଆବଶ୍ୟକୀୟ ଛପର ଓ ବାରଣ୍ଡା କରାଯାଇନାହିଁ । ଫଳରେ ମାଟିରୁ ୨-୩ଫୁଟ୍ ଉପରେ ଦୋକାନ ଗୃହ ଗୁଡ଼ିକ ରହିଥିବା କାରଣରୁ ଲୋକମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗୃହ ଓ ସଟର ଗୁଡିକରେ ନିମ୍ନମାନର ରଙ୍ଗ ଲଗାଯାଇଥିବା ନେଇ ଖରାବର୍ଷାରେ ରଙ୍ଗ ଛାଡ଼ି କାନ୍ଥ ଓ ସଟର ନଷ୍ଟ ହେବାକୁ ବସିଲାଣି ।

# ଲୋକାର୍ପିତ ହେଲା ହିରୋ ମୋଟୋକର୍ପର ବାଇକ୍ ଆମ୍ବୁଲାନ୍ସ

ଭଦ୍ରକ, ୨୩ ଡିସେମ୍ବର (ହି.ସ.) - ଭାରତର ଅଗ୍ରଣୀ ବାଇକ୍ ନିର୍ମାତା ହିରୋ ମୋଟୋକର୍ପ ଆନୁକୂଲ୍ୟରେ ରାଜ୍ୟର ପ୍ରଥମ ଅତ୍ୟାଧୁନିକ ବାଇକ୍ ଆମ୍ବୁଲାନ୍ସ ସେବା ଲୋକାର୍ପିତ ହୋଇଛି । ହିରୋ ମୋଟୋକର୍ପର ଭଦ୍ରକ ଜିଲ୍ଲା ଅଧିକୃତ ବିକ୍ରେତା ସଞ୍ଜିବ ହିରୋ ପକ୍ଷରୁ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ୨ଟି ଦୁଇଚକିଆ ଆମ୍ବୁଲାନ୍ସକୁ ଜିଲ୍ଲାବାସୀଙ୍କ ଉଦ୍ଦେଶ୍ୟରେ ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ, ଭଦ୍ରକ ବିଧାୟକ ସଂଜୀବ ମଲ୍ଲିକ, ଜିଲ୍ଲା ପରିଷଦ ଅଧକ୍ଷ ଦ୍ୱିଜବର ରାଉତ, ଚାନ୍ଦବାଲି ବିଧାୟକଙ୍କ ପ୍ରତିନିଧି ଅଶୋକ ବଳ, ଜିଲ୍ଲାପାଳ ଡ. ଜ୍ଞାନ ଦାସ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ ପାତ୍ର, ହିରୋ ମୋଟୋକର୍ପର ଏରିଆ ମ୍ୟାନେଜର ଅବଦୁଲ ଆହାଦ୍, ଟେରୀଟୋରୀ ମ୍ୟାନେଜର ପଲ୍ଲବୀ ପଟ୍ଟନାୟକ, ସଂଜୀବ ହିରୋର ମ୍ୟାନେଜିଂ ପାର୍ଟନର ପ୍ରୀତିରଂଜନ ଜେନା ପ୍ରମୁଖ ଯୋଗ ଦେଇ ଲୋକାର୍ପଣ କରିଥିଲେ। ଏହି ଅବସରରେ ବିଧାୟକ ଶ୍ରୀଯୁକ୍ତ ମଲ୍ଲିକ ଯେଉଁ ଅ ଳକୁ ମୁଖ୍ୟତଃ ୪ ଚକିଆ ଆମ୍ବୁଲାନ୍ସ ଯାଇ ପାରୁନାହିଁ, ସେହି ଅ ଳକୁ ଏହି ଦୁଇ ଚକିଆ ଆମ୍ବୁଲାନ୍ସ ସହଜରେ ଯାଇ ପାରିବ ଏବଂ ରୋଗୀଙ୍କୁ ଆଣିବାରେ ସହାୟକ ହୋଇ ପାରିବ ବୋଲି କହିଥିଲେ। ସାଂସଦ ଶ୍ରୀମତୀ ମଣ୍ଡଳ ହିରୋ କମ୍ପାନୀର ଏଭଳି ମହତ କାର୍ଯ୍ୟକୁ ପ୍ରଶଂସା କରିବା ସହିତ ଏହା ଭଦ୍ରକ ଜିଲ୍ଲାବାସୀଙ୍କ ପାଇଁ ସହାୟକ ହେବ ବୋଲି କହିଥିଲେ। ଏହି ୨ଟି ଆମ୍ବୁଲାନ୍ସରୁ ଗୋଟିଏ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଓ ଗୋଟିଏ ଚାନ୍ଦବାଲି ମେଡିକାଲରେ ରହିବ ବୋଲି ଜିଲ୍ଲାପାଳ ଡ. ଦାସ ସୂଚନା ଦେଇଥିଲେ। ଏହି ଉତ୍ସବରେ ଉପଜିଲ୍ଲାପାଳ ପୀତାମ୍ବର ସାମଲ, ମହମ୍ମଦ ଅବଦୁଲ ବାରୀ ପ୍ରମୁଖ ଯୋଗ ଦେଇଥିଲେ।

## ପ୍ରତିଶୃତି ରକ୍ଷାକଲେ ଓ ମହିଳାଙ୍କ ଘରେ ମଧାହ୍ନ ଭୋଜନ କଲେ ସାଂସଦ

କେନ୍ଦ୍ରାପଡ଼ା,୨୪।୧୨ (ନି.ପ୍ର): କେନ୍ଦ୍ରାପଡା ସାଂସଦ ଅନୁଭବ ମହାନ୍ତି ନିଜର ପ୍ରତିଶୃତି ରକ୍ଷାକରି ଜଣେ ଦରିଦ୍ର ବିଧବା ମହିଳାଙ୍କ ଘରେ ପହଁଚି ତାଙ୍କର ଦୁରବସ୍ଥା ଅନୁଧାନ କରିବା ସହ ମହିଳା ଆଗ୍ରହ କ୍ରମେ ତାଙ୍କ ଘରେ ମଧାହ୍ନ ଭୋଜନ କରିଥିବା ଜଣା ପଡିଛି । ସାଂସଦ ଶ୍ରୀ ମହାନ୍ତି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଅଙ୍ଗୁଖଳାଇ ନିକଟବର୍ତୀ ନିଳାଦ୍ରିପୁର (ବ୍ରାହ୍ମଣ ସାହି) ଗ୍ରାମରେ ଗସ୍ତ କରୁଥିବା ବେଳେ ସଂପୃକ୍ତ ମହିଳା ରଙ୍ଗବତୀ ପଣ୍ଡା ନିଜର ଦୂରବସ୍ଥା ଓ ସମସ୍ୟା ବିଷୟରେ ତାଙ୍କୁ ଅବଗତ କରାଇଥିଲେ ଓ ତାଙ୍କ ଘରକୁ ବୁଲିଯିବା ପାଇଁ ନିମନ୍ତ୍ରଣ ଦେଇଥିଲେ ।

# ଖ୍ରୀଷ୍ଟମାସ ପର୍ବ ପାଳନ ପାଇଁ ଜିଲ୍ଲାସ୍ତରୀୟ ଶାନ୍ତି କମିଟି ବୈଠକ ଅନୁଷ୍ଠିତ

କନ୍ଧମାଳ,୨୪।୧୨ (ନି.ପ୍ର): କନ୍ଧମାଳ ଜିଲ୍ଲାରେ ଖ୍ରୀଷ୍ଟମାସ୍-୨୦୨୦ ପର୍ବକୁ ଶାନ୍ତି ଓ ସଦ୍ଭାବନାର ସହ ପାଳନ କରିବା ନିମନ୍ତେ ଏକ ଜିଲ୍ଲାସ୍ତରୀୟ ବୈଠକ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆଜି ଅନୁଷ୍ଠିତ ହୋଇଯାଇଛି । କନ୍ଧମାଳ ଜିଲ୍ଲାପାଳ ଡା. ବୃନ୍ଦା ଡି. ଏଥିରେ ଅଧ୍ୟକ୍ଷତା କରି ଏହାକୁ ଶାନ୍ତିପୂର୍ଣ୍ଣ ଭାବରେ ପାଳନ କରିବାକୁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଜିଲ୍ଲା ପ୍ରଶାସନର ଏ ଦିଗରେ ସହଯୋଗ ମଧ ରହିବ। କୋଭିଡ୍-୧୯ ସଂକଟ ଏବେବି ରହିଛି ଏବଂ ଜାନୁଆରୀ ମାସ ସୁଦ୍ଧା ପୁନର୍ବାର ସଂକ୍ରମଣର ଆଶଙ୍କା ମଧ ରହିଥିବାରୁ, କୋଭିଡ୍-୧୯ର ସଂକ୍ରମଣକୁ ଦୃଷ୍ଟିରେ ରଖି ଚଳିତ ବର୍ଷର ଉତ୍ସବ ପାଳନ ଉଦ୍ଦେଶ୍ୟରେ ଚର୍ଚ୍ଚ ମାନଙ୍କରେ ବହୁ ସଂଖ୍ୟାରେ ଏକତ୍ରିତ ନ ହୋଇ ୧୦ ଜଣରୁ ୧୫ ଜଣ ମଧ୍ୟରେ ବଡ଼ଦିନ ପାଳନ କରିବାକୁ ସେ ପରାମର୍ଶ ଦେଇଥିଲେ। କୌଣସି ଧାର୍ମିକ କାର୍ଯ୍ୟରେ ଜିଲ୍ଲା ପ୍ରଶାସନ ବାଧା ସୃଷ୍ଟି କରିବାକୁ ଚାହୁଁନି । କେବଳ ସମ୍ଭାବ୍ୟ ସଂକ୍ରମଣକୁ ରୋକି ଧନ ଜୀବନ ନଷ୍ଟ ନ ହେଉ ବୋଲି ଜିଲ୍ଲା ପ୍ରଶାସନ ଚାହୁଁଛି। ଆଗତ ପ୍ରସ୍ତାବ ଓ ମତାମତକୁ ଅନୁଧ୍ୟାନ କରି ଯେଉଁ ଦାବି ଗୁଡ଼ିକୁ ପୂରଣ କରାଯାଇ ପାରିବ ତାହା ଜଣାଇ ଦିଆଯିବ ବୋଲି ଜିଲ୍ଲାପାଳ କହିଥିଲେ। ସେହିପରି, କନ୍ଧମାଳ ଆରକ୍ଷୀ ଅଧୀକ୍ଷକ ଶ୍ରୀ ଭିନିତ୍ ଅଗ୍ରୱାଲ୍ ଖ୍ରୀଷ୍ଟିୟାନ ସମ୍ପ୍ରଦାୟର ଭାଇମାନେ ଚଳିତ ବର୍ଷ ନିଜ ନିଜ ଘରେ ପର୍ବ ପାଳନ କରିବାକୁ ଅନୁରୋଧ କରିଥିଲେ। ଜାନୁଆରୀ ମାସ ପର୍ଯ୍ୟନ୍ତ ଶୀତ ରହିବ ଏବଂ ସେ ପର୍ଯ୍ୟନ୍ତ ଆମକୁ ସତର୍କ ରହିବାକୁ ପଡ଼ିବ। କୋଭିଡ୍-୧୯ ଠାରୁ ଲୋକମାନଙ୍କୁ ବଞ୍ଚାଇବା ପାଇଁ ଆମ ସମସ୍ତଙ୍କର ଲକ୍ଷ୍ୟ ହେବା ଆବଶ୍ୟକ। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ଖ୍ରୀଷ୍ଟିଆନ ଧର୍ମାବଲମ୍ବୀମାନେ ଏ ଦିଗରେ ସହଯୋଗ କରିବେ ବୋଲି ଶ୍ରୀ ଅଗ୍ରୱାଲ୍ ଆଶାବ୍ୟକ୍ତ କରିଥିଲେ। ବୈଠକରେ ଉପସ୍ଥିତ ଖ୍ରୀଷ୍ଟିଆନ ସମ୍ପ୍ରଦାୟର କିଛି ବନ୍ଧୁ ସେମାନଙ୍କର ମତାମତ ଦେଇଥିଲେ। ସେମାନେ କହିଥିଲେ ଯେ, ସେମାନଙ୍କର ଏହା ଏକ ମୁଖ୍ୟ ପର୍ବ। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ସେମାନେ ଚଳିତ ବର୍ଷ ବହୁ ସଂଖ୍ୟାରେ ଏକତ୍ରିତ ନ ହୋଇ କିଛି ମନୋନୀତ ଭକ୍ତଙ୍କୁ ଚର୍ଚ୍ଚକୁ ପ୍ରାର୍ଥନା ନିମନ୍ତେ ପଠାଇବେ। ଦିନରେ ଏବଂ ରାତିରେ ଦୁଇ ଘଣ୍ଟା ଲେଖାଏଁ ପର୍ବ ପାଳନ ପାଇଁ ଅନୁମତି ପ୍ରଦାନ କଲେ, ୨/୩ ଟି ଯଜ୍ଞରେ ଅତି ବେଶିରେ ୫୦ ଜଣ ଲେଖାଁଏ ପରମ ପ୍ରସାଦ ସେବନ କରିପାରିଲେ ଏବଂ ଡାକବାଜି ଯନ୍ତ୍ର ବ୍ୟବହାର ପାଇଁ ଅନୁମତି ଦେଲେ ଆମ ସମ୍ପ୍ରଦାୟର ଭାଇମାନେ ଖୁସିହେବେ । ଏମାନଙ୍କର ମତାମତକୁ ଗୁରୁତ୍ୱ ଦେବାକୁ ବରିଷ୍ଠ ସାମ୍ବାଦିକ ଶ୍ରୀ ଅରୁପ କୁମାର ଜେନା ଅନୁରୋଧ କରିଥିଲେ। କୋଭିଡ୍ ସଂକ୍ରମଣକୁ ପ୍ରତିହତ କରିବା ଦିଗରେ ଜିଲ୍ଲା ପ୍ରଶାସନ ଗ୍ରହଣ କରୁଥିବା ପଦକ୍ଷେପକୁ କୁଇ ସମାଜର ସଭାପତି ଶ୍ରୀ ଲମ୍ବୋଦର କହଁର ପ୍ରଶଂସା କରିବା ସହିତ କୋଭିଡ୍ ସଂକ୍ରମଣ ସତର୍କତା ଅବଲମ୍ବନ ପୂର୍ବକ ଉତ୍ସବ ପାଳନ କରିବାକୁ ସେ ଅନୁରୋଧ କରିଥିଲେ। ଉକ୍ତ ବୈଠକରେ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରୀ ବିପିନ ବିହାରୀ ବେହେରା, କନ୍ଧମାଳ ଉପ-ଜିଲ୍ଲାପାଳ ଶ୍ରୀ ଦେବେନ୍ଦ୍ର କୁମାର ନନ୍ଦ, ଭାରତୀୟ ପୋଲିସ୍ ସେବା ଶିକ୍ଷାନବୀଶ ଶ୍ରୀ ଅଭିନବ ଶଙ୍କରଙ୍କ ସମେତ ଜିଲ୍ଲାର ସମସ୍ତ ତହସିଲଦାର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଉପଖଣ୍ଡ ପୋଲିସ୍ ଅଧିକାରୀ, ଥାନା ଭାରପ୍ରାପ୍ତ ଅଧିକାରୀ ଏବଂ ବିଭିନ୍ନ ସମ୍ପ୍ରଦାୟର କାର୍ଯ୍ୟକର୍ତା ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବସନ୍ତ କୁମାର ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଫୁଲବାଣୀ ସମନ୍ୱିତ ଜନଜାତି ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଶ୍ରୀ ବୀରେନ୍ଦ୍ର କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଏଲଆଣ୍ଡଟି କମ୍ପାନୀର ମନମୁଖୀ କାର୍ଯ୍ୟ : ବଢୁଛି ଜନଅସନ୍ତୋଷ

ହରିଚନ୍ଦନପୁର,୨୪।୧୨ (ନି.ପ୍ର): କେନ୍ଦୁଝର ଜିଲ୍ଲାର ୫ଟି ବ୍ଲକରେ ମେଗା ଜଳ ଯୋଗାଣ ନିମନ୍ତେ କୋଟିକୋଟି ଟଙ୍କାର କାର୍ଯ୍ୟଭାର ଏଲଆଣ୍ଡଟି କମ୍ପାନୀ ନେଇଛି । କାର୍ଯ୍ୟ ଆରମ୍ଭରୁ ଗାଁଗାଁରେ ପଲ୍ଲୀସଭା ସହ ଜଙ୍ଗଲ ଓ ରାସ୍ତା ବିଭାଗର ଅନୁମତି ନେଇ କାର୍ଯ୍ୟ ଆରମ୍ଭ କରିବାର ସରକାରୀ ନିୟମ ରହିଛି । ହେଲେ କମ୍ପାନୀ କର୍ତୃପକ୍ଷ ପଲ୍ଲୀସଭା ଓ ଜଙ୍ଗଲ ଓ ରାସ୍ତା ବିଭାଗରୁ ବିନା ଅନୁମତି ମନମୁଖି ଭାବେ କାର୍ଯ୍ୟ କରୁଥିବା ନେଇ ଜନଅସନ୍ତୋଷ ବୃଦ୍ଧି ପାଇବାକୁ ବସିଛି । ଖବର ଅନୁଯାୟୀ ଏଲଆଣ୍ଡଟି କମ୍ପାନୀ ରେଙ୍ଗାଲୀ ଡ୍ୟାମରୁ ପାଇପ୍ ଯୋଗେ ତେଲକୋଇ, ବାଂଶପାଳ, ହରିଚନ୍ଦନପୁର, ଘଟଗାଁ, ପାଟଣା ବ୍ଲକର ସମସ୍ତ ଘର ଘରକୁ ପାନୀୟ ଜଳ ଯୋଗାଣର ଭାର ନେଇଛି । ? ଏଥିନିମନ୍ତେ ପ୍ରାୟତଃ ୧୧୦୦କୋଟିରୁ ଉର୍ଦ୍ଧ୍ୱ ଟଙ୍କାର କାର୍ଯ୍ୟ ଏହି କମ୍ପାନୀ ହାତକୁ ନେଇ ଦୀର୍ଘ ୧ବର୍ଷରୁ ଉର୍ଦ୍ଧ୍ୱ ହେବ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ ଚାଲୁରଖିଛି । କମ୍ପାନୀ ଅଧିକ ଲାଭବାନ ହେବା ଆଶାରେ ବେନିୟମ ଭାବେ ରାତିଅଧିଆ ମେସିନ୍ ଲଗାଇ କାର୍ଯ୍ୟ ଚଲାଇଛି । ଯାହାକୁ ନେଇ ମୂଲ୍ୟବାନ ଜଙ୍ଗଲ, ବିଭିନ୍ନ ବିଭାଗର ରାସ୍ତା ସମ୍ପୂର୍ଣ୍ଣ ଭାବେ ନଷ୍ଟ ହେଉଥିବା ଦେଖିବାକୁ ମିଳିଛି । ପୂର୍ବରୁ ସୁନାପେଣ୍ଠ ଗ୍ରାମରେ ବିନା ପଲ୍ଲୀସଭା, ଓ ପୂର୍ତ ବିଭାଗର ବିନା ଅନୁମତିରେ ମନମୁଖି ଭାବେ ରାସ୍ତା ନଷ୍ଟ କରି ରାତିଅଧିଆ କାର୍ଯ୍ୟ କରିଥିଲା । ଯାହାକୁ ନେଇ ପୂର୍ତ ବିଭାଗ ପକ୍ଷରୁ କମ୍ପାନୀ ନାମରେ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା । ଏବେ ପୁଣି ହରିଚନ୍ଦନପୁର ଗ୍ରାମ ପଂଚାୟତ ହରିଡାଗୋଠ ଗ୍ରାମ ନିକଟସ୍ଥ ରାସ୍ତା ଓ ଜଙ୍ଗଲ ନଷ୍ଟ କରି ରାତିଅଧିଆ କାର୍ଯ୍ୟ କରିଥିବା ନେଇ ଗ୍ରାମବାସୀଙ୍କ ମଧରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏଥିସହ ବିଭିନ୍ନ ସ୍ଥାନରେ ଜଙ୍ଗଲ ବିଭାଗରୁ ଅନୁମତି ନନେଇ ଅନେକ ମୂଲ୍ୟବାନ ଜଙ୍ଗଲ ନଷ୍ଟ କରି ରାତି ଅଧିଆ କାର୍ଯ୍ୟ ସାରି ପଳେଇଯିବାକୁ ବସିଛି ଏହି କମ୍ପାନୀ । ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଯଥାଶୀଘ୍ର ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଉଚିତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଓ ଜନସାଧାରଣରେ ଦାବି ହୋଇଛି ।

## ଅନାମ ସାହୁ ଯୁବ ବିଜେଡି ସମ୍ପାଦକ ନିଯୁକ୍ତ

ଭୁବନ,୨୪।୧୨ (ନି.ପ୍ର): ଭୁବନ ଏନଏସି ବିଜୁ ଯୁବ ଜନତା ଦଳ ପୁନର୍ଗଠନରେ ଅନାମ ସାହୁଙ୍କୁ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଥିବାରୁ ଯୁବ ବିଜେଡି ମହଲରେ ଆନନ୍ଦ ପ୍ରକାଶ ପାଇଛି । ଶ୍ରୀ ସାହୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ଜଣେ ବଡ ପ୍ରଶଂସକ ଭାବେ ପରିଚିତ । ଜୀବନ ଜୀବିକା ସଂଘର୍ଷ ମଧରେ ସମାଜସେବା ଓ ରାଜନୀତିରେ ରୁଚି ରଖୁଥିବା ଶ୍ରୀ ସାହୁ ଜଣେ ଦକ୍ଷ, ସଚ୍ଚୋଟ, କର୍ମଠ, ପରିଶ୍ରମୀ ଓ ସଙ୍ଗଠକ ଭାବେ ପରିଚିତ । ସମ୍ପାଦକ ପଦବୀରେ ନିଯୁକ୍ତି ପାଇଁ ଶ୍ରୀ ସାହୁ ନଗର ସଭାପତି ନନ୍ଦ କିଶୋର ସାହୁ, ସ୍ଥାନୀୟ ବିଧାୟକ ତଥା ଖଣି ଇସ୍ପାତ ଓ ପୂର୍ତମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ସାଂସଦ ମହେଶ ସାହୁଙ୍କୁ ଗଭୀର କୃତଜ୍ଞତା ଜ୍ଞାପନ କରିଛନ୍ତି ।

## ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମରେ ମହିଳା ଛତୁଚାଷୀଙ୍କୁ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା,୨୪।୧୨ (ନି.ପ୍ର): ଲାଭକାରୀ ଫସଲ ଛତୁଚାଷ କରି ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଥିବା ଜଣେ ମହିଳା ଛତୁଚାଷୀଙ୍କୁ ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମରେ ଭୁବନେଶ୍ୱର ଠାରେ ସମ୍ବର୍ଦ୍ଧିତ କରାଯାଇଛି । ଏରିଆ ଖବର ନାମକ ଏକ ନିୟୁଜ ଚ୍ୟାନେଲର ଚତୁର୍ଥ ବାର୍ଷିକ ଉତ୍ସବରେ କେନ୍ଦ୍ରାପଡା ବ୍ଲକ ଅଧିନ ଭରତପୁର ପଂଚାୟତ ର ହରିଡାଦଣ୍ଡା ଗ୍ରାମର ଶୈଳବାଳା ସାମଲଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଛି। ଏଥିରେ ଡାଇରେକ୍ଟର ସୌଭାଗ୍ୟ ନାୟକ, ସୁରଭି ମହିଳା ମଣ୍ଡଳର ଡଳି ମିଶ୍ର, ବିଷ୍ଣୁପଦ କର ଓ ବିଚିତ୍ର କର ପ୍ରମୁଖ ଉପସ୍ଥିତ ଥିଲେ ।

## ମୁଖ୍ୟମନ୍ତ୍ରୀଙ୍କୁ ଉତ୍କଳ ସମ୍ମିଳନୀର ଅଭିନନ୍ଦନ

ଭୁବନେଶ୍ୱର,୨୪।୧୨ (ନି.ପ୍ର): ଉତ୍କଳ ସମ୍ମିଳନୀର ପ୍ରଥମ ସଭାପତି ଶ୍ରୀରାମ ଚନ୍ଦ୍ର ଭଞ୍ଜଦେବଙ୍କ ୧୫୦ ତମ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାରିପଦାଠାରେ ଅବସ୍ଥିତ ଉତର ଓଡ଼ିଶା ବିଶ୍ୱ ବିଦ୍ୟାଳୟର ନାମ ଶ୍ରୀରାମ ଚନ୍ଦ୍ର ଭଞ୍ଜଦେବଙ୍କ ନାମରେ ନାମିତ କରିଥିବାରୁ ଉତ୍କଳ ସମ୍ମିଳନୀ ଏହାକୁ ସ୍ୱାଗତ କରିବା ସହିତ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛି । ଉତ୍କଳ ସମ୍ମିଳନୀ ପକ୍ଷରୁ ସମ୍ମିଳନୀର ମଂଚେଶ୍ୱର ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇବା ସହିତ ଏହା ବରପୁତ୍ରଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ବୋଲି କହିଛନ୍ତି ।

# ୨୯ରେ କେନ୍ଦ୍ରୀୟ ଶ୍ରମିକ ସଂଗଠନ ପକ୍ଷରୁ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ

କେନ୍ଦ୍ରାପଡ଼ା,୨୪।୧୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା କେନ୍ଦ୍ରୀୟ ଶ୍ରମିକ ସଂଗଠନ ପ୍ରତିନିଧି ମାନେ ଜିଲ୍ଲା ଶ୍ରମ ଅଧିକାରୀଙ୍କ ନିକଟକୁ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଆଲୋଚନା କରିବା ପାଇଁ କାର୍ଯ୍ୟାଳୟକୁ ଆସିଥିବା ବେଳେ ଶ୍ରମ ଅଧିକାରୀ ସେମାନଙ୍କ ସହିତ ଆଲୋଚନା ନ କରି ଆଶାଳୀନ ବ୍ୟବହାର କରିଥିଲେ। ତେଣୁ ଜିଲ୍ଲା କେନ୍ଦ୍ରୀୟ ଶ୍ରମିକ ସଂଗଠନ ପକ୍ଷରୁ ଆସନ୍ତା ୨୯ତାରିଖ ଦିନ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରାଯିବ ବୋଲି ଶ୍ରମିକ ନେତାମାନେ ଜିଲ୍ଲା ଶ୍ରମ ଆୟୁକ୍ତ ନିକଟକୁ ପତ୍ର ମାଧମରେ ସୂଚନା ଦେଇଛନ୍ତି । ସେମାନେ ଅଭିଯୋଗ କରିଛନ୍ତି ଯେ ଶ୍ରମ କାର୍ଯ୍ୟାଳୟରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ଯୋଜନା ବ୍ୟାପକ ଅନିୟମିତତା, କାର୍ଯ୍ୟାଳୟକୁ ଆସୁଥିବା ଆବେଦନ ପତ୍ରକୁ ପଞ୍ଜିକୃତ ନ କରି ପୋଡି ନଷ୍ଟ କରିଦେବା, ଶ୍ରମିକ ପୁଞ୍ଜିକୃତ ରାଶି ଫର୍ମ କାର୍ଯ୍ୟକାରୀ ନ ହେବା,ମହିଳା ଶ୍ରମିକମାନଙ୍କୁ ପଞ୍ଜିକୃତ ନ କରିବା, ଶିକ୍ଷା ଓ ମୃତ୍ୟୁ ସହାୟତା ପ୍ରଦାନ ନ କରିବା, ଶ୍ରମିକମାନଙ୍କୁ କରୋନା ସହାୟତା ୧୫୦୦ଟଙ୍କା ଠିକ୍ ଭାବରେ ପ୍ରଦାନ ନ କରିବା, କାର୍ଯ୍ୟାଳୟରେ ହେଉଥିବା ବେନିୟମ କାର୍ଯ୍ୟ ବନ୍ଦ କରିବା, କେନ୍ଦ୍ରୀୟ ଶ୍ରମିକମାନଙ୍କୁ ଅଣଦେଖା କରିବା ପ୍ରଭୃତି । ସେଥିପାଇଁ ଆଜି ସମସ୍ତ ଜିଲ୍ଲା କେନ୍ଦ୍ରୀୟ ଶ୍ରମିକ ସଂଗଠନ ଏକାଠି ହୋଇ ଡିସେମ୍ବର ୨୯ତାରିଖରେ ଶ୍ରମ କାର୍ଯ୍ୟାଳୟ ଘେରାଉ କରିବାକୁ ନିଷ୍ପତି ନେଲେ । ଏହି ବୈଠକରେ ସିଆଇଟିୟୁର ଜ ଗ ତ ଜ 1 ବ ନ ଦାସ,ଆଇଏନଟିୟୁସିର ମୁକ୍ତାର ଖାଁ, ଏଆଇଟିୟୁସିର ବାବାଜୀ ଧଳ, ବିଏମଏସ୍‌ର ପ୍ରଶାନ୍ତ ସେଠୀ,ଏଆଇସିସିଟିୟୁର ବସନ୍ତ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ ।

# ଅଙ୍ଗନବାଡି କର୍ମୀଙ୍କ ଘରେ ଭିଜିଲାନ୍ସ ଚଢାଉ

ପୁରୀ,୨୪।୧୨ (ନି.ପ୍ର): କୋଟି କୋଟି ଟଙ୍କାର ଆୟ ବହୁର୍ଭୁତ ସଂପତି ଠୁଳ ଅଭିଯୋଗରେ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ଆଜି ସକାଳେ ପୁରୀରେ ଜଣେ ଅଙ୍ଗନବାଡି କର୍ମୀଙ୍କ ଘରେ ଚଢାଉ କରିଛି । ଅଙ୍ଗନବାଡି କର୍ମୀ ଜଣକ ହେଲେ ବାସେଳୀ ସାହିର ସନ୍ଧ୍ୟାରାଣୀ ଭଟ୍ଟ । ଶ୍ରମତୀ ଭଟ୍ଟ ପୁରୀ ପୌରସଂସ୍ଥା ଅଧିନସ୍ଥ ଅକ୍ଷରଧାମ ଅଙ୍ଗନବାଡି କେନ୍ଦ୍ରରେ ଅଙ୍ଗନବାଡି କର୍ମୀ ରୂପେ ୨୦୧୨ ମସିହାରୁ କାର୍ଯ୍ୟ କରୁଛନ୍ତି । ତାଙ୍କ ନାମରେ ଛତୁଆ ଦୁର୍ନୀତି ଓ କୋଟି କୋଟି ଟଙ୍କାର ଆୟ ବହୁର୍ଭୁତ ସଂପତି ଠୁଳ ନେଇ ଭିଜିଲାନ୍ସ ବିଭାଗରେ ଅଭିଯୋଗ ହୋଇଥିଲା । ସେହିପରି ଶିଶୁ ଖାଦ୍ୟ ଛତୁଆ ଯୋଗାଇବା ପାଇଁ ଶ୍ରୀଜଗନ୍ନାଥ କ୍ଲଷ୍ଟରରୁ ଲକ୍ଷାଧିକ ଟଙ୍କା ଦୁର୍ନୀତି ଉପାୟରେ ହଡପ କରିଥିବା ମଧ ଅଭିଯୋଗ ହୋଇଥିଲା । ସେ ଜଣେ ସାଧାରଣ ଅଙ୍ଗନବାଡି କର୍ମୀ ହୋଇ କୋଟି କୋଟି ଆୟ ବହୁର୍ଭୁତ ସଂପତି ଠୁଳ ନେଇ ସହରରେ ଆଲୋଡନ ସୃଷ୍ଟି କରିଛି । ତେବେ ଶ୍ରୀମତୀ ଭଟ୍ଟଙ୍କ ପୈତୃକ ଘର, ହାତୀଶାଳରେ ଥିବା ୪ମହଲା କୋଠା, ସମଙ୍ଗ ମୌଜା ମଙ୍ଗଳାଘାଟରେ ଥିବା ଅଟାମିଲ ଓ ଡେଲାଙ୍ଗ ହାଟସାହିରେ ଥିବା ତାଙ୍କର ଶ୍ୱଶୁର ଘରରେ ଭିଜିଲାନ୍ସ ଚଢାଉ କରିଥିଲା ।

# ଚରମ୍ପା ଡିପୋରୁ ଚାଉଳ ହେରଫେର ମାମଲା : ବାଟକୁ ଫେରିଲା ତଦନ୍ତ, ମିଳିଗଲା ପ୍ରମାଣ

ଭଦ୍ରକ,୨୪।୧୨ (ନି.ପ୍ର): ଚରମ୍ପା ସରକାରୀ ଡିପୋରୁ ଚାଉଳ ହେରଫେର ମାମଲାରେ ବାଟବଣା ହୋଇଥିବା ତଦନ୍ତ ବାଟକୁ ଫେରିଛି। ଚାଉଳ ହେରଫେର ହୋଇଛି ଓ ଗୋଦାମ ଦାୟିତ୍ୱରେ ଥିବା ଅଫିସର ତଦନ୍ତକାରୀ ଦଳକୁ ଭୁୟାଁ ବୁଲାଇବାକୁ ଅପଚେଷ୍ଟା କରିଥିବାର ପ୍ରମାଣ ପାଇଛି ତଦନ୍ତକାରୀ ଟିମ। କେବଳ ସେତିକି ନୁହେଁ ଗୋଦାମରୁ ଚାଉଳ, ଗହମ,ଚଣା ଆଦି ହେରଫେର କ୍ଷେତ୍ରରେ ଏକ ରାକେଟ କାମ କରୁଛି। ଏହି ରାକେଟରେ ଅଫିସର, ପରିବହନ ଠିକାଦାର ଓ ଅନ୍ୟମାନଙ୍କ ସମ୍ପୃକ୍ତି ନେଇ ତଦନ୍ତକାରୀ ଟିମ ସଂଦେହ କରୁଛନ୍ତି। ସୂଚନାଥାଉକି; ଚରମ୍ପା ସରକାରୀ ଡିପୋରେ ଚାଉଳ ହେରଫେର ନେଇ ଅଭିଯୋଗ ପହଂଚିବା ପରେ ଜିଲାପାଳ ଡ.ଜ୍ଞାନ ଦାସ ଏହାର ଯାଂଚ କରାଇବାକୁ ଉପଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି କ୍ରମରେ ଜିଲା ଯୋଗାଣ ନିଗମର ଦୁଇଜଣ ଏସିଏସଓ ଓ ଭଦ୍ରକର ଅତିରିକ୍ତ ତହସିଲଦାର ସୋମବାର ଚରମ୍ପା ଡିପୋରେ ପହଂଚିଥିଲେ। ପ୍ରକୃତରେ ଡିପୋରେ ୧୦୦ରୁ ଅଧିକ ବସ୍ତା ଚାଉଳ କମ ଥିଲେ ହେଁ ଏହାକୁ ଏଡାଇ ଦେବାକୁ ଅପଚେଷ୍ଟା ହୋଇଥିଲା। ହିସାବକୁ ମେଳ କରିବା ଲାଗି ଜନୈକ ଡିଲର ମନମୋହନ ନାୟକଙ୍କ ନାମରେ ୧୦୪ ବସ୍ତା ଚାଉଳ ଅନଲାଇନରେ ଇସ୍ୟୁ କରି ଦିଆଯାଇ ଷ୍ଟକ-ଇସ୍ୟୁ ବ୍ୟବସ୍ଥାକୁ ଠିକଠାକ କରାଯାଇଥିଲା। ତେବେ ସେହି ୧୦୪ ବସ୍ତା ଚାଉଳ ଓଆର୦୧ସି୯୧୫୫ ନମ୍ବର ମିନିଟ୍ରକରେ ଗୋଦାମରୁ ଯାଇଥିବା ନେଇ ବିଭାଗର 'ସପ୍ଲାଇ ଚେନ ମାନେଜମେଂଟ ସିଷ୍ଟମ' ପୋର୍ଟାଲରେ ଅପଲୋଡ କରାଯାଇଥିଲା। ପ୍ରକୃତରେ କିନ୍ତୁ ଏହି ଚାଉଳ ଗୋଦାମରୁ ଯାଇନଥିଲା। କେବଳ ତଦନ୍ତକୁ ବାଟବଣା କରିବା ଲାଗି ଏହା କରାଯାଇଥିଲା। ତେବେ ଏ ସମ୍ପର୍କରେ ଜିଲାପାଳ ଖବର ପାଇବା ଓ ପରେ ଉପଜିଲାପାଳ ତଦନ୍ତ ତରିକାକୁ ନେଇ ବିରକ୍ତି ଭାବେ ପ୍ରକାଶ କରିବା ପରେ ସୋମବାର ରାତିରେ ତଦନ୍ତ ଟିମରେ ଥିବା ଅଫିସରଙ୍କ ଯାଂଚ ତରିକା ବଦଳିଥିଲା। ପ୍ରକୃତରେ ଚାଉଳ ଇସ୍ୟୁ ହୋଇଛି ନା କେବଳ ଅନଲାଇନରେ ଅପଲୋଡ କରିଦିଆଯାଇଛି ସେ ବାବାଦରେ ତଦନ୍ତ ଆରମ୍ଭ ହୋଇଥିଲା। ସୋମବାର ରାତିରେ ଏସିଏସଓ କେଦାର ନାୟକ ଟିମ ସହ ଆର.ଏନ.ବେତରାରେ ପହଂଚି ଡିଲର/ରିଟେଲର ମନମୋହନ ନାୟକଙ୍କୁ ଭେଟିଥିଲେ। 'ମୁଁ ଚାଉଳ ପାଇନାହିଁ'ବୋଲି ଡିଲର ଲେଖିକରି ଦେଇଥିବା କଥା ଏସିଏସଓ ଶ୍ରୀ ନାୟକ କହିଛନ୍ତି। ଯେଉଁ ମିନିଟ୍ରକରେ ଗୋଦାମରୁ ଚାଉଳ ଡିଲର ପଏଂଟକୁ ଯାଇଥିଲା ବୋଲି ପୋର୍ଟାଲରେ ଅପଲୋଡ କରାଯାଇଥିଲା ସେହି ମିନିଟ୍ରକକୁ ଆଜି ସକାଳ ୭ଟା ବେଳେ ପିପି ରାଇସ ମିଲ ପରିସରରେ ଠାବ କରିଥିଲା ତଦନ୍ତକାରୀ ଟିମ। ଗୋଦାମରୁ ଚାଉଳ ନୁହେଁ ଉକ୍ତ ଟ୍ରକ ସୋମବାର ଧାନ ଆଣି ମିଲରେ ଅନଲୋଡ କରିଥିବା ଆମେ ଜାଣିବାକୁ ପାଇଲୁ ବୋଲି କହିଛନ୍ତି ଏଏସିଏସଓ ଶ୍ରୀ ନାୟକ। ସେହିଭଳି ପରିବହନ ଠିକାଦାର ମଧ୍ୟ 'ମୋ ଅଜଣାତରେ ଚାଉଳ ଇସ୍ୟୁ କରାଯାଇଛି, ମୁଁ କିଛି ଜାଣିନାହିଁ କି ମୋ ଗାଡି ଚାଉଳ ଆଣିନାହିଁ' ବୋଲି ଟିମକୁ କହିଛନ୍ତି। ସେହିଭଳି ଏତେସବୁ ପରେ ବି ଆଜି ସକାଳୁ ଅନ୍ୟ ଏକ ମିଲରୁ ୧୦୪ ବସ୍ତା ଚାଉଳ ଉକ୍ତ ଡିଲର ପଏଂଟକୁ ପଠାଇବାର ବ୍ୟବସ୍ଥା ହେଉଥିବା ନେଇ ଖବର ପାଇବା ପରେ ତଦନ୍ତକାରୀ ଟିମ ଉକ୍ତ ମିଲରେ ପହଂଚିଥିଲେ। ସେଠାରେ ଅପେକ୍ଷାରତ ଅନ୍ୟ ଏକ ମିନିଟ୍ରକ ଟିମକୁ ଦେଖି ମିଲ ଭିତରୁ ପ୍ରସ୍ଥାନ କରିଥିବା କଥା କହିଛନ୍ତି ଏସିଏସଓ ଶ୍ରୀ ନାୟକ। ମୋଟାମୋଟି ଭାବେ ଚାଉଳ ହେରଫେର ହୋଇଛି, ଗହମ ବି ହୋଇଥିବା ନେଇ ଆମ ପ୍ରମାଣ ପାଇସାରିଛୁ। ଏଥିରେ ଏକ ରାକେଟ କାମ କରୁଛି, ଖୁବଶୀଘ୍ର ଆମେ ଜିଲାପାଳଙ୍କୁ ରିପୋର୍ଟ ଦେବୁ ବୋଲି କହିଛନ୍ତି ଏଏସିଏସଓ।

# ମୟୂରଭଞ୍ଜ ଜିଲ୍ଲା ଦୌରାଜଜ୍ କୋର୍ଟ କାର୍ଯ୍ୟାଳୟରେ ଇ-ସେବା କେନ୍ଦ୍ର ଉଦ୍‌ଘାଟିତ



ବାରିପଦା,୨୪।୧୨ (ନି.ପ୍ର): ଜିଲ୍ଲା ଦୌରାଜଜ୍ କୋର୍ଟ କାର୍ଯ୍ୟାଳୟ ପରିସରରେ ଆଇନଗତ ସେବା ଓ ସହାୟତା ସୁବିଧା ଉପଯୋଗ ପାଇଁ ଓଡିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ମହମ୍ମଦ ରଫିକ୍‌ଙ୍କ ଦ୍ୱାରା ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଇ-ସେବା କେନ୍ଦ୍ର ତା.୨୨/୧୨/୨୦୨୦ ରିଖ ଅପରାହ୍ନରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ଜଜ୍ କୋର୍ଟ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲା ଓ ଦୌରାଜଜ୍ ସୟ ରନ ବହିଦାରଙ୍କ ଉପସ୍ଥିତିରେ ଅତିରିକ୍ତ ଦୌରାଜଜ୍ ତଥା ସ୍ପେସାଲ ଜଜ୍ ଭିଜିଲାନ୍‌ସ ପ୍ରଣବ କୁମାର ପାତ୍ର, ଫେମେଲି କୋର୍ଟ ବିଚାରପତି ରଶ୍ମିମୋହନ ଆଚାର୍ଯ୍ୟ, ଅତିରିକ୍ତ ଦୌରାଜଜ୍ (୧ମ) ଚୌଧୁରୀ ପ୍ରବୀର କୁମାର, ଅତିରିକ୍ତ ଦୌରା ଜଜ୍ (୨ୟ) ମହେନ୍ଦ୍ର କୁମାର ସୁତ୍ରଧର, ଅତିରିକ୍ତ ଦୌରାଜଜ୍ ସ୍ପେସାଲ କୋର୍ଟ ପୋକ୍ସ ବିକାଶ ଚନ୍ଦ୍ର ଦେ, ସିଜେଏମ୍ ସନ୍ତୋଷ କୁମାର ଦାସରାୟ, ଅତିରିକ୍ତ ସିନିୟର ସିଭିଲ ଜଜ୍ ଶିବାଶିଷ ଗିରି, ସିନିୟର ସିଭିଲ ଜଜ୍ ସୁଚରିତା ମହାନ୍ତି, ଦୀପା ଦାସ, ଅତିରିକ୍ତ ସିନିୟର ସିଭିଲ୍ ଜଜ୍ (୨ୟ) ଦେବଶ୍ରୀ ସାହୁ, ଏସ୍‌ଡିଜେଏମ୍ ରୀନତି ମିଶ୍ରଙ୍କ ସମେତ ସଂପୃକ୍ତ ଅନ୍ୟାନ୍ୟ ବିଚାରପତି ପ୍ରମୁଖ ଯୋଗ ଦେଇଥିଲେ। ସୂଚନା ଯୋଗ୍ୟ ଯେ, ଓଡିଶା ରାଜ୍ୟ ଉଚ୍ଚ ନ୍ୟାୟାଳୟ କଟକ ପକ୍ଷରୁ ରାଜ୍ୟସ୍ତରୀୟ ଭିଡିଓ କନ୍‌ଫେରନ୍ସିଂ ଜରିଆରେ ଆୟୋଜିତ ଜିଲ୍ଲା କୋର୍ଟରେ ସ୍ୱତନ୍ତ୍ର ଇ-ସେବା କେନ୍ଦ୍ରର ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଅବସରରେ ଇ-ସେବା କେନ୍ଦ୍ରର ଆଭିମୁଖ୍ୟ ତଥା ଏହାର ପରିଚାଳନା ସମ୍ପର୍କିତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସିଷ୍ଟମ ଅଫିସର ସୁଶାନ୍ତ କୁମାର ବେହେରା ଉକ୍ତ-ଇ ସେବା ଉଦ୍‌ଘାଟନୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବାରିପଦା ଓକିଲ ସଂଘର ଆଇନଜୀବୀ ଓ ହିତାଧିକାରୀ ମାନେ ଉପସ୍ଥିତ ଥିଲେ। ପ୍ରକାଶଯୋଗ୍ୟ ଯେ ଜିଲ୍ଲା ଦୌରାଜଜ୍ କୋର୍ଟ ପରିସରରେ କାର୍ଯ୍ୟକାରୀ ହୋଇଥିବା ଏହି ଇ-ସେବା କେନ୍ଦ୍ରରେ ବିଭିନ୍ନ ମକଦ୍ଦମାର ସ୍ଥିତି, ସାର୍ଟିଫିକେଟ୍ କପି ପାଇଁ ଅନ୍‌ଲାଇନ୍ ଆବେଦନ, ଇ-ଫାଇଲିଂ, ଇ-ପେମେଣ୍ଟ, ଇ-କୋର୍ଟ୍‌ସ, ମୋବାଇଲ ଆପ୍ ଡାଉନଲୋଡ, ଜେଲରେ ବନ୍ଦୀଥିବା ସଂପର୍କୀୟ ମାନଙ୍କ ପାଇଁ ଇ-ମୁଲାକାତ୍ ପାଇଁ ସମୟ ନିର୍ଦ୍ଧାରଣ ବ୍ୟବସ୍ଥା, ନ୍ୟାୟାଳୟର ଅବସ୍ଥିତି ଓ ମକଦ୍ଦମାର ଶୁଣାଣୀ, ମାଗଣା ଆଇନସେବା ପ୍ରାପ୍ତିରେ ସହାୟତା, ଭାର୍ଚୁଆଲ୍ କୋର୍ଟ୍‌ସ ମାଧ୍ୟମରେ ଟ୍ରାଫିକ୍ ଚାଲାଣ ଜନିତ ମକଦ୍ଦମାର ସମାଧାନ ସମ୍ବନ୍ଧୀୟ ସହାୟତା, ନ୍ୟାୟାଳୟର ରାୟ ଓ ଆଦେଶଗୁଡିକ ଇ-ମେଲ୍, ହ୍ୱାଟସ୍ ଅପ୍ ଓ ଅନ୍ୟାନ୍ୟ ଡିଜିଟାଲ ମାଧ୍ୟମରେ ପ୍ରାପ୍ତ କରାଯିବା ଆଦି ବିଭିନ୍ନ ସେବା ଓ ସହାୟତା ଉପଯୋଗ କରାଯାଇ ପାରିବ।

# କଳାକାର ମହାସଂଘର ଜିଲ୍ଲା ସମାବେଶ ଓ ଜିଲ୍ଲା କମିଟି ଗଠିତ



ଭଦ୍ରକ,୨୪।୧୨ (ନି.ପ୍ର): ଶ୍ରୀଜଗନ୍ନାଥ କଳାକାର ମହାସଂଘ ଓଡ଼ିଶା ପକ୍ଷରୁ ଭଦ୍ରକ ନୂଆ ବଜାର ସ୍ଥିତ ଭାଗବତ କଲ୍ୟାଣ ମଣ୍ଡପ ଠାରେ ଏକ ଦିନିକିଆ ସମାବେଶ ଓ ଜିଲ୍ଲା କମିଟି ଗଠନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏହି ସମାବେଶରେ ଭଦ୍ରକ ଜିଲ୍ଲା ସହିତ ଭୁବନେଶ୍ୱର, କଟକ, ଯାଜପୁର, ବାଲେଶ୍ୱର ପ୍ରଭୃତି ବିଭିନ୍ନ ଅଞ୍ଚଳର ଶତାଧିକ କଳାକାର ସମ୍ମିଳିତ ହୋଇଥିଲେ। ମୁଖ୍ୟତଃ ସାମ୍ପ୍ରତିକ ସ୍ଥିତିରେ ମଞ୍ଚ ବନ୍ଦ ରହିଥିବାରୁ କଳାକାରଙ୍କ ଦୁର୍ଦ୍ଦଶା ଯେଉଁ ହାରରେ ବଢି ଯାଇଛି ସେ ନେଇ କଳାକାରମାନେ ଗଭୀର ଉଦ୍‌ବେଗ ପ୍ରକଟ କରିଥିଲେ। କଳାକାରଙ୍କ ଦୁଃଖ କିପରି ସରକାର ଶୁଣିବେ ସେ ନେଇ କାର୍ଯ୍ୟ ଖସଡା ପ୍ରସ୍ତୁତ ନିମନ୍ତେ ପ୍ରତି ଜିଲ୍ଲାରେ ଏକ ଜିଲ୍ଲା ସ୍ତରୀୟ କମିଟି ଗଠନ କରିବା ସହିତ ଜିଲ୍ଲା ସ୍ତରୀୟ କମିଟିମାନେ ରାଜ୍ୟ ସଂଘ ସହିତ ମିଶି ପେଟପାଟଣା ପାଇଁ ଦାବୀ କରିବା ଉପରେ ମତ ପ୍ରକାଶ ପାଇଥିଲା। ଓଡ଼ିଶାର ଯୁବ କଳାକାରମାନଙ୍କୁ ସଂଘରେ ସାମିଲ କରାଇ ସଂଘର ସଦସ୍ୟ ସଂଖ୍ୟାରେ ବୃଦ୍ଧି ଘଟାଇବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହି ଅବସରରେ ଭଦ୍ରକ ଜିଲ୍ଲା କମିଟି ଗଠନ କରାଯାଇଥିଲା। କମିଟିରେ ଭଦ୍ରକ ଜିଲ୍ଲା ସଭାପତି ଭାବେ ସଂଗୀତ ନିର୍ଦ୍ଦେଶକ ସୁବାସ ରାମ, କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ପଣ୍ଡା, ଉପସଭାପତି ମନୋଜ ଦଳାଇ, ରୁଦ୍ରମାଧବ ବାରିକ, ରଶ୍ମିତା ସେଠୀ, ସୂର୍ଯ୍ୟକାନ୍ତ କୁଅଁର, ସାଧାରଣ ସମ୍ପାଦକ କଣ୍ଠଶିଳ୍ପୀ କୁମାର ଗୌତମ, ସହସମ୍ପାଦକ ହେମନ୍ତ ନାୟକ, କୋଷାଧକ୍ଷ ଭାଗିରଥି ମୁଦୁଲି, ପ୍ରତାପ ବେହେରା, ସୁମତୀ ପଣ୍ଡା ପ୍ରମୁଖ ମନୋନୀତ ହୋଇଥିଲେ। ଏହି ସମାବେଶରେ ଶ୍ରୀଜଗନ୍ନାଥ କଳାକାର ମହାସଂଘର ସଭାପତି କଣ୍ଠଶିଳ୍ପୀ ଗଗନ ବିହାରୀ ଜେନା, ସମ୍ପାଦକ ଅଜୟ କୁମାର କର, ଉପସଭାପତି ବିଜୟ କୁମାର ପାଢୀ, କୋଷାଧକ୍ଷ ବିକ୍ରମ କେଶରୀ ମହାନ୍ତି, ମୁଖ୍ୟ ସଂଯୋଜକ ଦେବୀ ପ୍ରସାଦ ଦାସ, କାର୍ଯ୍ୟକାରିଣୀ ସଦସ୍ୟ କୃପାସିନ୍ଧୁ ନାୟକ, ମୁଖ୍ୟ ଉପଦେଷ୍ଟା କଣ୍ଠଶିଳ୍ପୀ ସୌରଭ ନାୟକ, ଭୁବନେଶ୍ୱର ଜୋନ ସଭାପତି ସଞ୍ଜୟ କୁମାର ଦାସ, ଯାଜପୁର ଜୋନରୁ ରବି ପ୍ରସାଦ ପ୍ରମୁଖ ଯୋଗ ଦେଇଥିଲେ।

## ରାଜ୍ୟରେ ଆଉ ୪ ଜଣଙ୍କର କରୋନାରେ ମୃତ୍ୟୁ, ମୃତ୍ୟୁ ସଂଖ୍ୟା ୧୮୫୦ ହେଲା

ଭୁବନେଶ୍ୱର,୨୪।୧୨ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୪ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୮୫୦ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଆଜି ମୃତ୍ୟୁବରଣ କରିଥିବା କରୋନା ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଧା ଜିଲ୍ଲାର ୨ ଜଣ ରହିଥିବା ବେଳେ କଳାହାଣ୍ଡି ଓ ସୁନ୍ଦରଗଡ ଜିଲ୍ଲାର ଜଣେ ଜଣେ ଅଛନ୍ତି। ଭୁବନେଶ୍ୱରର ଜଣେ ୭୦ ବର୍ଷୀୟ ମହିଳା କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି। ଖୋର୍ଧା ଜିଲ୍ଲାର ଜଣେ ୭୦ ବର୍ଷୀୟ ମହିଳା କୋରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି। କଳାହାଣ୍ଡି ଜିଲ୍ଲାର ଜଣେ ୫୧ ବର୍ଷୀୟ କରୋନା ସଂକ୍ରମିତ ପୁରୁଷ ମୃତ୍ୟୁବରଣ କରିଛନ୍ତି।

## ନୀଳଗିରିରେ ଚୋରା ବାଲି ମାଫିଆଙ୍କ ଆତଙ୍କରାଜ

# ମାଫିଆଙ୍କ ଆକ୍ରମଣର ଶିକାର ହେଲେ ତହସିଲଦାର



ନୀଳଗିରି,୨୪।୧୨ (ନି.ପ୍ର): ସୋନ ନଦୀରେ ଚୋରା ବାଲି ଚାଲଣକୁ ନେଇ ମାଫିଆ , ଲିଜଧାରୀ ଓ ତହସିଲଦାରଙ୍କ ମଧ୍ୟରେ ଗଣ୍ଡଗୋଳ। ମାଫିଆ ମାନେ ତହସିଲଦାରଙ୍କୁ ଅଶ୍ଲୀଳ ଭାଷାରେ ଗାଳି ଗୁଲଜ କରି ଜୋର ଜବରଦସ୍ତ ବାଲି ଗାଡିକୁ ଛଡାଇ ନେବା ସହ ଲିଜ ଧାରୀ ଯୁବକ ମାନଙ୍କୁ ଆକ୍ରମଣ କରିବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏନେଇ ନୀଳଗିରି ତହସିଲଦାର ମାଫିଆ ମାନଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ ନୀଳଗିରି ତହସିଲ ଅଧିନସ୍ଥ ପୁଦାଳ ବାଲି ଖାଦାନରେ ଦିନ ପ୍ରାୟ ୧ଟା ସମୟରେ ଚୋରା ବାଲି ମାଫିଆଙ୍କ ଦବଙ୍ଗଗିରି ଦେଖାଇ ବାଲି ଲୋର୍ଡ କରୁଥିଲେ। ଖବର ପାଇ ଲିଜଧାରୀ ମାନେ ଘଟଣାସ୍ଥଳରେ ପହଂଚି ବିରୋଧ କରିଥିଲେ। ଅପରପକ୍ଷରେ ନୀଳଗିରି ତହସିଲଦାର ଅଶେଷ ନାୟକ ଖବର ପାଇ ସଦଳବଳେ ଘଟଣାସ୍ଥଳରେ ପହଂଚିଥିଲେ । ତହସିଲଦାରଙ୍କୁ ଦେଖି ମାଫିଆ ମାନେ ବାଲି ବୋଝେଇ ଟ୍ରାକ୍ଟର ଟିକୁ ଜୋରଜବରଦସ୍ତ ନେଇ ଯାଇଥିଲେ। ଘଟଣାସ୍ଥଳରେ ନୀଳଗିରି ବ୍ଲକ ଉପାଧକ୍ଷ ତଥା ବିଜେଡି ଦଳର ତୁଙ୍ଗ ନେତା ରମେଶ ମହାନ୍ତି, ତାଙ୍କର ଭାଇ ସୁରେଶ ମହାନ୍ତି, ରମେଶ ମହାନ୍ତିର ପୁତ୍ର ବାବୁଶାନ ମହାନ୍ତି ମିଳିତ ଭାବେ ତହସିଲଦାରଙ୍କୁ ଆକ୍ରମଣ କରିବା ସହ ଟ୍ରାକ୍ଟରର ଚାବିକୁ ଜବରଦସ୍ତ ଛଡ଼ାଇ ନେଇଥିଲେ। ପୁତ୍ର ବାବୁଶାନ ମହାନ୍ତି ,ଭାଇ ଉମେଶ ମହାନ୍ତି ଙ୍କ ସମେତ ବହୁ ସମର୍ଥକ ମିଳିତ ଭାବେ ତହସିଲଦାରଙ୍କ ସରକାରୀ ଜିପ୍‌କୁ ଆଡ୍ଡା ପକାଇ ଅଟକ ରଖିଥିଲେ । ଘଟଣାସ୍ଥଳରେ ବାଲି ମାଫିଆମାନେ ନିଜର ଦବଙ୍ଗ ଗିରି ଦେଖାଇ ଥିବା ବେଳେ ତହସିଲଦାରଙ୍କ ଗାଡ଼ିକୁ ଟ୍ରାକ୍ଟର ଯୋଗେ ଚପାଇ ଦିଅ ବୋଲି ଚିତ୍କାର କରୁଥିବାର ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହେଉଛି । ବାଲି ମାଫିଆମାନଙ୍କ ଦ୍ୱାରା ନୀଳଗିରି ଅଂଚଳର କରୁଣାକର ନାୟକକୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିବା ବେଳେ ଶୁଭ୍ରାଂଶୁଶେଖର ନନ୍ଦ ଓ କଟଲ ମହାନ୍ତିଙ୍କୁ ରମେଶ ମହାନ୍ତି ସମେତ ତାର ଭାଇ ଓ ପୁଅ ମରଣାନ୍ତକ ଆକ୍ରମଣ କରିଛନ୍ତି । ଜଣେ ବିଜେଡିର ଆଗଧାଡ଼ିର ନେତା ବୁଲାଉଥିବା ରମେଶ ମହାନ୍ତି ଶାସକ ଦଳର ବାହୁ ଛାୟା ତଳେ ରହି ନିଜର ଦବଙ୍ଗଗିରି ଦେଖାଉଥିବା ବେଳେ ବାଲି ଚୋରି କରିବା କେତେଦୂର ଯଥାର୍ଥ ତାହା ଦଳର ସୁପ୍ରିମୋ ବିଚାର କରିବେ। ଜଣେ ସରକାରୀ କର୍ମଚାରୀଙ୍କୁ ନିଜର କର୍ମକ୍ଷେତ୍ରରେ ବାଧା ସୃଷ୍ଟି କରିବା କ'ଣ ବିଜେଡି ଦଳର ଆଭିମୁଖ୍ୟ ବୋଲି ସାଧାରଣରେ ଚର୍ଚ୍ଚା ଚାଲିଛି ।

# ଭିନ୍ନକ୍ଷମଙ୍କ ସହ ସ୍ମରଣୀୟ ମୁହୂର୍ତ୍ତର ଖୁସି ବାଣ୍ଟିଲେ ଡାକ୍ତର ନବଦମ୍ପତି



ଭଦ୍ରକ,୨୪।୧୨ (ନି.ପ୍ର): ପେଷାରେ ଉଭୟ ପୁଅ ଓ ଝିଅ ଡାକ୍ତର। ଜଣଙ୍କର ଘର ଭଦ୍ରକ ପୌରାଞ୍ଚଳ ଅଧିନସ୍ଥ ୨ନମ୍ବର ୱାର୍ଡ଼ର ଚରମ୍ପା ବରାଳପୋଖରୀ ହୋଇଥିବାବେଳେ, ଅନ୍ୟଜଣଙ୍କ ଘର ପୁରୀ ଜିଲ୍ଲା ଡେଲାଙ୍ଗ ଅଞ୍ଚଳରେ। ଉଭୟ ଡାକ୍ତରୀ ପେଷାରେ ଫିଜିଓ ଥେରାପିଷ୍ଟ ଓ କୃତ୍ରିମ ଅଙ୍ଗପ୍ରତ୍ୟେଙ୍ଗ ରୋପଣରେ ବିଶେଷଜ୍ଞ । କଟକ ଜିଲ୍ଲା ଓଲଟପୁର ଅସ୍ଥିଶଲ୍ୟ ସ୍ୱତନ୍ତ୍ର ହସପିଟାଲରେ ଗବେଷଣା କରୁଥିବା ସମୟରେ ଉଭୟଙ୍କ ମଧ୍ୟରେ ଚିହ୍ନା ପରିଚୟ ହୋଇଥିଲା। ଏହି ସମ୍ପର୍କ ପରବର୍ତ୍ତୀ ସମୟରେ ଏକ ବିଶେଷ ମୁହୂର୍ତ୍ତ ସୃଷ୍ଟି କରିଥିଲା। ଖୁବ ନିକଟରେ ଉଭୟ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ତେବେ ନିଜର ବିବାହ ଉତ୍ସବ ପାଳନ କରିବାକୁ ଯାଇ ଉଭୟ ଆପଣେଇଥିଲେ ଭିନ୍ନ ଏକ ନିଆରା ତରିକା। ଏହି ଦୁଇ ଚର୍ଚ୍ଚିତ ଦମ୍ପତି ହେଉଛନ୍ତି ସୁଦୂର ଚେନ୍ନାଇ ଠାରେ ଏକ କୃତ୍ରକମ ଅଙ୍ଗ ରୋପଣ କେନ୍ଦ୍ରରେ ଡାକ୍ତର ଥିବା ଭଦ୍ରକ ବରାଳପୋଖରୀ ଅଞ୍ଚଳର ପ୍ରଫୁଲ୍ଲ କୁମାର ସାହୁଙ୍କ ପୁତ୍ର ଡାକ୍ତର ପ୍ରକାଶ ଓ ବାଙ୍ଗାଲୁରସ୍ଥିତ ନିମାସ ଠାରେ କାର୍ଯ୍ୟରତ ଡେଲାଙ୍ଗ ଅଞ୍ଚଳର ଭ୍ରମରବର ବେହେରାଙ୍କ କନ୍ୟା ଡାକ୍ତର ସସ୍ମିତା। ତଥ୍ୟ ଅନୁଯାୟୀ ବିବାହ ପରେ ଏହ ବିବାହ ଉତ୍ସବକୁ ସ୍ମରଣୀୟ କରିବା ଲକ୍ଷ୍ୟରେ ଭଦ୍ରକ ଚରମ୍ପାସ୍ଥିତ ପୁର୍ନବାସ ସେବା ଓ ଅନୁସନ୍ଧାନ କେନ୍ଦ୍ର(ସିଆରଏସଆର) ସହିତ ଏହି ନବ ଦମ୍ପତି ଉକ୍ତ କେନ୍ଦ୍ର ସହ ଯୋଗଯୋଗ କରିଥିଲେ। ଯେଉଁଠାରେ କି ଶତାଧିକ ମାନସିକ ଅନଗ୍ରସର ଓ ଭିନ୍ନକ୍ଷମ ପିଲାମାନେ ଅବସ୍ଥାନ କରୁଛନ୍ତି। ଅନୁରୂପ ଯେଉଁ କେନ୍ଦ୍ରରେ ଜିଲ୍ଲା ସମେତ ବିଭିନ୍ନ ଅଞ୍ଚଳର ଭିନ୍ନଭିନ୍ନ ଦୁର୍ଘଟଣାରେ ନିଜର ଅଙ୍ଗ ହରାଇଥବବା ବ୍ୟକ୍ତିଙ୍କ କୃତ୍ରିମ ଅଙ୍ଗ ରୋପଣର ବ୍ୟବସ୍ଥା ଥାଏ। ସଂପୃକ୍ତ କେନ୍ଦ୍ରର ମୁଖ୍ୟ ଡାକ୍ତର ଭଗବାନ ପରିଡ଼ାଙ୍କ ପ୍ରୋତ୍ସାହନକ୍ରମେ ଉଭୟ ପରିବାରର ସଦସ୍ୟ ପହଞ୍ଚିଥିଲେ ଉକ୍ତ କେନ୍ଦ୍ରରେ। ଉକ୍ତ କେନ୍ଦ୍ରର ଅସହାୟ ଭିନ୍ନକ୍ଷମ ଓ ଭିନ୍ନକ୍ଷମ ବ୍ୟକ୍ତିବିଶେଷଙ୍କ ସହ ନିଜ ବିବାହ ସମୟର ଉତ୍ସବ ମନାଇବାକୁ ଉଭୟ ପ୍ରକାଶ ଓ କନ୍ୟା ସସ୍ମିତା ନିଜ ପରିବାର ସହ ଉକ୍ତ କେନ୍ଦ୍ରରେ ପହଞ୍ଚିଥିଲେ । ନା ଥିଲା ସେଠାରେ ଉତ୍ସବର ମାହୋଲ, ନା ଥିଲା ବିପୁଳ ସାଜସଜ୍ଜା। କେବଳ ଭିନ୍ନକ୍ଷମ ଓ ମାନସିକ ବିକଳାଙ୍ଗଙ୍କ ଅସହାୟତାର ନୀରବ ଓ ଅସ୍ପଷ୍ଟ ସ୍ୱର ମଧ୍ୟରେ ଆଶାର ଆଲୋକ ସୃଷ୍ଟି କରି ଆସିଥିବା ସିଆରଏସଆର ପରିସର ମଧ୍ୟରେ ସେମାନେ ନିଜର ଏହି ସ୍ମରଣୀୟ ମୁହୂର୍ତ୍ତକୁ ଅନ୍ତେବାସୀଙ୍କ ସହ କଟାଇଥିଲେ। ଉକ୍ତ କେନ୍ଦ୍ରର ଅନ୍ତେବାସୀମାନେ ମଧ୍ୟ ଏପରି ଏକ ନିଆରା ମୁହୂର୍ତ୍ତର ଭରପୂର ମଜା ନେଇଥିଲେ। ତେବେ ଗତ ୧୦ ବର୍ଷ ଧରି ବହୁ ଦୁର୍ଘଟଣାଗ୍ରସ୍ତଙ୍କ ଅସହାୟ ବ୍ୟକ୍ତିଙ୍କ ସହିତ ଆମେ ସମୟ ବିତାଇଛୁ। ସେମାନଙ୍କ ଜୀବନ ଯନ୍ତ୍ରଣା ସହ ଆମେ ବେଶ ପରିଚିତ। ତେଣୁ ଡାକ୍ତର ପରିଡ଼ାଙ୍କ ଏହି ମନ୍ଦିର ରୂପକ ସେବାକେନ୍ଦ୍ରରେ ଆମେ ବିବହ ଉତ୍ସବ ପାଁ ବେଶ ଆନନ୍ଦିତ। ଏହି ଅବସରରେ ଅନ୍ତେବାସୀଙ୍କ ମୁହଁରେ ଫୁଟି ଉଠିଥିବା ହସ ଆମ ପାଇଁ ଯେକୌଣସି ଖୁସୀର ମୁହୂର୍ତ୍ତ ଠାରୁ ଯଥେଷ୍ଟ ବୋଲି କହିଛନ୍ତି ନିଜ ପ୍ରତିକ୍ରିୟାରେ ସସ୍ମିତା। ଏହି ଅବସରରେ ଉଭୟ ବର ଓ କନ୍ୟାଙ୍କ ପରିବାରବର୍ଗଙ୍କ ସମେତ ସିଆରଏସଆରର ସମସ୍ତ ଅଧିକାରୀ, କର୍ମଚାରୀ ଓ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ନବଦମ୍ପତିଙ୍କୁ ଆର୍ଶିବାଦ ପ୍ରଦାନ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ସହରାଂଚଳ ବିକାଶରେ ....

ଉନ୍ନୟନ କର୍ତ୍ତୃପକ୍ଷ ସହରର ଉପକଣ୍ଠରେ ଜନସାଧାରଣଙ୍କ ଭାଗିଦାରୀରେ ଟାଉନ ପ୍ଲାନିଂ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ନେଇଛନ୍ତି । ଏଥିପାଇଁ ସେ ଗାଁର ଲୋକ ମାନଙ୍କୁ ଧନ୍ୟବାଦ ଦେଇଥିଲେ । କ୍ରମବର୍ଦ୍ଧିଷ୍ଣୁ ସହର ଗୁଡିକର ଯୋଜନାବଦ୍ଧ ବିକାଶ ପାଇଁ ଏହା ସଂପୂର୍ଣ୍ଣ ଭାବେ ଏକ ସ୍ୱଚ୍ଛ ଓ ବାସ୍ତବବାଦୀ ଉପାୟ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ସୂଚନାଯୋଗ୍ୟ ଯେ ଟାଉନ ପ୍ଲାନିଂ କାର୍ଯ୍ୟକ୍ରମରେ ଯୋଜନା ଅଂଚଳର ୪୦ ପ୍ରତିଶତ ଜମିକୁ ରାସ୍ତାଘାଟ ଆଦି ବିଭିନ୍ନ ଭିତିଭୂମିର ବିକାଶ ପାଇଁ ରଖାଯାଏ । ଭିତିଭୂମି ବିକାଶ ସହିତ ଜମିର ଦର ବୃଦ୍ଧି ଯୋଗୁ ଜମି ମାଲିକମାନେ ଉପକୃତ ହୁଅନ୍ତି । ରାଜ୍ୟରେ ବର୍ତମାନ ୫୮ଟି ରାଜସ୍ୱ ଗ୍ରାମରେ ୪୫ଟି ଟାଉନ ପ୍ଲାନିଂ କରାଯାଇଛି । ପ୍ରାଥମିକଭାବେ ୪ଟି ଗାଁର ଯୋଜନା ଅନୁମୋଦିତ ହୋଇଛି । ଏଥିରେ ସମୁଦାୟ ୭୪୬ ଏକର ଜମିରେ ଭିତିଭୂମିର ବିକାଶ କରାଯାଉଛି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଯୋଜନାବଦ୍ଧ ବିକାଶ କ୍ଷେତ୍ରରେ ରାଜ୍ୟରେ ଏକ ନୂଆ ଯୁଗର ଆରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଶେଷ ହେବ ଏବଂ ଅନ୍ୟ ସହରମାନଙ୍କ ପାଇଁ ଆଦର୍ଶ ସୃଷ୍ଟି କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ । ସହର ଗୁଡିକ ହେଉଛି ଅର୍ଥନୈତିକ ବିକାଶର ଇଞ୍ଜିନ । ଏହାର ନିରନ୍ତର, ସାମଗ୍ରିକ ବିକାଶ ପାଇଁ ଦୁର୍ବଳ ଶ୍ରେଣୀର ଲୋକଙ୍କ ପାଇଁ ଏକ ଆର୍ଥିକ ସୁରକ୍ଷାବଳୟ ସୃଷ୍ଟି ସହିତ ବିକାଶ ଯୋଜନା ଗୁଡିକୁ କାର୍ଯ୍ୟକାରୀ କରାଯିବା ଉଚିତ ବୋଲି ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ । ଏହି ଅବସରରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା କହିଥିଲେ ଯେ ରାଜ୍ୟରେ ପ୍ରଥମ ଥର ପାଇଁ ବିଡିଏ ପକ୍ଷରୁ ଭୁବନେଶ୍ୱରରେ ଏଭଳି ଅଭିନବ ଯୋଜନା କାର୍ଯ୍ୟକାରୀ କରାଯାଇଛି । ସହରର ଭିତିଭୂମି ବିକାଶ ପାଇଁ ଏହି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସେ ଆଶା ପ୍ରକାଶ କରିଥିଲେ । ଏହି ଅବସରରେ ଯୋଜନା ସମ୍ପର୍କରେ ଏକ ଭିଡିଓ ଚିତ୍ର ପ୍ରଦର୍ଶିତ ହୋଇଥିଲା । ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ, ଉନ୍ନୟନ କମିଶନର ଶ୍ରୀ ସୁରେଶଚନ୍ଦ୍ର ମହାପାତ୍ର, ଅର୍ଥ ବିଭାଗ ପ୍ରମୁଖ ସଚିବ ଅଶୋକ କୁମାର ମୀନା, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଜି. ମାଥିଭାତନନ୍, ରାଜସ୍ୱ ବିଭାଗର ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ ଓ ପୂର୍ତ ବିଭାଗର ସଚିବ କିଶନ କୁମାର ଏବଂ ଅନ୍ୟ ବରିଷ୍ଠ ଅଧିକାରୀଗଣ ଉପସ୍ଥିତ ଥିଲେ । ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ସଂଚାଳନା କରିଥିଲେ ।

## ରାଉରକେଲାରେ ହେବ ....

ଆଗାମୀ ଦିନରେ ଏହି ଷ୍ଟାଡିୟମ୍ ଫିଲ୍ଡ ହକିପାଇଁ ବିଶ୍ୱର ସବୁଠୁ ଭଲ ଷ୍ଟାଡିୟମ୍ ଭାବେ ପ୍ରତିଷ୍ଠା ଲାଗ କରିବ। ଏହାସହ ବିଶ୍ୱସ୍ତରୀୟ ଭିତିଭୂତି ସହିତ ଏହା ରାଉରକେଲାର ନୂଆ ହକି ଷ୍ଟାଡିୟମ୍ ରେ ବିଶ୍ୱକପ୍ ଆୟୋଜନ ଜିଲ୍ଲାର ନୂଆ ପୀଢିର ଖେଳାଳୀମାନଙ୍କୁ ପ୍ରେରଣା ଯୋଗାଇବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ଗୁରୁବାର ଦିନ ଏକ ଭିଡିଓ ବାର୍ତାରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଛନ୍ତି, ୨୦୨୩ରେ ସମ୍ମାନଜନକ 'ପୁରୁଷ ହକି ବିଶ୍ୱକପ୍' ଆୟୋଜନକାରୀ ଭାବେ ଓଡ଼ିଶା ପୁଣି ଥରେ ଗୌରବାନ୍ୱିତ ହେବ। ଏହି ଟୁର୍ଣ୍ଣାମେଂଟ୍ ଭୁବନେଶ୍ୱର ଏବଂ ରାଉରକେଲାରେ ଆୟୋଜନ କରାଯିବ। ସୁନ୍ଦରଗଡ଼ ଜିଲ୍ଲା ହେଉଛି ହକି ପ୍ରତିଭାଧରଙ୍କ ଗନ୍ତାଘର। ଏହି ଜିଲ୍ଲାରୁ ଅନେକ ମହାନ୍ ହକି ଖେଳାଳି ଦେଶ ପାଇଁ ଗୌରବ ଆଣିଛନ୍ତି। ଭାରତୀୟ ଦଳର ନେତୃତ୍ୱ ନେଇଥିବା ଦିଲୀପ ତିର୍କୀ ଏବଂ ସୁନୀତା ଲାକ୍ରା ଆନ୍ତର୍ଜାତିକ ସ୍ତରରେ ଦେଶର ପ୍ରତିନିଧିତ୍ୱ କରିଛନ୍ତି। ଭାରତୀୟ ହକିକୁ ସୁନ୍ଦରଗଡ଼ର ଅବଦାନ ପ୍ରତ ଶ୍ରଦ୍ଧାଞ୍ଜଳି ଜ୍ଞାପନପୂର୍ବକ ୨୦ ହଜାର ଦର୍ଶକଙ୍କ ବସିବା ଲାଗି ସାମର୍ଥ୍ୟ ଥିବା ଏକ ନୂତନ ଆନ୍ତର୍ଜାତିକ ମାନର ହକି ଷ୍ଟାଡିୟମ୍ ରାଉରକେଲାରେ ନିର୍ମାଣ କରିବା ପାଇଁ ଘୋଷଣା କରୁଛି। ଏହି ଷ୍ଟାଡିୟମରେ ବହୁ ଆଧୁନିକ ସୁବିଧା ରହିବ ଏବଂ ଅନନ୍ୟ ଅନୁଭୂତି ପ୍ରଦାନ କରିବ। ଆଶା, ଏହା ହକି କ୍ଷେତ୍ରରେ ବିଶ୍ୱର ସର୍ବୋତମ ସ୍ଥାନ ଭାବେ ବିବେଚିତ ହେବ। ନିକଟରେ ରାଜ୍ୟ ସରକାର, ଆନ୍ତର୍ଜାତିକ ହକି ଫେଡେରେସନ୍, କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ଏବଂ ହକି ଇଣ୍ଡିଆର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ରାଉରକେଲା ଗସ୍ତ କରିଥିଲେ।

## ନୟାଗଡରେ ପହଂଚିଲା ....

ତାଙ୍କୁ ତୁରନ୍ତ ମନ୍ତ୍ରୀ ମଣ୍ଡଳରୁ ବହିଷ୍କାର କରିବା ସହ ଘଟଣାର ସବିଆଇ ତଦନ୍ତ ଆବଶ୍ୟକତା ରହିଛି ବୋଲି ଶ୍ରୀ ମହାନ୍ତି କହିଛନ୍ତି । 'ପରୀକୁ ନ୍ୟାୟ ପଦଯାତ୍ରା'ରେ ସାମିଲ ହୋଇଥିବା ପଦଯାତ୍ରୀ ଦଳ ପ୍ରଥମେ ନୟାଗଡ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଧାରଣାସ୍ଥଳକୁ ଯାଇଥିଲେ । ବିଜେପି ନେତ୍ରୀ ଇରାନୀ ରାୟଙ୍କ ନେତୃତ୍ୱରେ ୨୦ ଦିନ ଧରି ଧାରଣାରେ ବସିଥିବା ବିଜେପି କାର୍ଯ୍ୟକର୍ତା ଓ ନେତୃବୃନ୍ଦଙ୍କୁ ରାଜ୍ୟସଭାପତି ଶ୍ରୀ ମହାନ୍ତି ସାଧୁବାଦ ଜଣାଇବା ସହ ସେମାନଙ୍କୁ ପଇଡ ପାଣି ପିଆଇ ସେମାନଙ୍କ ସତ୍ୟାଗ୍ରହ ଭଙ୍ଗ କରାଇଥିଲେ । ଏହା ପରେ ପଦଯାତ୍ରୀମାନେ ସଭାସ୍ଥଳକୁ ଆସିଥିଲେ । ପରୀର ଆଖି ଓ କିଡିନ୍‌କୁ ଚୋରି କରାଯାଇଛି । ମୃତା ପରୀ ଆଜି ନ୍ୟାୟ ମାଗୁଛି । ଏହି ଅନ୍ଧ ମୁକ ବଧିର ଧୃତରାଷ୍ଟ୍ରର ସରକାର କେବେ ବି ପରୀକୁ ନ୍ୟାୟ ଦେଇ ପାରିବ ନାହିଁ । ପରୀକୁ ନ୍ୟାୟ ଦେବା ପାଇଁ ଓଡିଶାର ଯୁବକମାନେ ଆଗେଇ ଆସନ୍ତୁ । ମନ୍ତ୍ରୀ ଅରୁଣ ସାହୁଙ୍କ ବହିଷ୍କାର ଓ ପରୀ ହତ୍ୟାକାଣ୍ଡର ସିବିଆଇ ତଦନ୍ତ ନହେବା ଯାଏଁ ଏ ଲଢେଇ ଜାରି ରଖିବାକୁ ବିଜେପି ସାଂସଦ ଶ୍ରୀ ବସନ୍ତ ପଣ୍ଡା ଆହ୍ୱାନ ଦେଇଛନ୍ତି । ପରୀ ସମେତ ରାଜ୍ୟର ସମସ୍ତ ନିଖୋଜ ଶିଶୁମାନଙ୍କୁ ନ୍ୟାୟ ନମିଳିବା ଯାଏଁ ଏହି ଲଢେଇ ଜାରି ରହିବ ବୋଲି ବିଜେପି ରାଜ୍ୟ ସାଧାରଣ ସଂପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର ଚେତାବନୀ ଦେଇଛନ୍ତି । ପରୀ ସମେତ ରାଜ୍ୟର ସମସ୍ତ ନିଖୋଜ ଶିଶୁଙ୍କୁ ନ୍ୟାୟ ଦେବା ଲାଗି ରବିବାର ଦିନ ପ୍ରଭୂ ଲିଙ୍ଗରାଜଙ୍କ ମନ୍ଦିର ପ୍ରାଙ୍ଗଣରୁ ଆରମ୍ଭ ହୋଇଥିବା "ପରୀକୁ ନ୍ୟାୟ ପାଇଁ ପଦଯାତ୍ରା" ଆଜି ନୟାଗଡ ଠାରେ ଶେଷ ହୋଇଛି । ପଂଚମ ଦିନରେ ପଦଯାତ୍ରା ଇଟାମାଟିରୁ ନୟାଗଡ ଯଦୁପୁର ଅଭିମୁଖେ ବାହାରିଥିଲା । ଏହି ପଦଯାତ୍ରାରେ ହଜାର ହଜାର ସଂଖ୍ୟାରେ ବିଜେପି କାର୍ଯ୍ୟକର୍ତାମାନେ ସାମିଲ ହେବା ସହ ପରୀ ହତ୍ୟାକାଣ୍ଡର ତଦନ୍ତ ଭାର ସିବିଆଇକୁ ଦେବା ପାଇଁ ଦାବି କରିଛନ୍ତି । ପରୀକୁ ନ୍ୟାୟ ଦେବା ଦାବିରେ ଏକ ବିଶାଳ ଜନ ସମାବେଶ ଆୟୋଜିତ ହୋଇଥିଲା । ସମାବେଶ ପରେ ବିଜେପିର ବରିଷ୍ଠ ନେତୃବୃନ୍ଦ ଯଦୁପୁର ଗାଁକୁ ଯାଇ ପରୀର ବାପା, ମା' ଓ ପରିବାର ସଦସ୍ୟଙ୍କ ସହ ଆଲୋଚନା କରିଥିଲେ ।

## ୧୪ ଦିନରେ ବ୍ରିଟେନ୍‌ରୁ ....

୭୦ପ୍ରତିଶତ ସଂକ୍ରାମକ ଥିବାରୁ ଏ ନେଇ ସତର୍କ ରହିବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଏହା ସହ ସଂକ୍ରମଣକୁ ସୀମିତ ରଖିବାକୁ ସ୍ୱାବ ନମୁନା କିଭଳି ସଂଗ୍ରହ କରାଯିବ ଓ କିଭଳି ସଂରକ୍ଷିତ ରଖି ଜେନୋମ ସିକ୍ୟୁଏନସିଂ ପାଇଁ ଲାବୋରେଟୋରିକୁ ପଠାଯିବ ସେ ନେଇ ଗାଇଡଲାଇନ ଜାରି କରାଯାଇଛି। ଆଇସିଏମଆର ଦ୍ୱାରା ଜାରି କରାଯାଇଥିବା ଗାଇଡଲାଇନକୁ ଅନୁସରଣ କରି ସ୍ୱାବ ନମୁନା ସଂଗ୍ରହ କରିବା ପାଇଁ ସମସ୍ତ ସ୍ୱାସ୍ଥ୍ୟକର୍ମୀଙ୍କୁ ନିର୍ଦ୍ଦେଶ ଦେଇଛି ସ୍ୱାସ୍ଥ୍ୟ ବିଭାଗ। ସ୍ୱାବ ନମୁନା ସଂଗ୍ରହ ଏବଂ ପରିବହନ ଜଣେ ତାଲିମପ୍ରାପ୍ତ ସ୍ୱାସ୍ଥ୍ୟସେବା କର୍ମଚାରୀଙ୍କ ଦ୍ୱାରା ହେବା ଦରକାର। ନମୁନା ସଂଗ୍ରହ ଏବଂ ପରିବହନ ସମୟରେ ସ୍ୱାସ୍ଥ୍ୟସେବା କର୍ମଚାରୀ ପିପିଇ କିଟ୍ ପିନ୍ଧିବା ବାଧ୍ୟତାମୂଳକ। ୩ ଏମଏଲ ଭିଟିଏମ ଟ୍ୟୁବରେ ନାକରୁ ଏବଂ ଗଳାରୁ ସ୍ୱାବ ନମୁନା ସଂଗ୍ରହ କରାଯିବ। ପରୀକ୍ଷା ପୂର୍ବରୁ ୩ଏମଏଲ ମଧ୍ୟରୁ ୧ଏମଏଲ ଭିଟିଏମ ନମୁନାକୁ ଅଲଗା କରି ୮୦ଡିଗ୍ରି ସେଲସିୟସରେ ଗଚ୍ଛିତ ରଖାଯିବ। ଯଦି ଜଣଙ୍କର ଆରଟିପିସିଆର ପରୀକ୍ଷା ରିପୋର୍ଟ ପଜିଟିଭ ଆସେ, ତେବେ ୮୦ଡିଗ୍ରି ସେଲସିୟସରେ ଗଚ୍ଛିତ ରଖାଯାଇଥିବା ନମୁନାକୁ ଜେନୋମ ସିକ୍ୟୁଏନସିଂ ପାଇଁ ପଠାଯିବ ବୋଲି ଗାଇଡ୍ ଲାଇନ୍ ରେ ଉଲ୍ଲେଖ କରାଯାଇଛି। ଭୁବନେଶ୍ୱରରେ ଥିବା ଡିବିଟି-ଇନଷ୍ଟିଚ୍ୟୁଟ ଅଫ ଲାଇଫସାଇନ୍ସକୁ ଜେନୋମ ସିକ୍ୟୁଏନସିଂ ପାଇଁ ବଛାଯାଇଛି। ସଂକ୍ରମଣକୁ ସୀମିତ ରଖିବା ପାଇଁ ବ୍ରିଟେନ ଫେରନ୍ତା ସହ ତାଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କର ମଧ୍ୟ ସ୍ୱାବ ନମୁନା ପରୀକ୍ଷା କରିବା ପାଇଁ କୁହାଯାଇଛି।

## ଜେଲ୍ ଗଲେ ....

ନିଜର ଯୌନ ଲାଳସା ମେଣ୍ଟାଇବାକୁ ଯାଇ ୫ ବର୍ଷର ଝିଅକୁ ହତ୍ୟା ପରେ ଶବକୁ ମୁଖ୍ୟ ଅଭିଯୁକ୍ତ ସରୋଜ ସେଠୀ ଦୁଷ୍କର୍ମ କରିଥାବ ଏସ୍‌ଆଇଟି କହିଥିଲା । ଖୋଦ୍ ଅଭିଯୁକ୍ତ ତାର ଦୋଷ ସ୍ୱୀକାର କରିଥିବା ଏସ୍‌ଆଇଟି ମୁଖ୍ୟ ଅରୁଣ ବୋଥ୍ରା କିହିଥିଲେ । ଜୁଲାଇ ୧୪ରେ ଅଭିଯୁକ୍ତ ଘରକୁ ଜାମୁକୋଳି ଲୋଭରେ ଯାଇଥିଲା ନାବାଳିକା । ଘରେ କେହି ନଥିବାର ସୁଯୋଗ ପାଇ ସରୋଜ ମୁଣ୍ଡକୁ ଜୁଟିଥିବା ସୁର୍ବୁଦ୍ଧି । ନାବାଳିକାକୁ ଘର ଭିତରକୁ ଡାକି ଦୁଷ୍କର୍ମ ଉଦ୍ୟମ କରିଥିଲା ସରୋଜ । ଆଉ ସେଥିରେ ସେ ବାଧା ଦେବାରୁ ନାବାଳିକାର ତଣ୍ଟି ଚିପି ତାକୁ ହତ୍ୟା କରିଥିଲା ବୋଲି ଏସ୍‌ଆଇଟି କହିଥିଲା ।

## ବ୍ରିଟେନ ଫେରନ୍ତା ....

ଆଇଏଲଏସର ନିର୍ଦ୍ଦେଶକ ଅଜୟ ପରିଡ଼ା ଏହି ସୂଚନା ଦେଇଛନ୍ତି । ଅନ୍ୟ ପକ୍ଷରେ ଡିଏମଇଟି ସିବିକେ ମହାନ୍ତି ବ୍ରିଟେନର ନୂଆ ଷ୍ଟ୍ରେନକୁ ନେଇ ପ୍ରତିକ୍ରିୟା ଦେଇଛନ୍ତି । ସେ କହିଛନ୍ତି ଯେ ୟୁକେ ଫେରନ୍ତାଙ୍କ ଉପରେ ନଜର ରଖାଯାଇଛି। ଷ୍ଟ୍ରେନ ସମ୍ପର୍କରେ ଅନୁଧ୍ୟାନ ଚାଲିଥିବା ସେ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ ପୂର୍ବ କରୋନା ରୋଗୀଙ୍କ ଭଳି ଲକ୍ଷଣ ସମାନ ରହିଛି। ନୂଆ ଷ୍ଟ୍ରେନରେ ସଂକ୍ରମଣ ଅଧିକ ରହୁଛି ବୋଲି ବିଶେଷଜ୍ଞମାନେ କହୁଛନ୍ତି। କିନ୍ତୁ ବ୍ରିଟେନର ପୂର୍ବ ତିନି ମାସର ସଂକ୍ରମଣ ହାର ଦେଖିଲେ ସେମିତି କିଛି ପ୍ରତିଫଳିତ ହେଉନି। କିନ୍ତୁ ଆମକୁ ସତର୍କ ରହିବାକୁ ପଡ଼ିବ ବୋଲି ସେ କହିଛନ୍ତି।

# ଭିତରକନିକାରେ ଖୋଲିଲା ଅରଣ୍ୟ ନିବାସ

ଭୁବନେଶ୍ୱର,୨୪।୧୨ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଦିନ ଭିଡ଼ିଓ କନ୍ଫରେନ୍ସିଂ ମାଧ୍ୟମରେ ପର୍ଯ୍ୟଟନ ବିଭାଗ ତରଫରୁ ଭିତରକନିକାରେ 'ଅରଣ୍ୟ ନିବାସ'ର ଉଦଘାଟନ କରିଛନ୍ତି । ଏହି କାର୍ଯ୍ୟକ୍ରମ ରେ ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ର ଅଧକ୍ଷା ଶ୍ରୀମୟୀ ମିଶ୍ର,ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ସଚିନ୍ ଆର୍. ଯାଦବ, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ ,ମହିଳା ଶିଶୁ ବିକାଶ ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଉପଦେଷ୍ଟା ସୁଲଚନା ଦାସ, ବିଜେଡ଼ି ମୁଖପାତ୍ର ସୁଲତା ଦେଓ, କେନ୍ଦ୍ରାପଡା ଜିଲ୍ଲାପାଳ ସମର୍ଥ ବର୍ମା, ବିଜେଡି ନେତ୍ରୀ ଏଲିନା ଦାଶ ମଧ୍ୟ ଉପସ୍ଥିତ ଥିଲେ। ଯେଉଁମାନେ ଭିତରକନିକା ର ଅରଣ୍ୟ ନିବାସ ରେ ରାତ୍ରିଯାପନ କରିବାକୁ ଚାହୁଁଛନ୍ତି,ସେମାନେ ଆସନ୍ତାକାଲି ଠାରୁ ଡବ୍ଲଡବ୍ଲୁଡବ୍ଲୁ .ପାନ୍ଥନିବାସ.କମ୍ ରେ ବୁକିଂ କରିପାରିବେ । ବର୍ତମାନ ଅରଣ୍ୟ ନିବାସ ରେ ମୋଟ୍ ୧୨ ଟି ରୁମ୍ ର ବ୍ୟବସ୍ଥା କରାଯାଇଛି । ଭୋଜନ ପାଇଁ ଏକ ରେଷ୍ଟୁରାଂଟ ର ବ୍ୟବସ୍ଥା ରହିଛି ।

# ଛାତ୍ର ବିଜେଡି ଏକ ମସ୍ତକବିହୀନ ସଂଗଠନ : ୟାସିର ନୱାଜ

ଭୁବନେଶ୍ୱର,୨୪।୧୨ (ନି.ପ୍ର): ବିଜେଡିର ଛାତ୍ର ସଂଗଠନ ଛାତ୍ର ସ୍ୱାର୍ଥ ପାଇଁ କେବେ ଲଢ଼ି ନଥିବା ଏକ ମସ୍ତକବିହୀନ ସଂଗଠନ ବୋଲି ଛାତ୍ର ବିଜେଡିର କାର୍ଯ୍ୟକାରିଣୀରେ ମୁଖ୍ୟମନ୍ତ୍ରୀଙ୍କ ମନ୍ତ୍ର ଉପରେ ପ୍ରତିକ୍ରିୟା ପ୍ରକାଶ କରି ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ ଏକ ପ୍ରେସ୍ ବିଜ୍ଞପ୍ତିରେ କହିଛନ୍ତି। କେବଳ ମୁଣ୍ଡଗଣତି ପାଇଁ ଏହି ସଂଗଠନ ଗଠିତ। ରାଜ୍ୟ ସ୍ୱାର୍ଥ ବା ରାଜ୍ୟର ଛାତ୍ର ଓ ଯୁବକମାନଙ୍କର ସ୍ୱାର୍ଥ ପାଇଁ ଏହି ସଂଗଠନ କେବେ ପ୍ରତିକ୍ରିୟା ପ୍ରକାଶ କରିନି। ୨୦ ବର୍ଷ ଧରି ଏକ ସ୍ଥାଣୁ ସଂଗଠନ ଭାବରେ ଏହା ଶୋଇ ରହିଛି। ବିଜେଡିର ଛାତ୍ରମାନଙ୍କୁ ଉପଦେଶ ଦେଉଥିବା ମୁଖ୍ୟମନ୍ତ୍ରୀ ୨୦ ବର୍ଷ ଭିତରେ ଛାତ୍ରଙ୍କର ସ୍ୱାର୍ଥ ପ୍ରତି ଅଣଦେଖା କରିଛନ୍ତି। ବିଶେଷକରି କରୋନା ସମୟରେ ଅଭିଭାବକମାନଙ୍କର ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଯାଇଥିବା ବେଳେ ସେମାନେ ବେସରକାରୀ ଶିକ୍ଷାନୁଷ୍ଠାନ ମାନଙ୍କରେ ଚଢ଼ା ଫିସ୍ ଦେବାକୁ ଅସମର୍ଥ ହେଉଥିବା ବେଳେ ଏଥିପ୍ରତି ମୁଖ୍ୟମନ୍ତ୍ରୀ ନଜର ଦେଉନାହାନ୍ତି। ୧୪ ହଜାର ସ୍କୁଲ ବନ୍ଦ ନିଷ୍ପତି ଶିକ୍ଷା ବିକାଶ କ୍ଷେତ୍ରରେ ବିଜେଡି ସରକାରର ଦୁର୍ବଳତାକୁ ପରିପ୍ରକାଶ କରୁଛି ବୋଲି ସେ କହିଛନ୍ତି। ଓଡିଶାରେ ୨୦ ବର୍ଷରେ ହୋଇଥିବା ବିଭିନ୍ନ ଦୁର୍ନୀତି ବିରୁଦ୍ଧରେ ବିଜେଡିର କେହି ଛାତ୍ର ନେତା ପଦେ କହିଛନ୍ତି କି? ତେବେ ଏ ଛାତ୍ର ସଂଗଠନ କେଉଁ କାର୍ଯ୍ୟ କରିବା ପାଇଁ ଉଦ୍ଦିଷ୍ଟ। ବେବିନା, ଇତିଶ୍ରୀ, କୁନ୍ଦୁଲି ଛାତ୍ର, ମାଧବୀଲତା, ସ୍ମିତାରାଣୀ, ପରୀ, ପିହୁ ପ୍ରସଙ୍ଗରେ ଅପରାଧିଙ୍କୁ ନବୀନ ସରକାର ଘଂଟ ଘୋଡାଉଥିବା ବେଳେ ଛାତ୍ର ବିଜେଡିର ପ୍ରତିବାଦ ଅଛିକି? ଉପା ସରକାର ସମୟରେ ତୈଳ ଦର ବୃଦ୍ଧିକୁ ନେଇ ରାସ୍ତାଘାଟରେ ଚିତ୍କାର କରୁଥିବା ଛାତ୍ର ବିଜେଡି ମୋଦି ସରକାର ବିପକ୍ଷରେ ନୀରବ। ମୋଦି ସରକାରର ଓଡିଶା ପ୍ରତି ବୈମାତୃକ ମନୋଭାବ ଓ କୁଶାସନ ବିରୁଦ୍ଧରେ ମଧ ବିଜୁ ଛାତ୍ର ଜନତା ନୀରବ। ଅନ୍ୟ ପକ୍ଷରେ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ଓଡିଆ ଜଣାନାହିଁ। ସେ ଓଡିଶାର ଐତିହ୍ୟ କଥା କହିବା ହାସ୍ୟାସ୍ପଦ ବୋଲି ଶ୍ରୀ ନୱାଜ କହିଛନ୍ତି।

## ଭକ୍ତ ଓ ଶ୍ରଦ୍ଧାଳୁଙ୍କ ବିନା ଧାମନଗରର ପ୍ରସିଦ୍ଧ ଉର୍ସ ଉତ୍ସବ ଶେଷ : ମାତ୍ର ସାତଜଣଙ୍କୁ ନେଇ ଉତ୍ସବ ପାଳନ

ଧାମନଗର,୨୪।୧୨ (ନି.ପ୍ର): ପୀରବାବା ହଜୁର ମୁଜାହିଦ୍- ଏ- ମିଲ୍ଲତ ଅଲହାଜ ସାହା ହଜରତ ହବିବୁର ରହେମାନଙ୍କ ଭାରତ ପ୍ରସିଦ୍ଧ ଉର୍ସ ଉତ୍ସବ ଧାମନଗର ଖାନକା ସରିଫ ପରିସରରେ ଗତ ୨୧ ଓ ୨୨ତାରିଖ ଦୁଇଦିନ ଧରି ସମ୍ପୂର୍ଣ୍ଣ ନିରାଡ଼ମ୍ବର ଭାବେ ପାଳନ କରାଯାଇଥିଲା। ପୀରବାବାଙ୍କ ୪୧ତମ ଉର୍ସ ଉତ୍ସବରେ ଲକ୍ଷ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁ ଯୋଗ ଦେଇନପାରି ପୀରବାବାଙ୍କ ଦର୍ଶନରୁ ବଞ୍ଚିତ ହୋଇଥିଲେ। ଭଦ୍ରକ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ଖାନକା କମିଟିର ମାତ୍ର ୭ଜଣ ସଦସ୍ୟଙ୍କୁ ନେଇ ପାରମ୍ପରିକ ରୀତିନୀତି ମଧ୍ୟରେ ପୀର ବାବାଙ୍କ ଉର୍ସଉତ୍ସବ ପାଳନ କରାଯାଇଥିଲା। ଖାନକା ପରିସରରେ ଥିବା ସମସ୍ତ ଫାଟକରେ ତାଲା ପକାଯାଇ ସର୍ବ ସାଧାରଣଙ୍କ ପ୍ରବେଶକୁ ବନ୍ଦ କରାଯାଇଥିବାବେଳେ ପୀର ବାବାଙ୍କ ମଜାର ର ସମସ୍ତ ଦ୍ୱାରକୁ ଦର୍ଶନ ନିମନ୍ତେ ମଧ ବନ୍ଦ କରାଯାଇଥିଲା। ମାତ୍ର ୭ଜଣଙ୍କୁ ନେଇ କୁଲସରିଫ ବା ସମୂହ ପ୍ରାର୍ଥନା ସଭା କରାଯାଇଥିଲା। ଖାନକାସରିଫର ମତଓ୍ୱଲି ସୟଦ ଗୋଲାମ ମହମ୍ମଦ ହବିବି ନମାଜ ପାଠ କରାଇଥିଲେ। ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ, ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ରାଜେନ୍ଦ୍ର କୁମାର ଦାସ, ବରିଷ୍ଠ ସମିତିସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ହରେକୃଷ୍ଣ ପାଢୀ, ବିଜେଡ଼ିନେତା ସୁଶାନ୍ତ କୁମାର ପଣ୍ଡା ପ୍ରମୁଖ କରୋନା କଟକଣା ହେତୁ ଖାନକାସରିଫ ମୁଖ୍ୟ ଫାଟକ ପାଖରୁ ପୀର ବାବାଙ୍କ ମଜାର ଦର୍ଶନ କରି ଫେରିଥିଲେ।

## ୭୯ହଜାର ୫ଶହ ଟଙ୍କାର ସାଇବର ଠକେଇ ଅଭିଯୋଗ

ବାରିପଦା,୨୪।୧୨ (ନି.ପ୍ର): ବାରିପଦା ଷ୍ଟେଟ ବ୍ୟାଙ୍କ ଏକାଉଧାରୀ ଖାନୁଆ ଗ୍ରାମର ସୁନୀଲ କୁମାର ସାହୁଙ୍କ ଏକାଉଣ୍ଟରୁ କ୍ରେଡିଟ କାର୍ଡ ମାଧ୍ୟମରେ ସାଇବର ଠକେଇ କରାଯାଇ ତିନୋଟି ପର୍ଯ୍ୟାୟରେ ମୋଟ ୯୭ ହଜାର ୫ଶହ ଟଙ୍କା ଠକେଇ କରାଯାଇଥିବାର ବାରିପଦା ଟାଉନ ଥାନାରେ ଅଭିଯୋଗ ହୋଇଛି । ସୁନୀଲ ସାହୁଙ୍କ ଅଭିଯୋଗ କ୍ରମେ ପୋଲିସ ୯୩୪/ ୨୦ ନମ୍ବର କେସ ରୁଜୁ କରି ଘଟଣାର ତଦ' ଚଲାଇଥିବାର ଜଣାଯାଇଛି । ତେବେ ଦିନକୁ ଦିନ ସାଇବର ଅପରାଧ ଜିଲ୍ଲାରେ ବୃଦ୍ଧି ପାଉଥିବା ବେଳେ ମୟୂରଭ ପୋଲିସ ପାଖରେ ସାଇବର ଅପରାଧ କୁ ଠାବ କରିବା ଏବଂ ରୋକିବା ପାଇଁ ଆବଶ୍ୟକୀୟ ସିଷ୍ଟମ ତଥା କର୍ମଚାରୀଙ୍କ ଅଭାବ ଥିବାରୁ ବିଭିନ୍ନ ସମୟରେ ସାଇବର ଅପରାଧ କାରୀ ମାନେ ଖସିଯାଉଥିବା ସହ ପୋଲିସ କୁ ଅପରାଧି ଠାବ କରିବାକୁ ଅଧିକ ସମୟ ଲାଗୁଥିବାର ଦେକାଯାଉଛି ।

# ରାଜ୍ୟ ସରକାର ଚଞ୍ଚକତା ଅଭ୍ୟାସ ପରିହାର କରନ୍ତୁ : ବିଷ୍ଣୁ ସେଠୀ




ଭଦ୍ରକ,୨୪।୧୨ (ନି.ପ୍ର): କେନ୍ଦ୍ରରେ ଥିବା ବିଜେପି ସରକାର ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବହୁମୁଖୀ ଜନକଲ୍ୟାଣ ଯୋଜନା ମଧ୍ୟରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅନ୍ୟତମ। ପ୍ରଧାନମନ୍ତ୍ରୀଙ୍କ ଘୋଷଣା ମୁତାବକ ଭାରତର କୌଣସି ପ୍ରାନ୍ତରରେ ସାଧାରଣରୁ ସାଧାରଣ ମଣିଷ ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ପକ୍କା ଘରଟିଏ ପାଇବାକୁ ହକ୍‌ଦାର। ଏହି ଯୋଜନାରେ ଗ୍ରାମାଞ୍ଚଳରେ ପ୍ରଧାନମନ୍ତ୍ରୀ ଆବାସ ଘର ତିଆରି ହୋଇଛି। ମାତ୍ର ଦୁଃଖ ଓ ପରିତାପର ବିଷୟ ଏହି ଯେ, ଓଡ଼ିଶାରେ ପ୍ରତିଷ୍ଠିତ ନବୀନ ପଟ୍ଟନାୟକ ସରକାର ଅଭ୍ୟାସଗତ ଭାବେ ପ୍ରତି କେନ୍ଦ୍ରୀୟ ଯୋଜନାକୁ ରାଜ୍ୟ ଯୋଜନା ବୋଲି ସର୍ବ ସାଧାରଣରେ ପ୍ରକାଶ କରି ଓଡ଼ିଶାବାସୀଙ୍କୁ ଭୂଆଁ ବୁଲାଉଛନ୍ତି ବୋଲି ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ ଏଠାରେ କହିଛନ୍ତି। ଆଜି ଭଦ୍ରକ ଜିଲ୍ଲା ବିଜେପି କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସେଠୀ ଏହା କହିବା ସହିତ ରାଜ୍ୟ ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସରଳ ଭାବେ ବିଜୁ ବାବୁଙ୍କ ନାମକୁ ଯୋଡି ତାହା ଓଡ଼ିଶା ସରକାରଙ୍କ ଯୋଜନା ବୋଲି ପ୍ରତୀତ କରୁଛନ୍ତି। ଯେପରିକି ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା ବଦଳରେ ବିଜୁ ପକ୍କାଘର ଯୋଜନା ବୋଲି ଉଲ୍ଲେଖ କରି ହିତାଧିକାରୀଙ୍କ କାନ୍ଥରେ କିମ୍ବା ସର୍ବସାଧାରଣରେ ପ୍ରଚାରପତ୍ର ମାରୁଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ 'ପ୍ର.ଆ.ଯୋ' ବୋଲି ପ୍ରଚାରପତ୍ରରେ ଉଲ୍ଲେଖ କରୁଥିଲା ବେଳେ ବିଜୁ ପକ୍କାଘର ଯୋଜନାକୁ 'ବି.ପ.ଯୋ. କାହିଁକି ଲେଖୁ ନାହାନ୍ତି ବୋଲି ଶ୍ରୀ ସେଠୀ ପ୍ରଶ୍ନ କରିଥିଲେ। ବାସ୍ତବରେ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ। ଏଭଳି ଅଗଣତାନ୍ତ୍ରିକ ପ୍ରକ୍ରିୟାକୁ ବିଜେପି ପ୍ରବଳ ବିରୋଧ କରୁଛି ଏବଂ ଯେଉଁ ଯେଉଁ ସ୍ଥାନରେ ଏଭଳି ପାତର ଅନ୍ତର ପ୍ରଚାରପତ୍ର ଲାଗିଥିବ ସେଗୁଡିକୁ ସେଠୁ ବାହାର କରାଯିବା। ମୁଖ୍ୟମନ୍ତ୍ରୀ ସବୁ ହିତାଧିକାରୀଙ୍କୁ ପକ୍କା ଘରଟିଏ ମୁଣ୍ଡ ଉପରେ ତିଆରି କରିବାକୁ ବିଜୁ ବାବୁ ଯେଉଁ ସ୍ୱପ୍ନ ଦେଖିଥିଲେ ବୋଲି ଚିଠି ଲେଖିଛନ୍ତି, ତାହା ଅତ୍ୟନ୍ତ ଅମୂଳକ। କାରଣ ଷାଠିଏ ଦଶକରେ ବିଜୁବାବୁ ମୁଖ୍ୟମନ୍ତ୍ରୀ ଥିଲା ବେଳେ ସବୁ ପରିବାରକୁ 'ଟାଇଲ ଘର' ପ୍ରଦାନ କରିବାକୁ ଆହ୍ୱାନ ଦେଇଥିଲେ। ତେଣୁ ମୁଖ୍ୟମନ୍ତ୍ରୀ ମିଛ କହୁଛନ୍ତି। ଯେଉଁ ପ୍ରଶାସନିକ ଅଧିକାରୀ ଏହାକୁ କାର୍ଯ୍ୟକାରୀ କରିବାକୁ ଚେଷ୍ଟା କରିବେ ସେମାନଙ୍କ ବିରୁଦ୍ଧରେ ଥାନାରେ ଏତଲା ଦେବାକୁ ଶ୍ରୀ ସେଠୀ ଚେତବାନୀ ଦେଇଥିଲେ। ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଡାକ୍ତର ପ୍ରଦିପ ନାୟକ, ବଦ୍ରି ଧଳ, ଜିଲ୍ଲା ସଭାପତି ହେମନ୍ତ ପାଢୀ, ଉଦୟ ନାରାୟଣ ମଲ୍ଲିକ, ହରପ୍ରିୟା ସାହୁ, ଜୟପ୍ରକାଶ ମଲିକ, ଭାଗିରଥି ମହାକୁଡ, ଶଶାଙ୍କ ଦାଶ, ବୁଦ୍ଧଦେବ ଜେନା ପ୍ରମୁଖ ଯୋଗ ଦେବା ସହ ଉକ୍ତ ପ୍ରଚାରପତ୍ରକୁ ପୋଡିଥିଲେ।

# ଜଳେଶ୍ୱର ମହିଳା କଂଗ୍ରେସ ପକ୍ଷରୁ ଜିଲାପାଳଙ୍କୁ ୭ ଦଫା ଦାବି ପତ୍ର

ଜଳେଶ୍ୱର, ୨୪/୧୨ (ନିପ୍ର) : ବାଲେଶ୍ୱର ଜିଲାର ଜଳେଶ୍ୱର ମହିଳା କଂଗ୍ରେସ ପକ୍ଷରୁ ଆଜି ଗୁରୁବାର ୭ ଦଫା ସମ୍ୱଳିତ ଦାବିପତ୍ର ପ୍ରଦାନ କରାଯାଇଛି । ଚୋରା ମଦ କାରବାର ବନ୍ଦ କରିବା, ଦକ୍ଷ ଅବକାରୀ ଅଫିସର ନିଯୁକ୍ତି କରିବା, ମଦମୃତ୍ୟୁର ଶୀକାର ହୋଇଥିବା ପ୍ରତାପ କିସ୍କୁଙ୍କ ପରିବାରକୁ ସହାୟତା, ବ୍ରାଉନ୍ ସୁଗର କାରବାରରେ ଲିପ୍ତ ମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ମାଇକ୍ରୋଫାଇନାନ୍ସର ଜୁଲମ ବଂଦ କରିବା, ମହିଳା ଗ୍ରୁପ ମାନଙ୍କରେ ଉତ୍ପନ୍ନ ଦ୍ରବ୍ୟର ବଜାର ସୃଷ୍ଟି କରିବା, ମହିଳା ଓ ନାବାଳିକା ମାନଙ୍କ ଉପରେ ହେଉଥିବା ନିର୍ଯ୍ୟାତନା ବନ୍ଦ କରିବା ଇତ୍ୟାଦିକୁ ନେଇ ମହିଳା କଂଗ୍ରେସ ପକ୍ଷରୁ ଜିଲାପାଳଙ୍କୁ ଏକ ଦାବିପତ୍ର ଜଳେଶ୍ୱର ତହସିଲଦାରଙ୍କ ଜରିଆରେ ପ୍ରଦାନ କରାଯାଇଛି । ମହିଳା କଂଗ୍ରେସର କର୍ମୀମାନେ ଅବକାରୀ ଅଫିସ୍‌କୁ ଦାବି ପତ୍ର ପ୍ରଦାନ କରିବାକୁ ଆସି ବଂଦ ଥିବା ଦେଖି ଘେରାଓ କରିବା ସହ ରାସ୍ତାରୋକ କରିଥିଲେ। ଜଳେଶ୍ୱର ପୋଲିସ୍ ସହାୟତରେ ଏହା ସମାଧାନ କରାଯାଇ ସ୍ୱାଭାବିକ ହୋଇଥିଲା । ଜଳେଶ୍ୱର ମହିଳା କଂଗ୍ରେସର ରାଧାରାଣୀ ପାତ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରରେ ଅର୍ଚ୍ଚନା ନନ୍ଦୀ, ରାଜ୍ୟ ମହିଳା କଂଗ୍ରେସ ସଭାପତି ବନ୍ଦିତା ପରିଡା, କାଦମ୍ବିନୀ ରାୟ, ମଂଜୁଶ୍ରୀ ପଣ୍ଡା, ଆରତୀ ଦାସ, ସୁଦର୍ଶନ ଦାସ, କଂଗ୍ରେସ ଜିଲା ସଭାପତି ସଂଜୀବ ଗିରି, ରାଜିବ ପରିଡା, କଂଗ୍ରେସ ଟାଉନ୍ ସଭାପତି ରିଆଜ୍ ଖାଁ, ପୂର୍ବତନ ନଗରପାଳ ସୁନୀଲ ପରିଡା, ସରପଂଚ ପଦ୍ମଲୋଚନା ବେହେରା, ବିଭୁରେନ୍ଦ୍ର ଦେ, ହେମନ୍ତ ଗିରି, ଜଗଦୀଶ ନନ୍ଦୀ , ଚିତ୍ତରଂଜନ ପରିଡା, ଲକ୍ଷ୍ମୀଧର ଗିରି ପ୍ରମୁଖ ବହୁ କର୍ମୀ ଉପସ୍ଥିତ ଥିଲେ ।

## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୮ ଗିରଫ

ଭୁବନେଶ୍ୱର,୨୪।୧୨ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୮ ଜଣଙ୍କୁ ଗିରଫ କରିଥିବା ବେଳେ ୪୫୫ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୧୭,୮୪,୪୨୫ଟଙ୍କା ଜୋରିମାନା ଆଦାୟ କରାଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

# ଧାମନଗରରେ ସରକାରୀ ଧାନମଣ୍ଡିର ଶୁଭାରମ୍ଭ




ଧାମନଗର,୨୪।୧୨ (ନି.ପ୍ର): ଧାମନଗର ସେବା ସମବାୟ ସମିତି ପରିସରରେ ସରକାରୀ ଧାନମଣ୍ଡିର ଶୁଭାରମ୍ଭ କରାଯାଇଛି। ବୁଧବାର ଅପରାହ୍ନରେ ଧାମନଗର ବିଧାୟକ ବିଷ୍ଣୁ ସେଠୀ ଏହି ଧାନମଣ୍ଡିର ଶୁଭାରମ୍ଭ କରିଥିଲେ। ଏଫଏକ୍ୟୁ ମୋଟା ଧାନର କ୍ୟୁଇଣ୍ଟାଲ ପ୍ରତି ୧୮୬୮ ଓ ସରୁ ଧାନ ୧୮୮୮ ଟଙ୍କା ସରକାରୀ ଭାବେ ଧାର୍ଯ୍ୟ ଥିବାବେଳେ ଋଷୀମାନେ କିପରି ସହଜରେ ଧାନ ବିକ୍ରୟ କରି ସେମାନଙ୍କର ଉଚିତ୍ ମୂଲ୍ୟ ତୁରନ୍ତ ପାଇପାରିବେ ସେ ସମ୍ପର୍କରେ ବିଧାୟକ ଶ୍ରୀ ସେଠୀ ଉପସ୍ଥିତ ବିଭାଗୀୟ ଅଧିକାରୀ ମାନଙ୍କୁ କହିଥିଲେ। ଦେଶକୁ ଖାଦ୍ୟ ଯୋଗାଉଥିବା ଋଷୀ ଆଜି ସଂକଟରେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ଋଷୀ ମାନଙ୍କ ନିମନ୍ତେ ବହୁ କଲ୍ୟାଣକାରୀ ଯୋଜନା ହାତକୁ ନେଇଛନ୍ତିବୋଲି ସେ କହିଥିଲେ। ଜିଲ୍ଲା ପରିଷଦ ସଭ୍ୟ ମନୋରଂଜନ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମଣ୍ଡି ଉଦ୍‌ଘାଟନି ସଭାରେ ଧାମନଗର ବ୍ଲକ ଅତିରିକ୍ତ କୃଷି ଅଧିକାରୀ ରାଧାରମଣ ମହନ୍ତ, ବ୍ଲକ ଯୋଗାଣ ଅଧିକାରୀ ମନୋରଂଜନ ମହାପାତ୍ର, ସମବାୟ ବିଭାଗ ଏରିଆ ଅଫିସର ମୃତ୍ୟୁଞ୍ଜୟ ପଣ୍ଡା, ଜିଲ୍ଲା ପରିଷଦ ସଭ୍ୟ ସୁରଥଚନ୍ଦ୍ର ସେଠୀ, ସମବାୟ ବ୍ୟାଙ୍କ ଧାମନଗର ଶାଖା ପରିଚାଳକ ବିଚିତ୍ରାନନ୍ଦ ସାହୁ, ସମବାୟସମିତି ପୂର୍ବତନ ସଭାପତି ନାରାୟଣଚନ୍ଦ୍ର ମହାପାତ୍ର, ମିଲର କୈଳାଶଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇ ଧାନକିଣାରେ ଋଷୀମାନଙ୍କୁ କିପରି ସହଯୋଗ କରାଯାଇପାରିବ ସେ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିବା ସହିତ ଋଷୀମାନେ ଉଚିତ୍‌ମାନର ଧାନ ମଣ୍ଡିକୁ ଆଣିବା ପାଇଁ ଅନୁରୋଧ କରିଥିଲେ। ଶେଷରେ ସମ୍ପାଦକ ବସନ୍ତରାଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଧାମନଗର- ଅନ୍ତର୍ଗତ ଭଗବାନପୁର ଗ୍ରାମ ପଞ୍ଚାୟତ ଶ୍ରୀ ଜଗନ୍ନାଥ ସେବା ସମବାୟ ସମିତିରେ ଧାନମଣ୍ଡିକୁ ପଞ୍ଚାୟତ ସମିତି ଅଧକ୍ଷ ଅଶୋକ କୁମାର ନାୟକ ଉଦ୍‌ଘାଟନ କରିଥିବାବେଳେ ସ୍ଥାନୀୟ ସରପଞ୍ଚ ପ୍ରଫୁଲ୍ଲ କୁମାର ପାତ୍ର, ବିଭାଗୀୟ ଅଧିକାରୀଙ୍କ ସମେତ ବହୁଋଷୀ ଉପସ୍ଥିତ ଥିଲେ। ସମିତି ସମ୍ପାଦକ ପ୍ରକାଶ ଚନ୍ଦ୍ର ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପରୀହତ୍ୟା ମାମଲାର ସିବିଆଇ ତଦନ୍ତ ଦାବି

## ସଦର ବିଜେପି ପକ୍ଷରୁ ପଦଯାତ୍ରା-ବିକ୍ଷୋଭ



ବାଲେଶ୍ୱର,୨୪।୧୨ (ନି.ପ୍ର): ପରୀ ହତ୍ୟା ମାମଲାରେ ତା'ର ପିତାମାତଙ୍କୁ ଉଚିତ ନ୍ୟାୟ ପ୍ରଦାନ ଦାବିରେ ବିଜେପି ସଦରମଣ୍ଡଳ ପକ୍ଷରୁ ବିଶାଳ ପଦଯାତ୍ରା ଓ ପ୍ରତିବାଦ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି। ସଦର ବିଜେପି ନେତା ମାନସ କୁମାର ଦତ୍ତଙ୍କ ନେତୃତ୍ୱରେ କର୍ମୀ ଓ ସମର୍ଥକମାନେ ଦଳୀୟ କାର୍ଯ୍ୟାଳୟରୁ ବାହାରି ସହର ପରିକ୍ରମା ପୂର୍ବକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଆୟୋଜିତ ପ୍ରତିବାଦ କାର୍ଯ୍ୟକ୍ରମରେ ଗୌରାଙ୍ଗ ଦାସ ପୌରହିତ୍ୟ କରିଥିଲେ। ଶ୍ରୀ ଦତ୍ତଙ୍କ ସମେତ ବରଷ୍ଠ ବିଜେପି ନେତା ବିଜୟ କୁମାର ପାଣିଗ୍ରାହୀ, ଦୁକୁଲୁ ଘଡ଼େଇ, ରବିନାରାୟଣ ମହାପାତ୍ର, ଚିତ୍ତରଂଜନ ପଣ୍ଡା, ସୀତାକାନ୍ତ ସ୍ୱାଇଁ, ସତ୍ୟଜିତ୍ ମିଶ୍ର, ପିଣ୍ଟୁ ନାୟକ, ସୁଷମା ବିଶ୍ୱାଳ ପ୍ରମୁଖ ଏଥିରେ ଯୋଗଦେଇ ପରୀ ହତ୍ୟା ମାମଲାରେ ଏସଆଇଟି ତଦନ୍ତ ନାମରେ ରାଜ୍ୟ ସରକାର ଲୋକଙ୍କୁ ଭୁଆଁ ବୁଲାଉଥିବା ଆରୋପ କରିଥିଲେ। ଏହି ମାମଲାରେ ସମ୍ପୃକ୍ତ ମନ୍ତ୍ରୀଙ୍କୁ ସୁରକ୍ଷା ଦେବା ପାଇଁ ଏସଆଇଟି ଟିମ୍ ତଦନ୍ତ ନାମରେ ଫାର୍ସ ଚଲାଇଛି। ଗିରଫ ଅଭିଯୁକ୍ତଙ୍କ ଉପରେ କରାଯାଉଥିବା ଆରୋପ ସଧାରଣରେ ସନ୍ଦେହ ସୃଷ୍ଟି କରିଥିବା ବେଳେ ଏହି ମାମଲାକୁ ତୁରନ୍ତ ସିବିଆଇକୁ ହସ୍ତାନ୍ତର ପାଇଁ ବକ୍ତାମାନେ ଦାବି କରିଥିଲେ। ପରୀକୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ବଜେପିର ଏହି ଆନ୍ଦୋଳନ ଏମିତି ଜାରି ରହିବା ସହ ଆଗାମୀ ଦିନରେ ଆହୁରି ତେଜିୟାନ ହେବ ବୋଲି ସେମାନେ ଚେତାବନୀ ଦେଇଥିଲେ। ଏହି ଅବସରରେ ଦଳ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ବାଲେଶ୍ୱର ଅତିରିକ୍ତ ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା।

# ଢୋଲପୁରରେ ହିରୋକପ୍ କ୍ରିକେଟ ଟୁର୍ଣ୍ଣାମେଂଟ ଉଦ୍‌ଘାଟିତ



ନୀଳଗିରି,୨୪।୧୨ (ନି.ପ୍ର): ଔପଦା ବ୍ଲକ ଅଧିନସ୍ଥ ବାଉଁଶବଣିଆ ପଂଚାୟତର ସାନପାଟପୁର ହାଇସ୍କୁଲ ପଡିଆରେ ୨୦ ତମ ହିରୋକପ୍ କ୍ରିକେଟ ଟୁର୍ଣ୍ଣାମେଂଟ ଉଦଘାଟିତ ହୋଇଛି। ମୁଖ୍ୟ ଅତିଥି ଭାବେ ବିଜେଡି ଯୁବ ନେତା ସବ୍ୟସାଚୀ ମହାପାତ୍ର , ମୁଖ୍ୟବକ୍ତା ପୂର୍ବତନ ଖେଳାଳି ସଂଜୟ ପାତ୍ର , ସମ୍ମାନିତ ଅତିଥି ରତିକାନ୍ତ ବିଶ୍ୱାଳ ସନ୍ତୋଷ ଲେଙ୍କା , ଅଜୟ ରାଉତ ପ୍ରମୁଖ ଯୋଗଦେଇ ଟୁର୍ଣ୍ଣାମେଟକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଯୁବ ଖେଳାଳି ରମେଶ ରାଉତ ମଂଚ ପରିଚାଳନା କରିବା ସହିତ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ। ପ୍ରତିବର୍ଷ ଭଳି ଚଳିତ ବର୍ଷ ୧୦ଟି ଟିମ ଅଂଶ ଗ୍ରହଣ କରିଛନ୍ତି। ପ୍ରତ୍ୟେକ ଦିନ ୨୦ ଓଭର ବିଶିଷ୍ଟ ମ୍ୟାଚ ଅନୁଷ୍ଠିତ ହେବ। ଉଦ୍‌ଘାଟନୀ ମ୍ୟାଚ ଅଳଶୁଆ ଓ ହାଟସାହି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ହାଟସାହି ପ୍ରଥମେ ବ୍ୟାଟିଂ କରି ୧୬ ଓଭର ୨ଟି ବଲରେ ସମସ୍ତ ୱିକେଟ ହରାଇ ୧୫୦ ରନ ସଂଗ୍ରହ କରିଥିଲା। ଏହାର ପ୍ରତିବାଦରେ ଅଳଶୁଆ ଟିମ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ସମସ୍ତ ୱିକେଟ ହରାଇ ୧୧୦ ରନ ସଂଗ୍ରହ ପରାସ୍ତ ହୋଇଛି। ଏହି ମ୍ୟାଚରେ ଅଳଶୁଆ ଟିମର ମଳୟ ବେହେରା ୧୩ ବଲ ଖେଳି ୨୧ ରନ ସଂଗ୍ରହ କରିବା ସହିତ ୪ ଓଭର ବୋଲିଂ କରି ୩ଟି ୱିକେଟ ନେଇଥିବାରୁ ତାଙ୍କୁ ମ୍ୟାନଅଫ ଦି ମ୍ୟାଚ ଭାବେ ଘୋଷଣା କରାଯାଇଛି। ଖେଳକୁ ଅମ୍ପାୟାର ସନ୍ତୋଷ ଲେଙ୍କା, ପ୍ରକାଶ ମଲ୍ଲିକ ପରିଚାଳନା କରିଥିବା ବେଳେ ଧାରା ବିବରଣୀ ଟୁକୁଲୁ ଓ କୌଶିକ ଲେଙ୍କା ପ୍ରଦାନ କରିଥିଲେ।

## ନବ ନର୍ମାଣ କୃଷକ ସଂଗଠନର ଜରୁରୀ ବୈଠକ ଅନୁଷ୍ଠିତ

ନୀଳଗିରି,୨୪।୧୨ (ନି.ପ୍ର): ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଏକ ଜରୁରୀ ବୈଠକ ବରହମପୁରସ୍ଥିତ ସ୍ୱପ୍ନେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଅଛି । ଚଳିତ ବର୍ଷ ଧାନମଣ୍ଡି ପରିଚାଳନାକୁ ନେଇ ଋଷୀଙ୍କ ମଧ୍ୟରେ ଘୋର ଅସନ୍ତୋଷକୁ ନେଇ ଡିସେମ୍ବର ୨୯ ତାରିଖରେ ନୀଳଗିରି ଉପଜିଲ୍ଲାପାଳ ଅଫିସ ଘେରାଉ ପାଇଁ ବୈଠକରେ ସ୍ଥିର କରାଯାଇଅଛି। ଉକ୍ତ ବୈଠକରେ ଜିଲ୍ଲା ସଂଯୋଜକ ପୁରୁଷୋତମ ସାହୁ, ଆଇନ ଉପଦେଷ୍ଟା ଚିତରଂଜନ ଷଡ଼ଙ୍ଗୀ, ସମେତ ଭୋଳାନାଥ ବେହେରା, ଶଚିନ୍ଦ୍ର ପୃଷ୍ଟି, ବାବୁଲି ନାୟକ, କୈଳାସ ପୃଷ୍ଟି, ରଘୁରାମ, ଶଚିନ୍ଦ୍ର ସେଠୀ, ଭାସ୍କର ରାଉତ , ଅନାଦି ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

# ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓଙ୍କ ନାମରେ ନାମିତ ହେଲା ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ




ବାରିପଦା,୨୪।୧୨ (ନି.ପ୍ର): ୨୦୨୦ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ ଉଚ୍ଚଶିକ୍ଷା ବିଭାଗ ବାରିପଦାସ୍ଥିତ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟକୁ ମହାରାଜା ଶ୍ରୀରାମଚନ୍ଦ୍ର ଭଦେଓଙ୍କ ନାମରେ ନାମିତ କରାଯାଇଛି। ଏନେଇ ଆଜି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ଜାରି କରାଯାଇଛି। ଏଥିରେ କୁହାଯାଇଛି ଯେ ଓଡିଶା ବିଶ୍ୱବିଦ୍ୟାଳୟ ଆଇନ ୧୯୮୯ ଅନୁସାରେ ରାଜ୍ୟ ସରକାର ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟର ନାମକୁ ପରିବର୍ତ୍ତନ କରିଛନ୍ତି। ଏ ବିଶ୍ୱବିଦ୍ୟାଳୟ ୧୩ ଜୁଲାଇ ୧୯୯୮ରେ ସ୍ଥାପନ କରାଯାଇଥିଲା। ଆଜିଠାରୁ ଏହା ମୟୁରଭଞ୍ଜର ତତ୍କାଳୀନ ମହାରାଜା ତଥା ସ୍ୱତନ୍ତ୍ର ଓଡ଼ିଶା ଗଠନର ପୁରୋଧା ମହାରାଜା ଶ୍ରୀ ରାମଚନ୍ଦ୍ର ଭଦେଓଙ୍କ ନାମରେ ପରିଚିତ ହେବ। ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜୁ ଜନତା ଦଳ କାର୍ଯ୍ୟକାରିଣୀ ଅବସରରେ ମହାରାଜାଙ୍କ ଅବଦାନକୁ ମନେପକାଇ ବାରିପଦାସ୍ଥିତ ଏହି ବିଶ୍ୱବିଦ୍ୟାଳୟର ନାମକୁ ପରିବର୍ତ୍ତନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହାସହ ବାରିପଦାରେ ଥିବା ଶ୍ରୀ ରାମଚନ୍ଦ୍ର ପାଠାଗାର ଯାହା ଜୁବୁଲି ଲାଇବ୍ରେରୀ ଭାବରେ ପରିଚିତ ତାହାର ପୁନରୁଦ୍ଧାର ପାଇଁ ଘୋଷଣା କରିଥିଲେ। ଏହି କ୍ରମରେ ରାଜ୍ୟ ଭାଷା ସଂସ୍କୃତି ବିଭାଗ ପାଠାଗାରର ନବୀକରଣ ପାଇଁ ପଦକ୍ଷେପ ନେବାକୁ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କୁ ଆଦେଶ ଦେଇଛନ୍ତି। ଏହାକୁ ନେଇ ଜିଲ୍ଲାରେ ବିଜେଡି ବେଶ ଉତ୍ସାହିତ ଥିବା ବେଳେ ଜିଲ୍ଲାର ପ୍ରତିବ୍ଲକ ସ୍ତରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଇ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ କରାଯିବ ବୋଲି ବିଜେଡିର ରାଷ୍ଟ୍ରିୟ ପ୍ରବକ୍ତା ରାଜ୍ୟସଭା ସାଂସଦ ସସ୍ମିତ ପାତ୍ର ବାରିପଦା ବିଜୁ ଭବନ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ରାଜସ୍ୱ ମନ୍ତ୍ରୀ ତଥା ବିଜେଡି ଜିଲ୍ଲା ସଭାପତି ସୁଦାମ ମାରାଣ୍ଡି, ରାଜ୍ୟସଭା ସାଂସଦ ମମତା ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଆଜି ବାରିପଦା ଜଗନ୍ନାଥ ମନ୍ଦିରରେ ଦୀପ ଜଳାଇ ଏବଂ ବାଣ ଫୁଟାଇ ବିଜେଡି ନେତା କର୍ମୀ ମାନେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ମଧ୍ୟ ଦେଇଥିବାର ଦେକାଯାଇଛି । ତେବେ ଜିଲ୍ଲାବାସୀଙ୍କର ଦୀର୍ଘଦିନର ଦାବୀସତ୍ତ୍ୱେ ବିଶ୍ୱ ବିଦ୍ୟାଳୟରେ ନିୟମିତ ବିଷୟମାନ ନଖୋଲି କିମ୍ବା ପ୍ରଫେସର ଏବଂ ଆବଶ୍ୟକୀୟ କର୍ମଚାରୀ ନିଯୁକ୍ତ ନକରି ଅଦିବାସୀ ଅଧୁଷିତ ଅଂଚଳର ଗରୀବ ଛାତ୍ରଛାତ୍ରୀଙ୍କୁ ସେଲ୍ଫ ଫାଇନାନ୍ସିଂ ମୋଡରେ ଅର୍ଥ ଦେଇ ବିଶ୍ୱବିଦ୍ୟାଳୟରେ ପାଠ ପଢିବାକୁ ବାଧ କରାଯାଉଥିବା ବେଳେ, କେବଳ ବିଶ୍ୱ ବିଦ୍ୟାଳୟର ନାମ ପରିବର୍ତ୍ତନ କରିଦେଇ ବିଜେଡି ମହାରାଜାଙ୍କ ନାମରେ ଶସ୍ତା ରାଜନିତି କରୁଛି ଏବଂ ମହାରାଜାଙ୍କ ଜୟନ୍ତୀର ପୂର୍ବଦିନ ବିଜେପି ପ୍ରେସମିଟରେ ମହାରାଜାଙ୍କୁ ସରକାର ଯଥୋଚିତ ସମ୍ମାନ ପ୍ରଦାନ କରୁ ନଥିବାର ଅଭିଯୋଗ କରିବା ପରେ ବିଜେଡି ମହାରାଜାଙ୍କ ଜୟନ୍ତୀ ପାଳନ କରି ଏସବୁ କାର୍ଯ୍ୟକ୍ରମ କରିଛି ବୋଲି ବୋଲି ବିରୋଧୀ ବିଜେପି ପକ୍ଷରୁ ଜିଲ୍ଲା ସଭାପତି କାନ୍ଦ୍ରା ସୋରେନ ଓ ମୟୂରଭ ସାଂସଦ ଇଂ ବିଶେଶ୍ୱର ଟୁଡୁ ନିଜ ପ୍ରତିକ୍ରିୟାରେ କହିଛନ୍ତି । ସେହିପରି ଜେଏମ.ଏମ. ତରଫରୁ ମହାରାଜା ସମଗ୍ର ଓଡିଶାର ବିକାଶ କ୍ଷେତ୍ରରେ ବହୁ ଉଲ୍ଲେଖନୀୟ କାର୍ଯ୍ୟ କରିଯାଇଛନ୍ତି । ଏଣୁ ମହାରାଜାଙ୍କୁ ନିଜ ଜିଲ୍ଲା ଭିତରେ ସୀମିତ ରଖା ନଯାଇ ରାଜ୍ୟ ସ୍ତରୀୟ କୌଣଷି ଏକ ଅନୁଷ୍ଠାନର ନାମକୁ ମହାରାଜାଙ୍କ ନାମରେ ନାମିତ କରାଯିବା ଦରକାର ବୋଲି କୁହାଯାଇଛି । ଆଗକୁ ପୌର ଓ ପଂଚାୟତ ନିର୍ବାଚନ ଆସୁଥିବାରୁ ବିଜେଡି ମହାରାଜାଙ୍କ ନାମକୁ ନେଇ ରାଜନିତି କରୁଛି ବୋଲି ଜେଏମଏମ ଯୁବମୋର୍ଚ୍ଚା ପକ୍ଷରୁ ଏକ ପ୍ରେସ ବିବୃତିରେ କୁହାଯାଇଛି ।

## ବିଶିଷ୍ଟ ସ୍ୱାସ୍ଥ୍ୟକର୍ମୀଙ୍କ ପରଲୋକ

ଜଳେଶ୍ୱର, ୨୪/୧୨ (ନିପ୍ର) : ଜଳେଶ୍ୱର ମ୍ୟୁନିସିପାଲଟିର ନହଞ୍ଚରା ଗାଁରା ୧୯୩୪ ମସିହାରେ ଜନ୍ମ ଗ୍ରହଣ କରିଥିବା ନଗେନ୍ଦ୍ର ବ୍ରହ୍ମ ଜଣେ ବିଶିଷ୍ଟ ସ୍ୱାସ୍ଥ୍ୟକର୍ମୀ ଭାବେ ଏ ଅଂଚଳରେ ପରିଚିତ ଥିବା ବେଳେ ୯୫ ବର୍ଷ ବୟସରେ ଆଜି ମୃତ୍ୟୁବରଣ କରିଛନ୍ତି। ସେ ଗଂଜାମର ବ୍ରହ୍ମପୁର, କେଉଁଝର, ଜଳେଶ୍ୱରର ଖୁଆଡ, ଭୋଗରାଇ, ରେ ସ୍ୱାସ୍ଥ୍ୟକର୍ମୀଭାବେ କାମ କରି ୧୯୯୧ରେ ଚାକିରୀରୁ ଅବସର ଗ୍ରହଣ କରିଛନ୍ତି । ତାଙ୍କର ଚାରିପୁଅ, ଜଣେ ଝିଅ, ବିଧବା ସ୍ତ୍ରୀ କିରଣବାଳା ଓ ନାତି ନାତୁଣି ଉପସ୍ଥିତ ଥିଲେ । ଜ୍ୟେଷ୍ଠପୁତ୍ର ରହିଶଂକର ନିଜ ଗାଁ ଶ୍ମଶାନରେ ମୁଖାଗ୍ନି ଦେଇଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078
❒ Managing & Executive Editor : Srustidhar Parida
❒ Editor: Sairindhree Sahoo